୬ ଜିମ୍ବାୱେ ବିପକ୍ଷ ଟି୨୦ ଶୃଙ୍ଖଳା ମୂଳପୋଛ କଲା ଭାରତ




ସର୍ବାଧିକ ବିଶ୍ୱାସଯୋଗ୍ୟ ସମ୍ବାଦପତ୍ର

32 YEARS

# ସମ୍ବାଦ କଳିକା

The Sambad Kalika TM

E-mail : sambadkalikanews@gmail.com

e-paper www.sambadkalika.in

ଓଡ଼ିଶାର ଏକମାତ୍ର ISO ସ୍ୱୀକୃତିପ୍ରାପ୍ତ ସମ୍ବାଦପତ୍ର

The only ISO Certified Odia Newspaper NS-EN ISO 9001:2008

୮ ପୃଷ୍ଠା ମୂଲ୍ୟ : ୨.୦୦ ଟଙ୍କା / 8 Pages, ₹2.00

• ବର୍ଷ-୩୩ • ସଂଖ୍ୟା-୧୭୭ • ୨୭ ଜୁଲାଇ ୨୦୨୬ ସୋମବାର • ଭୁବନେଶ୍ୱର • Vol -33 • Issue-177 • 27th July 2026, Monday • Bhubaneswar

RNI Regd.No. : 52640/94 Postal Regd.No. : BN-60/25-27


# ଶ୍ରୀଜୀଉଙ୍କୁ ଲାଗିହେଲା ଅଧରପଣା : ଆଜି ନୀଳାଦ୍ରି ବିଜେ







**ପୁରୀ, ୨୬।୭ : ନ୍ୟୁଜ୍ ବ୍ୟୁରୋ**

ଆଷାଢ଼ ଶୁକ୍ଳ ଦ୍ୱାଦଶୀ ତିଥିରେ ରଥ ଉପରେ ରଥାରୂଢ଼ ଶ୍ରୀବିଗ୍ରହଙ୍କ ସମ୍ମୁଖରେ ଅଧରପଣା ପୂଜା ନୀତି ରବିବାର ରାତିରେ ସମ୍ପନ୍ନ ହୋଇଛି। ରଥ ଉପରେ ତିନି ଠାକୁରଙ୍କ ଅଧର ଉଚ୍ଚର ୯ଟି ହାଣ୍ଡିରେ ପଣା ଲାଗି ପରେ ରଥ ଉପରେ ଅଧରହାଣ୍ଡିକୁ ଭାଙ୍ଗି ଚଣ୍ଡିଚାମୁଣ୍ଡା, ଅଶରୀରୀମାନଙ୍କ ଉଦ୍ଦେଶ୍ୟରେ ପଣା ଉତ୍ସର୍ଗ କରାଯାଇଛି। ରତ୍ନସିଂହାସନ ଛାଡ଼ି ବଡ଼ଦାଣ୍ଡରେ ରଥରେ ଅବତରଣ ପରେ ମହାପ୍ରଭୁଙ୍କ ଦର୍ଶନ ସହ ମୁକ୍ତି ପାଇଁ ଘୁରି ବୁଲୁଥିବା ଚଣ୍ଡୀଚାମୁଣ୍ଡା, ଅଶରୀରୀମାନେ ତୃପ୍ତ ହୋଇଛନ୍ତି। ହଜାର ହଜାର ଭକ୍ତ ରବିବାର ମହାପ୍ରଭୁଙ୍କ ଏହି ଅଧର ନୀତି ଦର୍ଶନ କରିଛନ୍ତି। ଏଥିପାଇଁ ସିଂହଦ୍ୱାର, ବଡ଼ଦାଣ୍ଡ ଲୋକାରଣ୍ୟ ହୋଇଛି।

ପ୍ରଥମେ ରାତି ପ୍ରାୟ ୯ଟା ୧୫ରେ ବଡ଼ଠାକୁର ଶ୍ରୀବଳଭଦ୍ରଙ୍କ ଅଧରହାଣ୍ଡି ଭଙ୍ଗାଯାଇଥିଲା। ତା' ପରେ ମା' ସୁଭଦ୍ରାଙ୍କ ଅଧର ନୀତି ସମ୍ପନ୍ନ ହୋଇ ରାତି ୯ଟା ୩୦ରେ ହାଣ୍ଡି ଭଙ୍ଗା ଯାଇଥିଲା। ଶେଷରେ ରାତି ୯ଟା ୪୩ରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଅଧରହାଣ୍ଡି ଭଙ୍ଗା ସହ ଅଧରନୀତି ଶେଷ ହୋଇଥିଲା।

ଅଧରପଣା ନୀତି ସମ୍ପନ୍ନ ହେଲା ପରେ ନୀଳକନ୍ଦରକୁ ନୀଳାଦ୍ରିନାଥ ବିଜେ ପାଇଁ ତତ୍ପରତା ପ୍ରକାଶ ପାଇଛି। ୧୨ ଦିନର ଲୀଳାଖେଳା ପରେ ସୋମବାର ନୀଳାଦ୍ରି ବିଜେ ହେବେ। ଅଭିମାନ କରିଥିବା ମହାଲକ୍ଷ୍ମୀଙ୍କୁ ରସଗୋଲା ଭୋଗ ଖୁଆଇ ମାନଭଞ୍ଜନ କରିବେ ମହାପ୍ରଭୁ। ସିଂହଦ୍ୱାରରେ ଦେଖିବାକୁ ମିଳିବ ଏହି ମାନବୀୟ ଲୀଳା। ରଥରୁ ଚତୁର୍ଦ୍ଧା ବିଗ୍ରହ ଗୋଟି ପହଣ୍ଡିରେ ରତ୍ନ ସିଂହାସନକୁ ବିଜେ କରିବେ। ନୀଳାଦ୍ରି ବିଜେ ପାଇଁ ପ୍ରସ୍ତୁତି ଆରମ୍ଭ ହୋଇଛି। ଶ୍ରୀମନ୍ଦିରରେ ଏନେଇ ସ୍ୱତନ୍ତ୍ର ନୀତିକାନ୍ତି କରାଯିବ। ସୋମବାର ତ୍ରୟୋଦଶୀରେ ପ୍ରାତଃ ୪ଟାରୁ ମଙ୍ଗଳ ଆଳତି କରାଯିବ।

ସୂଚନା ଅନୁସାରେ ବାହୁଡ଼ା ଦଶମୀ ଦିନ ତିନି ହାଣ୍ଡି, ଏକାଦଶୀ ତିଥିରେ ତିନି ହାଣ୍ଡି ଓ ଦ୍ୱାଦଶୀ ଦିନ ତିନି ହାଣ୍ଡି ଏହିପରି ନଅ ହାଣ୍ଡି ଅଧର ପଣା ଓ ଶ୍ରୀବଳଭଦ୍ରଙ୍କ ରଥରେ ରାମ, କୃଷ୍ଣଙ୍କ ଉଦ୍ଦେଶ୍ୟରେ ୨ ହାଣ୍ଡି (ସାନ) ଓ ଶ୍ରୀଜଗନ୍ନାଥଙ୍କର ରଥରେ ମଦନମୋହନ ଠାକୁରଙ୍କ ନିମିତ୍ତ ୧ ହାଣ୍ଡି (ସାନ) କ୍ରମରେ ମୋଟ୍ ୧୨ ହାଣ୍ଡି ଅଧରପଣା ଭୋଗ ହେଉଥିଲା। ସମ୍ପ୍ରତି ତିନି ରଥ ପାଇଁ ଦ୍ୱାଦଶୀ ଦିନ ମୋଟ୍ ୯ ହାଣ୍ଡି ଅଧର ପଣା ଭୋଗ ହେଉଅଛି। ଆଷାଢ଼ ଶୁକ୍ଳ ଏକାଦଶୀ ଦିନ ରଥ ଉପରେ ଠାକୁରମାନଙ୍କ ମଧ୍ୟାହ୍ନ ଧୂପଶେଷ ହେବାପରେ ଅଧର ପଣା ପ୍ରସ୍ତୁତି ଓ ନୀତି ଆରମ୍ଭ ହୁଏ। ମନ୍ଦିର ପ୍ରଶାସନ, ରାଘବ ଦାସ ଓ ବଡ଼ ଓଡ଼ିଆ ମଠ ପ୍ରଦତ୍ତ ଛାଚି, ସର, କଦଳୀ, ଛେନା, ଗୋଲମରିଚଗୁଣ୍ଡ, କର୍ପୂର ଜାଇଫଳ ଇତ୍ୟାଦି ପଣା ଦ୍ରବ୍ୟ ସାମଗ୍ରୀ ପାଳିଆ ମହାସୁଆର ରଥଉପରେ ରଖିଥାନ୍ତି।

ପ୍ରତ୍ୟେକ ଠାକୁରଙ୍କ ସମ୍ମୁଖରେ ରଥ ଉପରେ ଭୋଗ ହେଉଥିବା ସ୍ଥାନରେ ମହାପ୍ରଭୁମାନଙ୍କ ଶ୍ରୀଅଧର ଉଚ୍ଚ ଥିବା ତୁମ୍ବ ଆକୃତି ଭଳି ମାଟିର ତିନୋଟିହାଣ୍ଡି ରଖାଯାଏ। ପ୍ରତ୍ୟେକ ହାଣ୍ଡି ସମାନ ମାପର ହୋଇ ନଥାଏ। ପୂର୍ବରୁ ପାଣିଆ ଆପଟ ସେବକମାନେ ସିଂହଦ୍ୱାର *(ପୃଷ୍ଠା ୭ରେ)*

## ପ୍ରଧାନମନ୍ତ୍ରୀଙ୍କ 'ମନ୍ କି ବାତ୍' କାର୍ଗିଲ ବିଜୟ ଦିବସ ଦେଶର ବୀରତ୍ୱ ଏବଂ ବଳିଦାନର ଏକ ଅମର ଗାଥା



**ନୂଆଦିଲ୍ଲୀ, ୨୬।୭**

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ରବିବାର 'ମନ୍ କି ବାତ୍'ର ୧୩୬ତମ ଏପିସୋଡ୍‌ରେ ସମ୍ବୋଧିତ କରି କାର୍ଗିଲ ବିଜୟ ଦିବସ ସମ୍ପର୍କରେ କହି ସହିଦ ସୈନିକମାନଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି। ସେ କହିଛନ୍ତି ଯେ, କାର୍ଗିଲ ବିଜୟ ଦିବସ ଏପରି ଏକ ତାରିଖ ଯାହାକୁ ମନେ ରଖିବା ପାଇଁ କୌଣସି ଦିନର ଆବଶ୍ୟକତା ନାହିଁ।ପ୍ରଧାନମନ୍ତ୍ରୀ କହିଛନ୍ତି, କଠିନ ଚ୍ୟାଲେଞ୍ଜ ସତ୍ତ୍ୱେ, ଭାରତୀୟ ସୈନିକମାନେ ହାର ମାନି ନଥିଲେ ଏବଂ ଦେଶକୁ ବିଜୟ ଆଡ଼କୁ ନେଇଯାଇଥିଲେ। ଏଥର, ଏହି ସାହସୀ ସୈନିକମାନଙ୍କ ସ୍ମୃତିରେ ଚଳିତ ବର୍ଷ ଦିଲ୍ଲୀରୁ ଦ୍ରାସ ପର୍ଯ୍ୟନ୍ତ ଏକ ସ୍ୱତନ୍ତ୍ର ଶୌର୍ଯ୍ୟ ଯାତ୍ରା ଆୟୋଜନ କରାଯାଉଛି। ସ୍ୱଦେଶୀ ପ୍ରତିରକ୍ଷା ପ୍ରଯୁକ୍ତିବିଦ୍ୟା ବିଷୟରେ ଉଲ୍ଲେଖ କରି ସେ କହିଛନ୍ତି ଯେ, ଚଳିତ ବର୍ଷ ଆଇଏନଏସ ମହେନ୍ଦ୍ରଗିରିକୁ ନୌସେନାରେ ସାମିଲ କରାଯାଇଛି ଏବଂ ପିନାକା କ୍ଷେପଣାସ୍ତ୍ରର ସଫଳତାର ସହିତ ପରୀକ୍ଷଣ କରାଯାଇଛି। ସେ ସ୍ୱଦେଶୀ ପ୍ରତିରକ୍ଷା ପ୍ରଯୁକ୍ତିବିଦ୍ୟା, ଜଳ ସଂରକ୍ଷଣ ଏବଂ କ୍ୟାଚ୍ ଦି ରେନ୍ ଅଭିଯାନ ବିଷୟରେ ମଧ୍ୟ ଉଲ୍ଲେଖ କରି କହିଛନ୍ତି, ଯେ ଭାରତ ପ୍ରତିରକ୍ଷା କ୍ଷେତ୍ରରେ ଆତ୍ମନିର୍ଭରଶୀଳ ହେଉଛି। ଜଳ ସଂରକ୍ଷଣ ପାଇଁ ଏକ ଦେଶବ୍ୟାପୀ ଅଭିଯାନ ଚାଲିଛି ଏବଂ ମଧ୍ୟପ୍ରଦେଶରେ ୪,୦୦୦ ପୋଖରୀ ନିର୍ମାଣ କରାଯାଇଛି।

ପ୍ରଧାନମନ୍ତ୍ରୀ ମୋଦୀ କହିଛନ୍ତି, କିଛି ଦିନ ପୂର୍ବରୁ ରାଜ୍ୟଗୋଷ୍ଠୀ କ୍ରୀଡ଼ା ଆରମ୍ଭ ହୋଇଛି। ଆମର ଯୁବପିଢ଼ି ସମ୍ପ୍ରତି କ୍ରୀଡ଼ାରେ ଅନେକ ଉଲ୍ଲେଖନୀୟ ସଫଳତା ହାସଲ କରିଛନ୍ତି। ପିଭି ସିନ୍ଧୁ ଜାପାନ ଓପନ୍ ବ୍ୟାଡମିଣ୍ଟନ୍ ଟାଇଟଲ୍ ଜିତିଥିବା ପ୍ରଥମ ଭାରତୀୟ ହୋଇଛନ୍ତି। ସମଗ୍ର ଦେଶ ତାଙ୍କ ସଫଳତା ପାଇଁ ଗର୍ବିତ। ଭାରତୀୟ ମହିଳା କ୍ରିକେଟ୍ ଦଳ ଲଣ୍ଡନର ଲର୍ଡସ୍ ଷ୍ଟାଡିୟମରେ ମଧ୍ୟ ପ୍ରଥମ ଟେଷ୍ଟ ମ୍ୟାଚ୍ ଜିତିଥିଲା। ଏହା ଏକ ଐତିହାସିକ ବିଜୟ। କିଛି ଛୋଟ ପ୍ରୟାସ ଅଛି ଯାହାର ଅର୍ଥ ବହୁତ କିଛି। ମୁଁ କେରଳର ଏର୍ନାକୁଲମର ଦକ୍ଷିଣ ଚିତ୍ତୁରରେ *(ପୃଷ୍ଠା ୭ରେ)*

## ଆନ୍ଦୋଳନ ପ୍ରତ୍ୟାହାର କଲା ସିଜେପି

**ନୂଆଦିଲ୍ଲୀ, ୨୬।୭**

ସିଜେପି ଆନ୍ଦୋଳନ ପ୍ରତ୍ୟାହାର କରିଛି। ସିଜେପି ମୁଖପାତ୍ର ଆଶୁତୋଷ ରାଙ୍କା କହିଛନ୍ତି ଯେ ଆମର ତିନୋଟି ଦାବି ଥିଲା। ଧର୍ମେନ୍ଦ୍ର ପ୍ରଧାନ ଇସ୍ତଫା ଦେଇଛନ୍ତି। ଏବେ ଆମେ ୧ କୋଟି ଟଙ୍କା କ୍ଷତିପୂରଣ ଏବଂ ମାମଲା ପ୍ରତ୍ୟାହାର ଦାବି କରିଛୁ। ସରକାରଙ୍କ ସହିତ ତିନି ପର୍ଯ୍ୟାୟ ଆଲୋଚନା ହୋଇଥିଲା। ସୌରଭ ଦାସ କହିଛନ୍ତି ଯେ ସମସ୍ତ ମାମଲା ପ୍ରତ୍ୟାହାର କରାଯିବ ଏବଂ ଏଫଆଇଆରର କପି ବାଣ୍ଟି ଦିଆଯିବ। ସରକାର ଆମର ଦ୍ୱିତୀୟ ଦାବି ମଧ୍ୟ ଗ୍ରହଣ କରିଛନ୍ତି। ଆମେ ମାମଲା ପ୍ରତ୍ୟାହାର କରିବାର ପ୍ରତିଶ୍ରୁତି ପାଇଛୁ। ଆନ୍ଦୋଳନକାରୀ ଛାତ୍ରମାନଙ୍କ ବିରୁଦ୍ଧରେ ଭବିଷ୍ୟତରେ କୌଣସି କାର୍ଯ୍ୟାନୁଷ୍ଠାନ ହେବ ନାହିଁ। ଜେପି ନଡ୍ଡା କହିଛନ୍ତି ଯେ ସିଜେପିଙ୍କ ଦ୍ୱାରା ଦିଆଯାଇଥିବା *(ପୃଷ୍ଠା ୭ରେ)*

## ପିଓକେ ଭାରତର ଅବିଚ୍ଛେଦ୍ୟ ଅଙ୍ଗ, ପାକିସ୍ତାନ ସହ ଆଲୋଚନା ହେଲେ ଏ ପ୍ରସଙ୍ଗ ଉଠାଇବୁ

**ଦ୍ରାସ, ୨୬।୭**

ରବିବାର ଦିନ ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂ କହିଛନ୍ତି ଯେ ଭାରତ କେବଳ ପାକିସ୍ତାନ ଅଧିକୃତ କଶ୍ମୀର (ପିଓକେ) ପ୍ରସଙ୍ଗରେ ପାକିସ୍ତାନ ସହିତ ଆଲୋଚନା କରିବ। ଦ୍ରାସର କାର୍ଗିଲ ଯୁଦ୍ଧ ସ୍ମାରକୀରେ କାର୍ଗିଲ ବିଜୟ ଦିବସ ସମାରୋହକୁ ସମ୍ବୋଧିତ କରିବା ସମୟରେ ଶ୍ରୀ ସିଂ ଏହି ଘୋଷଣା କରିଥିଲେ। ପ୍ରତିରକ୍ଷା ମନ୍ତ୍ରୀ କହିଛନ୍ତି ଯେ ପଡ଼ୋଶୀ ଦେଶ ସହିତ ଭବିଷ୍ୟତରେ ଯେକୌଣସି ଆଲୋଚନା କେବଳ ପିଓକେ ପ୍ରସଙ୍ଗରେ ହେବ। ପିଓକେ ଭାରତର ଏକ ଅବିଚ୍ଛେଦ୍ୟ ଅଙ୍ଗ।

ସେ କହିଥିଲେ ଯେ ପାକିସ୍ତାନ ନିଜର ରାଷ୍ଟ୍ରୀୟ ନୀତିର ଅଂଶବିଶେଷ ଭାବେ ଆତଙ୍କବାଦକୁ ସଂସ୍ଥାଗତ କରିଛି ଏବଂ ଏହାର ସାମରିକ ପ୍ରତିଷ୍ଠାନ ଓ ଆତଙ୍କବାଦୀ



ସଙ୍ଗଠନ ମଧ୍ୟରେ କୌଣସି ପାର୍ଥକ୍ୟ ନାହିଁ। ଶ୍ରୀ ସିଂ କହିଛନ୍ତି ଯେ ଭାରତୀୟ ସେନା 'ଅପରେସନ୍ ସିନ୍ଦୁର' ମାଧ୍ୟମରେ ଆତଙ୍କବାଦୀ ଏବଂ ସେମାନଙ୍କ ସମର୍ଥକମାନଙ୍କୁ ଉପଯୁକ୍ତ ଜବାବ ଦେଇଛି ଯେ ଭାରତ ଯେକୌଣସି ଶତ୍ରୁତାପୂର୍ଣ୍ଣ କାର୍ଯ୍ୟାନୁଷ୍ଠାନର ଆହୁରି ଅଧିକ ଶକ୍ତି ସହିତ ଜବାବ ଦେବାକୁ ସକ୍ଷମ। ଭାରତର ସାର୍ବଭୌମତ୍ୱ ପ୍ରତି ବିପଦ ସୃଷ୍ଟି କରିବାର ଯେକୌଣସି ପ୍ରୟାସର ଉପଯୁକ୍ତ ଜବାବ ଆମ ସଶସ୍ତ୍ର ବାହିନୀ ଦେବ ବୋଲି ସେ କହିଛନ୍ତି।

୧୯୯୯ କାରଗିଲ ଯୁଦ୍ଧରେ ସହିଦ ହୋଇଥିବା ସୈନିକମାନଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରି ପ୍ରତିରକ୍ଷା ମନ୍ତ୍ରୀ ଏହି ସଂଘର୍ଷକୁ କେବଳ ଏକ ସାମରିକ ଏବଂ କୂଟନୈତିକ ବିଜୟ ନୁହେଁ ବରଂ ଏକ ଐତିହାସିକ ମୁହୂର୍ତ୍ତ ବୋଲି ବର୍ଣ୍ଣନା କରିଥିଲେ ଯାହା ବିଶ୍ୱ ସମ୍ମୁଖରେ ଭାରତୀୟ ସୈନିକମାନଙ୍କ ସାହସ, ଦୃଢ଼ ସଂକଳ୍ପ ଏବଂ ସର୍ବୋଚ୍ଚ ବଳିଦାନକୁ ପ୍ରଦର୍ଶିତ କରିଥିଲା। ସେ କହିଥିଲେ ଯେ କାର୍ଗିଲ ଯୁଦ୍ଧ ସ୍ମାରକୀରେ ଖୋଦିତ ଶହୀଦମାନଙ୍କ ନାମ ଦେଶର ପ୍ରତ୍ୟେକ ଅଞ୍ଚଳ, ଧର୍ମ ଏବଂ ସମ୍ପ୍ରଦାୟର ପ୍ରତିନିଧିତ୍ୱ କରିଥାଏ, ଯାହା ଭାରତର ଏକତାକୁ ପ୍ରତିଫଳିତ କରିଥାଏ ଏବଂ ଦେଶକୁ ବିଭାଜିତ କରିବାକୁ ଚେଷ୍ଟା କରୁଥିବା ଲୋକମାନଙ୍କ ପାଇଁ ଏକ ଦୃଢ଼ ବାର୍ତ୍ତା ପ୍ରେରଣ କରିଥାଏ।

## ରୁଷିଆ-ୟୁକ୍ରେନ୍ ବିବାଦୀୟ ଅଞ୍ଚଳରେ କାର୍ଯ୍ୟ କରୁଥିବା ଭାରତୀୟ ନାଗରିକଙ୍କ ପାଇଁ ପରାମର୍ଶ ଜାରି

**ନୂଆଦିଲ୍ଲୀ, ୨୬।୭**

ବୈଦେଶିକ ମନ୍ତ୍ରଣାଳୟ ଏକ ପରାମର୍ଶ ଜାରି କରି ରୁଷ-ୟୁକ୍ରେନ୍ ବିବାଦ କାରଣରୁ କଳା ସାଗର ଏବଂ ଏହାର ଆଖପାଖ ଅଞ୍ଚଳରେ ସୁରକ୍ଷା ପରିସ୍ଥିତିକୁ ଅତ୍ୟଧିକ ଅସ୍ଥିର ବୋଲି କହିଛି। ମନ୍ତ୍ରଣାଳୟ କହିଛି ଯେ ବିବାଦ ଅଞ୍ଚଳରେ ଚାଲୁଥିବା ବାଣିଜ୍ୟିକ ଜାହାଜରେ ନିଯୁକ୍ତି ଚାହୁଁଥିବା ଭାରତୀୟ ନାଗରିକମାନେ ବର୍ତ୍ତମାନର ସୁରକ୍ଷା ବିପଦକୁ ଯତ୍ନର ସହ ଆକଳନ କରିବା ଉଚିତ୍।

ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟ ଅନୁଯାୟୀ, ଭାରତୀୟ ନାଗରିକମାନେ ଯେଉଁମାନେ ବିବାଦ ଅଞ୍ଚଳ ଦେଇ ଯାଉଥିବା ବାଣିଜ୍ୟିକ ଜାହାଜରେ କାମ କରିବାକୁ ଚାହାଁନ୍ତି ସେମାନେ ପ୍ରଥମେ ବିଦ୍ୟମାନ ସୁରକ୍ଷା ବିପଦକୁ ଯତ୍ନର ସହିତ ଆକଳନ କରିବା ଆବଶ୍ୟକ। ବେସାମରିକ ନିଯୁକ୍ତିଦାତା-ନିଯୁକ୍ତି ଏଜେନ୍ସି, ଜାହାଜ ପରିଚାଳକମାନଙ୍କ ଠାରୁ ଜାହାଜର ପ୍ରସ୍ତାବିତ ମାର୍ଗ, ବନ୍ଦର ବନ୍ଦ କରିବା, ସୁରକ୍ଷା ବ୍ୟବସ୍ଥା, ବୀମା କଭରେଜ୍ ଏବଂ ଜରୁରୀକାଳୀନ ପ୍ରତିକ୍ରିୟା ପ୍ରକ୍ରିୟା ବିଷୟରେ ସମ୍ପୂର୍ଣ୍ଣ ସୂଚନା ପ୍ରାପ୍ତ କରନ୍ତୁ।

ଏହା ବ୍ୟତୀତ, ସୁନିଶ୍ଚିତ କରନ୍ତୁ ଯେ ନିଯୁକ୍ତିର ସର୍ତ୍ତାବଳୀ ପ୍ରଯୁଜ୍ୟ ଅନ୍ତର୍ଜାତୀୟ ସାମୁଦ୍ରିକ ମାନକ ସହିତ ସୁସଂଗତ ଏବଂ ଜରୁରୀକାଳୀନ ପରିସ୍ଥିତିରେ ଚିକିତ୍ସା ଯତ୍ନ, ସ୍ଥାନାନ୍ତର, ପ୍ରତ୍ୟାବର୍ତ୍ତନ ଏବଂ କ୍ଷତିପୂରଣ ପାଇଁ ପର୍ଯ୍ୟାପ୍ତ ବ୍ୟବସ୍ଥା ଅଛି। ଆପଣଙ୍କ ପରିବାର ସଦସ୍ୟମାନଙ୍କୁ ଆପଣଙ୍କ ଭ୍ରମଣ ଯୋଜନା ବିଷୟରେ ଅବଗତ ରଖନ୍ତୁ ଏବଂ ନିୟମିତ ଯୋଗାଯୋଗ ବଜାୟ ରଖନ୍ତୁ।

ସାମୁଦ୍ରିକ ପ୍ରଶାସନ *(ପୃଷ୍ଠା ୭ରେ)*

## କେନ୍ଦ୍ର ଶିକ୍ଷା ମନ୍ତ୍ରଣାଳୟର ଦାୟିତ୍ୱ ନେଲେ ପ୍ରହ୍ଲାଦ ଯୋଶୀ



**ନୂଆଦିଲ୍ଲୀ, ୨୬।୭**

କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଇସ୍ତଫା ପରେ କେନ୍ଦ୍ର ସରକାରଙ୍କ ଶିକ୍ଷା ମନ୍ତ୍ରଣାଳୟର ଅତିରିକ୍ତ ଦାୟିତ୍ୱ ନେଇଛନ୍ତି ପ୍ରହ୍ଲାଦ ଯୋଶୀ। ପ୍ରହ୍ଲାଦ ଯୋଶୀ ଖାଦ୍ୟ, ସାଧାରଣ ବଣ୍ଟନ ଓ ଉପଭୋକ୍ତା ବ୍ୟାପାର ମନ୍ତ୍ରଣାଳୟର ଦାୟିତ୍ୱ ସହ ଶିକ୍ଷା ମନ୍ତ୍ରଣାଳୟର କାର୍ଯ୍ୟଭାର ମଧ୍ୟ ସମ୍ଭାଳିବେ। ରବିବାର ସେ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଭାବେ କାର୍ଯ୍ୟଭାର ଗ୍ରହଣ କରିଛନ୍ତି। କାର୍ଯ୍ୟଭାର ଗ୍ରହଣ ପରେ ପ୍ରହ୍ଲାଦ ଯୋଶୀ କହିଛନ୍ତି ଯେ, ସେ ଏହି ଦାୟିତ୍ୱକୁ କର୍ତ୍ତବ୍ୟବୋଧ ଓ ବିନମ୍ରତାର ସହ *(ପୃଷ୍ଠା ୭ରେ)*

## ଆଜିର ମୁଖ୍ୟ ଖବର

- ଦିଲ୍ଲୀରେ ସଂଖ୍ୟାଲଘୁ ଆୟୋଗ ଏବଂ ମହିଳା ଆୟୋଗ ଅଧ୍ୟକ୍ଷଙ୍କ ନିଯୁକ୍ତି।
- ଭାରତୀୟ ସେନାର ଯୋଦ୍ଧାମାନେ ଅତୁଳନୀୟ, କାରଗିଲରେ ଦିଆଯାଇଥିବା ବଳିଦାନ ପିଢ଼ି ପରେ ପିଢ଼ି ପ୍ରେରଣା ଯୋଗାଇବ: ସେନା ମୁଖ୍ୟ।
- ମଣିପୁରରେ ସୁରକ୍ଷା ବାହିନୀ ଦ୍ୱାରା ବଡ଼ କାର୍ଯ୍ୟାନୁଷ୍ଠାନ, ଅସ୍ତ୍ରଶସ୍ତ୍ର, ଡ୍ରଗ୍ସ ଏବଂ ନଗଦ ଟଙ୍କା ଉଦ୍ଧାର : ଅନେକ ଉଗ୍ରବାଦୀ ଗିରଫ।
- ୟୁନେସ୍କୋ ବିଶ୍ୱ ଐତିହ୍ୟ ତାଲିକାରେ ସାମିଲ ହେଲା ସାରନାଥ, ଚତୁର୍ଥ ବିଶ୍ୱ ଐତିହ୍ୟ ସ୍ଥଳ ହେଲା ଉତ୍ତର ପ୍ରଦେଶ।

## ପରୀକ୍ଷା ସଂସ୍କାର ପାଇଁ ଉଚ୍ଚସ୍ତରୀୟ ଟାସ୍କ ଫୋର୍ସ ଗଠିତ

**ନୂଆଦିଲ୍ଲୀ, ୨୬।୭**

ପ୍ରସିଦ୍ଧ ପ୍ରଯୁକ୍ତି ବିଶେଷଜ୍ଞ ନନ୍ଦନ ନିଲେକଣିଙ୍କ ନେତୃତ୍ୱରେ ପରୀକ୍ଷା ସଂସ୍କାର ପାଇଁ ଏକ ଉଚ୍ଚସ୍ତରୀୟ ଟାସ୍କ ଫୋର୍ସ ଗଠନ କରାଯାଇଛି। ପ୍ରଧାନମନ୍ତ୍ରୀ ତାଙ୍କ ଇନ୍‌ଷ୍ଟା ଭିଡିଓ ବାର୍ତ୍ତାରେ ଏହି ସୂଚନା ଦେଇଛନ୍ତି।

ପ୍ରଧାନମନ୍ତ୍ରୀ କହିଛନ୍ତି ଯେ, ଶିକ୍ଷା ପ୍ରଣାଳୀରେ ବିଶ୍ୱାସ, ପାରଦର୍ଶିତା ଓ ଅଧିକ ପ୍ରଯୁକ୍ତି ବ୍ୟବହାରକୁ ମନେରଖି, ବିଶ୍ୱ ବିଖ୍ୟାତ ପ୍ରଯୁକ୍ତି ବିଶେଷଜ୍ଞ ନନ୍ଦନ ନିଲେକଣିଙ୍କ ନେତୃତ୍ୱରେ ଏହି ଉଚ୍ଚାଧିକାର ପ୍ରାପ୍ତ କାର୍ଯ୍ୟବଳ ଗଠନର ସିଦ୍ଧାନ୍ତ ନିଆଯାଇଛି। ଏହି କାର୍ଯ୍ୟବଳ 'ପରୀକ୍ଷା ସଂସ୍କାର' ଉପରେ କେନ୍ଦ୍ରିତ ହେବ ଏବଂ ଏହାର ରିପୋର୍ଟ ଆଧାରରେ ଆଗାମୀ ପରୀକ୍ଷାମାନଙ୍କର ବିଶ୍ୱସନୀୟତା ଶୀଘ୍ର ସୁନିଶ୍ଚିତ କରାଯିବ।

ସେ ଆହୁରି କହିଛନ୍ତି ଯେ, ଛାତ୍ରଛାତ୍ରୀଙ୍କ ଭବିଷ୍ୟତ ସୁରକ୍ଷିତ କରିବା ପାଇଁ କେନ୍ଦ୍ର ସରକାର ଲଗାତାର ବିଭିନ୍ନ ପଦକ୍ଷେପ ନେଉଛନ୍ତି। ଛାତ୍ରଛାତ୍ରୀଙ୍କ ଭବିଷ୍ୟତ ସହ ଖେଳ କରୁଥିବା ଅଭିଯୁକ୍ତମାନେ ଜେଲରେ ଅଟକ ରହିଛନ୍ତି। ଫାଷ୍ଟ ଟ୍ରାକ୍ କୋର୍ଟ ଗଠନ କରାଯାଇଛି ଏବଂ ସଂସଦରେ ମଧ୍ୟ କଠୋର ବ୍ୟବସ୍ଥା ସହିତ ନୂଆ ଆଇନ ଆଣିବା ପ୍ରକ୍ରିୟା ଚାଲିଛି। ଉଲ୍ଲେଖନୀୟ ଯେ, ପରୀକ୍ଷା ପ୍ରଶ୍ନପତ୍ର ଲିକ୍ ବିରୋଧରେ *(ପୃଷ୍ଠା ୭ରେ)*

## ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ସ୍ୱାଗତ

**ଭୁବନେଶ୍ୱର, ୨୬।୭**
**ନ୍ୟୁଜ୍ ବ୍ୟୁରୋ**

ଓଡ଼ିଶାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ପରୀକ୍ଷା ସଂସ୍କାର ପାଇଁ ଉଚ୍ଚସ୍ତରୀୟ ଟାସ୍କ ଫୋର୍ସ ଗଠନକୁ ସ୍ୱାଗତ କରି ଏହାକୁ ଏକ ଐତିହାସିକ ପଦକ୍ଷେପ ବୋଲି ବର୍ଣ୍ଣନା କରିଛନ୍ତି। ମୁଖ୍ୟମନ୍ତ୍ରୀ ତାଙ୍କ ସୋସିଆଲ ମିଡିଆ ବାର୍ତ୍ତାରେ *(ପୃଷ୍ଠା ୭ରେ)*




## ଏକାଳ ପଖାଳ



ଆୟରଲାଣ୍ଡ ଆଉ ଇଂଲଣ୍ଡ
ମାରିଥିଲେ ବଡ ଯୋର
ଏବେ ଜିମ୍ବାୱେକୁ ଶିକାର କରିଣ
ହେଲ କି ପରୀକ୍ଷା ପାର ?!
ଯଦି ମାନ ଅଛି ପାଇବାର
ଶକ୍ତଟିମ୍ ସବୁ ଚିତ୍‌କର ଆଗେ
କରିଦିଅ ଛାରଖାର ।

# ରାଜ୍ୟରେ ଲଗାଣ ବର୍ଷା : ସ୍ଥିତି ବେହାଲ



**ଭୁବନେଶ୍ୱର, ୨୬।୭**
**ନ୍ୟୁଜ୍ ବ୍ୟୁରୋ**

ତିନି ଦିନର ଲଗାଣ ବର୍ଷା ଯୋଗୁଁ ବେହାଲ୍ ହୋଇଛି ସାରା ରାଜ୍ୟ। ବିଭିନ୍ନ ଅଞ୍ଚଳରୁ ଆସୁଛି ଜଳ ପ୍ରଳୟର ଚିତ୍ର। କେଉଁଠି ଘର ଜଳବନ୍ଦୀ...କେଉଁଠି ରାସ୍ତା ନଦୀ ପାଲଟିଛି। ପୁଣି ବ୍ରିଜ୍ ଉପରେ ପାଣି ତ ଆଉ କେଉଁଠି ଏକାଧିକ ପରିବାର ପାଣି ଘେରରେ। କଟକରୁ ଭଦ୍ରକ ବାଲେଶ୍ୱରରୁ ସୁବର୍ଣ୍ଣପୁର ବଲାଙ୍ଗୀରରୁ ଜଗତସିଂହପୁର। ଏପରିକି ରାଜଧାନୀ ଭୁବନେଶ୍ୱର ବି ଏହି ବର୍ଷା ମାଡ଼ରୁ ବାଦ୍ ପଡ଼ିନି। ଘର, ରାସ୍ତାଘାଟ ହେଉ କି ମନ୍ଦିର ସବୁଠି ଖାଲି ପାଣି ଆଉ ପାଣି।

ଘରେ ପାଣି ବାହାରେ ବି ପାଣି। ବାସନକୁସନ ବୁଡିଛି, ବୁଡିଛି ନଳକୂଅ। ଗୁହାଳରେ ଗାଈଗୋରୁ ବି ପାଣି ଘେରରେ। ଦୁଇ ଦିନର ଲଗାଣ ବର୍ଷାରେ ଜଳବନ୍ଦୀ ଜନଜୀବନ। କଟକ ଜିଲ୍ଲା ନିଆଳି ବ୍ଲକ୍ କାନପୁରରେ ଜଳବନ୍ଦୀ ଅଛନ୍ତି ୨୦ରୁ ଅଧିକ ପରିବାର। ଅବିଶ୍ରାନ୍ତ ବର୍ଷା ବେହାଲ କରିଦେଇଛି। ଘର ଚାରିପଟେ ପାଣି ଘେରି ରହିଥିବାରୁ ବାହାରିବା ମୁସ୍କିଲ।


ପ୍ରଥମ ବନ୍ୟାଜଳ ନଛାଡୁନୁ ଭଦ୍ରକ ବାସୁଦେବପୁରର କାଂଶବାଂଶ ଏବଂ ଗମେଇ ନଦୀରେ ମାଡି ଆସିଛି ଦ୍ୱିତୀୟ ବନ୍ୟା। ଶହ ଶହ ହେକ୍ଟର ଚାଷ ଜମିରେ ଲହଡି ମାରୁଛି ୧୦ ଫୁଟର ପାଣି। ବରନ୍ତୁଆ ଓ ସୁଦର୍ଶନପୁର *(ପୃଷ୍ଠା ୭ରେ)*

## ବଙ୍ଗୋପସାଗରରେ ସୃଷ୍ଟି ହେଲା ଅବପାତ : ବର୍ଷା ସମ୍ଭାବନା

**ଭୁବନେଶ୍ୱର, ୨୬।୭**
**ନ୍ୟୁଜ୍ ବ୍ୟୁରୋ**

ବଙ୍ଗୋପସାଗରରେ ସୃଷ୍ଟି ହୋଇଛି ଅବପାତ। ଆଗାମୀ ୨୪ ଘଣ୍ଟାରେ ଏହା ଗଭୀର ଅବପାତର ରୂପ ନେବ। ସୋମବାର ଏହା ଉତ୍ତର ଓଡ଼ିଶା-ପଶ୍ଚିମବଙ୍ଗ ଉପକୂଳ ଅତିକ୍ରମ କରିବ। ଏହା ପ୍ରଭାବରେ ରାଜ୍ୟରେ ଆଗାମୀ ୪୮ ଘଣ୍ଟା ପ୍ରବଳ ବର୍ଷିବ। ଏନେଇ ଆଗାମୀ ଦୁଇଦିନ ପାଇଁ ରେଡ୍ ଆଲର୍ଟ ଜାରି କରିଛି ପାଣିପାଗ ବିଭାଗ।

ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ରର ସୂଚନାନୁସାରେ, ରବିବାର କେନ୍ଦୁଝର ଜିଲ୍ଲାରେ ଅତ୍ୟଧିକ ବର୍ଷା ନେଇ ରେଡ୍ ୱାର୍ଣ୍ଣିଂ



ଜାରି କରାଯାଇଛି। ସେହିପରି ଯାଜପୁର, କଟକ, ସୁନ୍ଦରଗଡ଼, ଝାରସୁଗୁଡା, ବରଗଡ଼, ସମ୍ବଲପୁର, ଦେବଗଡ଼, ଅନୁଗୋଳ, ଢେଙ୍କାନାଳ ଏବଂ ମୟୂରଭଞ୍ଜ ଜିଲ୍ଲାକୁ ପ୍ରବଳରୁ ଅତି ପ୍ରବଳ ବର୍ଷା ନେଇ ଅରେଞ୍ଜ ୱାର୍ଣ୍ଣିଂ ଏବଂ ବାଲେଶ୍ୱର, ଭଦ୍ରକ, କେନ୍ଦ୍ରାପଡ଼ା, ଜଗତସିଂହପୁର, *(ପୃଷ୍ଠା ୭ରେ)*

32 YEARS
ସମ୍ବାଦ କଳିକା
ଭୁବନେଶ୍ୱର, ୨୭ ଜୁଲାଇ, ୨୦୨୬ ସୋମବାର





## ୫ ବର୍ଷ ଧରି ଅଧପନ୍ତରିଆ ଅବସ୍ଥାରେ ମୁରଲୀପାଲି–ସୁଖାସୋଢ଼ା ରାସ୍ତା

# ଗ୍ରାମବାସୀଙ୍କ ଚେତାବନୀ : କାମ ଆରମ୍ଭ ନହେଲେ ମେଟାଲ ଉଠାଇ ନେବେ

**ଝାରସୁଗୁଡ଼ା, ନ୍ୟୁଜ୍ ବ୍ୟୁରୋ**

କଣ୍ଢେଇକେଲା ଗ୍ରାମପଞ୍ଚାୟତ ଅନ୍ତର୍ଗତ ମୁରଲୀପାଲିରୁ ସୁଖାସୋଢ଼ାକୁ ସଂଯୋଗ କରୁଥିବା ରାସ୍ତାର ନିର୍ମାଣ କାମ ପ୍ରାୟ ୫ ବର୍ଷ ଧରି ଅଧାରେ ଅଟକି ରହିଛି । ପ୍ରାୟ ୩ କିଲୋମିଟର ରାସ୍ତାରେ କେବଳ ମେଟାଲ ଓ ପଥର ପକାଇ କାମ ବନ୍ଦ କରାଯାଇଥିବାରୁ ସ୍ଥାନୀୟ ଲୋକେ ଦୀର୍ଘଦିନ ଧରି ଯାତାୟାତରେ ନାନା ସମସ୍ୟାର ସମ୍ମୁଖୀନ ହେଉଛନ୍ତି । ରାସ୍ତାରେ ପଡ଼ିଥିବା ମେଟାଲ ଓ ପଥର ଯୋଗୁଁ ପାଦେ ଚାଲିବା ମଧ୍ୟ କଷ୍ଟସାଧ୍ୟ ହୋଇପଡ଼ିଛି । ସୁଖାସୋଢ଼ା ଗ୍ରାମର ବିଦ୍ୟାଧର ପ୍ରଧାନ, ଟିକାରାମ ଭୋଇ, ପ୍ରହଲ୍ଲାଦ ସାହୁ, ଝାରୁ ସାହୁ, ହେମସାଗର ସାହୁଙ୍କ ସମେତ ଗ୍ରାମବାସୀଙ୍କ କହିବା ଅନୁସାରେ, ଶୀଘ୍ର ରାସ୍ତା ନିର୍ମାଣ କାମ ପୁନର୍ବାର ଆରମ୍ଭ ନହେଲେ ସେମାନେ ରାସ୍ତାରେ ପଡ଼ିଥିବା ମେଟାଲ ଉଠାଇ ନେବାକୁ ବାଧ୍ୟ ହେବେ । ସେମାନଙ୍କ କହିବା ହେଉଛି, ରାସ୍ତା ନିର୍ମାଣ କରାଯାଉ, ନଚେତ୍ ମେଟାଲ ହଟାଯାଉ; ଏଭଳି ପଥର ଗଦା କରି ଲୋକଙ୍କୁ ହଇରାଣ କରାଯିବା ଉଚିତ୍ ନୁହେଁ ।

ଗ୍ରାମବାସୀଙ୍କ ଅଭିଯୋଗ ଅନୁଯାୟୀ, ଏହି ରାସ୍ତା କେଉଁ ବିଭାଗ ନିର୍ମାଣ କରୁଛି, କାହିଁକି କାମ ବନ୍ଦ ରହିଛି ଏବଂ କେବେ ସୁଦ୍ଧା ଶେଷ ହେବ, ସେନେଇ କୌଣସି ସ୍ପଷ୍ଟ ସୂଚନା ମିଳୁନାହିଁ । ଅଧାପନ୍ତରିଆ ରାସ୍ତା ଯୋଗୁଁ ଦୁର୍ଘଟଣାର ଆଶଙ୍କା ବଢ଼ିବା ସହ ପ୍ରତିଦିନ ଯାତାୟାତରେ ସମସ୍ୟା ସୃଷ୍ଟି ହେଉଛି । ସ୍କୁଲ ଓ କଲେଜ ଯାଉଥିବା ଛାତ୍ରଛାତ୍ରୀମାନେ ମଧ୍ୟ ଏହାର ପ୍ରଭାବରେ ଅସୁବିଧାରେ ପଡୁଛନ୍ତି । ଏପରି ସ୍ଥିତି ଜାରି ରହିଲେ ସ୍କୁଲକୁ ପିଲାମାନଙ୍କୁ ପଠାଇବେ ନାହିଁ ବୋଲି କିଛି ଅଭିଭାବକ ସତର୍କ କରିଛନ୍ତି ।

ଗ୍ରାମବାସୀଙ୍କ କହିବା ଅନୁସାରେ, ବ୍ଲକ ପ୍ରଶାସନ, ଜିଲ୍ଲା ପ୍ରଶାସନ ଓ ସ୍ଥାନୀୟ ଜନପ୍ରତିନିଧିମାନେ ଏହି ସମସ୍ୟା ପ୍ରତି ନୀରବ ରହିଛନ୍ତି । ବାରମ୍ବାର ଅଭିଯୋଗ ସତ୍ତ୍ୱେ କୌଣସି ସୁଫଳ ମିଳିନାହିଁ । ଯଦି ଜମିଜମା କିମ୍ବା ଅନ୍ୟ କୌଣସି ସମସ୍ୟା ଯୋଗୁଁ କାମ ବନ୍ଦ ରହିଛି, ତେବେ ତାହାର ଶୀଘ୍ର ସମାଧାନ କରି ରାସ୍ତା ନିର୍ମାଣ କାମ ପୁନରାରମ୍ଭ କରିବାକୁ ସେମାନେ ଦାବି କରିଛନ୍ତି । ଏହି ରାସ୍ତା ସମ୍ପୂର୍ଣ୍ଣ ହୋଇଗଲେ ସୁଖାସୋଢ଼ାରୁ ମୁରଲୀପାଲି ମଧ୍ୟର ଦୂରତା ପ୍ରାୟ ୨ କିଲୋମିଟରକୁ ହ୍ରାସ ପାଇବ । ଫଳରେ ସ୍ଥାନୀୟ ଲୋକଙ୍କ ସହ ସ୍କୁଲ ଓ କଲେଜ ଯାଉଥିବା ଛାତ୍ରଛାତ୍ରୀମାନେ ବିଶେଷ ଉପକୃତ ହେବେ । ବର୍ତ୍ତମାନ ସେମାନଙ୍କୁ ସେମଲିଆ ଦେଇ ପ୍ରାୟ ୧୨ କିଲୋମିଟର ବୁଲି ଯାତାୟାତ କରିବାକୁ ପଡୁଛି । ତେଣୁ ଲୋକଙ୍କ ଦୀର୍ଘଦିନର ସମସ୍ୟାର ସମାଧାନ ପାଇଁ ଯଥାଶୀଘ୍ର ରାସ୍ତା ନିର୍ମାଣ କାମ ଶେଷ କରିବାକୁ ଗ୍ରାମବାସୀ ଦୃଢ଼ ଦାବି କରିଛନ୍ତି ।

## ଅବକାରୀ ଚଢ଼ଉ : ୨ ଗିରଫ

**ଜୟପୁର, ନ୍ୟୁଜ୍ ବ୍ୟୁରୋ**

ଜୟପୁର ଅବକାରୀ ଥାନା ଓ ନିରିକ୍ଷକ କାଯ୍ୟାଳୟ ତରଫରୁ ୩ଟି ସ୍ଥାନରେ ଚଢଉ କରି ୨ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି । ଗିରଫ ୨ ଅଭିଯୁକ୍ତ ହେଲେ ସିରାଗୁଡ଼ା ଗ୍ରାମର ବାସୁଦେବ ଅମାନତ୍ୟା ଓ ଘିଉରି ଗ୍ରାମର ତ୍ରିନାଥ ବିଷୋୟୀ (୧୨) । ସୂଚନା ଅନୁଯାୟୀ, ଦେଶୀ ମଦ ଚାଲାଣ ହେଉଥିବା ସୂଚନା ପାଇ ଅବକାରି ନିରୀକ୍ଷକ କାର୍ଯ୍ୟାଳୟ ତରଫରୁ ସିରାଗୁଡା ଓ ଜୟପୁର ଅବକାରୀ ଥାନା ତରଫରୁ ଘିଉରି ଗ୍ରାମ ରାସ୍ତାରେ ଚଢଉ କରି ୨୨ ଲିଟର ଦେଶୀ ମଦ ଜବତ କରି ଘଟଣାରେ ୨ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି । ସେହିପରି ଦେଶୀ ମଦ ପ୍ରସ୍ତୁତ ସହ ଲୁଚାଇ ରଖିଥିବା ସୂଚନା ପାଇ ଜୟପୁର ଅବକାରୀ ଥାନା ପକ୍ଷରୁ ଝିଲିମିଲିଗୁଡା ଜଙ୍ଗଲରେ ଚଢଉ କରାଯାଇଥିଲା । ଚଢଉ ସୂଚନା ପାଇ ମାଫିଆମାନେ ଘଟଣାସ୍ଥଳରୁ ଚମ୍ପଟ ମାରିଥିଲେ । ଅବକାରି ବିଭାଗ ସେଠାରୁ ୧୨ ଶହ ଲିଟର ପୋଚ ଓ ୮୦ ଲିଟର ଦେଶୀ ମଦ ଜବତ କରି ନଷ୍ଟ କରିଛି ।

# ନିର୍ମାଣ ହୋଇପାରିନି ଭୋଜନ ଗୃହ : ଖୋଲା ଆକାଶ ତଳେ ମଧ୍ୟାହ୍ନଭୋଜନ ଖାଉଛନ୍ତି ଛାତ୍ରୀଛାତ୍ର

**ବରଗଡ଼, ନ୍ୟୁଜ୍ ବ୍ୟୁରୋ**




ପାଠ ପଢ଼, ଦେଶ ଗଢ଼ । ବିଦ୍ୟାଳୟଗୁଡ଼ିକରେ ଅନୁଷ୍ଠିତ ବିଭିନ୍ନ ସଭା, ସମିତିରେ ସରକାରୀ କଳର ପ୍ରଶାସନିକ ଅଧିକାରୀଙ୍କଠାରୁ ଆରମ୍ଭ କରି ବିଧାୟକ, ଏମ୍‌ପି, ମନ୍ତ୍ରୀ ଛାତ୍ରୀଛାତ୍ରଙ୍କୁ ଏଭଳି ପରାମର୍ଶ ଦେଇ ଆସୁଛନ୍ତି । ହେଲେ ଏପର୍ଯ୍ୟନ୍ତ ରାଜ୍ୟରେ ଶିକ୍ଷା ବ୍ୟବସ୍ଥା ସୁବ୍ୟବସ୍ଥିତ ହୋଇପାରି ନାହିଁ । ବିଦ୍ୟାଳୟ ରହିଛି, ହେଲେ ଛାତ୍ରୀଛାତ୍ରଙ୍କୁ ପାଠ ପଢ଼ାଇବା ପାଇଁ ଶିକ୍ଷୟିତ୍ରୀ, ଶିକ୍ଷକ ନାହାନ୍ତି । ସେହିପରି ବିଦ୍ୟାଳୟକୁ ଆସିବା ତଥା ପିଲାଙ୍କ ମଧ୍ୟରେ ପାଠପଢ଼ାରେ ଆଗ୍ରହ ସୃଷ୍ଟି ପାଇଁ ମଧ୍ୟାହ୍ନଭୋଜନ କାର୍ଯ୍ୟକ୍ରମ ସରକାର ହାତକୁ ନେଇଛନ୍ତି । ହେଲେ ଏପର୍ଯ୍ୟନ୍ତ ବିଭିନ୍ନ ବିଦ୍ୟାଳୟରେ ମଧ୍ୟାହ୍ନଭୋଜନ ପାଇଁ ଭୋଜନ ଗୃହ ତଥା ଭୋଜନାଳୟ ନିର୍ମାଣ ହୋଇପାରିନାହିଁ ।

ବରଗଡ଼ ତଳିପଡ଼ାରେ ରହଥିବା ସର୍ବପୁରାତନ ସରକାରୀ ବାଳକ ପ୍ରାଥମିକ ବିଦ୍ୟାଳୟରେ ଦୀର୍ଘବର୍ଷ ହେଲା ଏଭଳି ସମସ୍ୟା ଲାଗି ରହିଛି । ଏହାକୁ ନେଇ ସ୍ଥାନୀୟ ଅଭିଭାବକଙ୍କ ମଧ୍ୟରେ ଅସନ୍ତୋଷ ତେଜି ଉଠିଛି । ଏହି କ୍ରମରେ ବିଦ୍ୟାଳୟ ପରିଚାଳନା କମିଟି ଏବଂ ଅଭିଭାବିକା, ଅଭିଭାବକ ମାନେ ଜିଲ୍ଲା ଶିକ୍ଷା ଅଧିକାରୀ (ଡିଇଓ)ଙ୍କୁ ଫେରାଦ ହୋଇଥିଲେ । ଡିଇଓ ସରୋଜ ଭୁଏଁଙ୍କ ଅନୁପସ୍ଥିତିରେ ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ (ଏଡିଇଓ) ଅମୃତା ସାହୁଙ୍କୁ ସେମାନେ ଏକ ଦାବିପତ୍ର ପ୍ରଦାନ କରିଛନ୍ତି । ବିଦ୍ୟାଳୟରେ ଭୋଜନ ଗୃହ ନିର୍ମାଣ ସହିତ ଆହୁରି ୨ ଜଣ ଶିକ୍ଷକ ନିଯୁକ୍ତି କରା ନ ଗଲେ ସେମାନେ ଆନ୍ଦୋଳନକୁ ଓହ୍ଲାଇବେ ବୋଲି ବିଦ୍ୟାଳୟ ପରଚାଳନା କମିଟିର କର୍ମକର୍ତ୍ତା, ସଭ୍ୟାସଭ୍ୟ ଏବଂ ଅଭିଭାବିକା, ଅଭିଭାବକମାନେ ଚେତାବନୀ ଦେଇଛନ୍ତି ।

# ରାସ୍ତା ଖୋଳି ଛାଡ଼ିଦେଇଛି ଜଳଯୋଗାଣ ବିଭାଗ : ଦୁର୍ଦ୍ଦଶା ଭୋଗୁଛନ୍ତି ଗ୍ରାମବାସୀ

**ବଲାଙ୍ଗୀର, ନ୍ୟୁଜ୍ ବ୍ୟୁରୋ**

ବଲାଙ୍ଗିର ଜିଲ୍ଲା ମୁରିବାହାଲ ବ୍ଲକ ଗୋଇମୁଣ୍ଡ ପଞ୍ଚାୟତ ବୁଢ଼ୀପଦର ଗ୍ରାମରେ ଗ୍ରାମ୍ୟ ଜଳ ଯୋଗାଣ ପ୍ରକଳ୍ପର ମନ୍ଥର କାର୍ଯ୍ୟ ପାଇଁ ଗ୍ରାମବାସୀ ନାହିଁନଥିବା ହଇରାଣ ହେଉଛନ୍ତି । ୨୦୨୪ ମସିହାରୁ ପ୍ରକଳ୍ପ କାମ ଆରମ୍ଭ ହୋଇଥିଲେ ମଧ୍ୟ ଦୀର୍ଘ ସମୟ ବିତିଯାଇଥିଲେ ସୁଦ୍ଧା କାମ ସମ୍ପୂର୍ଣ୍ଣ ହୋଇନାହିଁ । ଘରକୁ ଘର ପାଇପ ସଂଯୋଗ ପାଇଁ ଗ୍ରାମର କଂକ୍ରିଟ ରାସ୍ତାକୁ ଖୋଳି ଦିଆଯାଇଛି । ତାହାକୁ ପୁନର୍ବାର କଂକ୍ରିଟ କରାଯାଇନଥିବାରୁ ଗ୍ରାମବାସୀ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ବର୍ଷା ଦିନରେ ଗାତରେ ପାଣି ଜମି କାଦୁଅ ପଚ ପଚ ହେଉଥିବାରୁ ରାସ୍ତାରେ ଯାତାୟାତ କରିବା ବହୁ କଷ୍ଟକର ହୋଇପଡିଛି । ବିଶେଷ କରି ସ୍କୁଲ ଛାତ୍ରଛାତ୍ରୀ, ବୃଦ୍ଧ ଓ ମହିଳାମାନେ ପ୍ରତିଦିନ ସମସ୍ୟାର ସମ୍ମୁଖୀନ ହେଉଥିବା ଗ୍ରାମବାସୀ କହିଛନ୍ତି । ଏନେଇ ଗ୍ରାମବାସୀ ଠିକାଦାରଙ୍କୁ ଏକାଧିକ ଥର ଅଭିଯୋଗ କରିଥିଲେ ମଧ୍ୟ କଂକ୍ରିଟ କାମ ଶୀଘ୍ର ସାରିଦେବାର ପ୍ରତିଶୃତି ଛଡ଼ା କୌଣସି ପଦକ୍ଷେପ ନିଆଯାଇନଥିବା ଅଭିଯୋଗ ହୋଇଛି । ଫଳରେ ଗ୍ରାମ୍ୟ ଜଳ ଯୋଗାଣ ବିଭାଗର କାର୍ଯ୍ୟ ପ୍ରତି ଗ୍ରାମବାସୀଙ୍କ ମଧ୍ୟରେ ଅସନ୍ତୋଷ ବଢ଼ିବାରେ ଲାଗିଛି । ତୁରନ୍ତ ଅସମ୍ପୂର୍ଣ୍ଣ କାମ ଶେଷ କରି ଖୋଳା ଯାଇଥିବା ରାସ୍ତାକୁ ପୂର୍ବ ଭଳି କଂକ୍ରିଟ କରିବାକୁ ଗ୍ରାମବାସୀ ପ୍ରଶାସନ ଓ ସମ୍ପୃକ୍ତ ବିଭାଗ ନିକଟରେ ଦାବି କରିଛନ୍ତି ।

# ଚରମ୍ପା ଅଞ୍ଚଳରେ ନୂତନ ମଦ ଦୋକାନ ନଖୋଲିବାକୁ ଦାବି
## ଦୋକାନ ଖୋଲିଲେ ରାଜରାସ୍ତାକୁ ଓହ୍ଲାଇବେ ସ୍ଥାନୀୟ ବାସିନ୍ଦା

**ଭଦ୍ରକ, ନ୍ୟୁଜ୍ ବ୍ୟୁରୋ**

ଭଦ୍ରକ ଚରମ୍ପା ଅଞ୍ଚଳରେ ଏକ ନୂତନ ମଦ ଦୋକାନ ଖୋଲିବାକୁ ଅନୁମତି ନଦେବା ନେଇ ସ୍ଥାନୀୟ ଅଞ୍ଚଳର ବହୁ ଜନସାଧାରଣ ଜିଲ୍ଲାପାଳଙ୍କ ଅନୁପସ୍ଥିତିରେ ଅତିରିକ୍ତ ଜିଲ୍ଲାପାଳ ରବିନାରାୟଣ ସାହୁଙ୍କୁ ଦାବିପତ୍ର ଦେଇଛନ୍ତି । ଏ ସଂପର୍କରେ ଚରମ୍ପା ଅଞ୍ଚଳର ସୁବ୍ରତ କୁମାର ଦାସ, କିଶୋର ଚନ୍ଦ୍ର ବାରିକ, ନରେନ୍ଦ୍ର କୁମାର ଦାସ, ସନ୍ତୋଷ କୁମାର ଧଳଙ୍କ ସମେତ ବହୁ ମହିଳା ଜିଲାପାଳଙ୍କ ଉଦ୍ଦେଶ୍ୟରେ ଦେଇଥିବା ଦାବିପତ୍ରରେ ଥିବା ତଥ୍ୟ ଅନୁସାରେ ଚରମ୍ପା ଅଞ୍ଚଳରେ ଜିଲାର ମୁଖ୍ୟ ରେଳଷ୍ଟେସନ ରହିଥିବାବେଳେ ପଡ଼ୋଶୀ ପାଞ୍ଚଗୋଟି ଜିଲ୍ଲାର ଯାତ୍ରୀମାନେ ଯାତାୟାତ କରିଥାନ୍ତି । ଏତଦବ୍ୟତୀତ ଚରମ୍ପା ବଜାର ରେଳଷ୍ଟେସନ ଅଞ୍ଚଳରେ ଆରସିବିଏଲ୍ ଉଚ୍ଚ ବିଦ୍ୟାଳୟ, ଆରସିବିଏଲ୍ ପ୍ରାଥମିକ ବିଦ୍ୟାଳୟ, ଚରମ୍ପା ବାଳିକା ଉଚ୍ଚବିଦ୍ୟାଳୟ, ହାପିହୋମ୍ ବିଦ୍ୟାଳୟ, ବାଘମରା ପ୍ରାଥମିକ ବିଦ୍ୟାଳୟ, ଡଗରାସାହି ପ୍ରାଥମିକ ବିଦ୍ୟାଳୟ, ହନୁମାନ ଜୀଉ ପ୍ରାଥମିକ ବିଦ୍ୟାଳୟ ଭଳି ବହୁ ଶିକ୍ଷାନୁଷ୍ଠାନ ରହିଛି । ଏତଦ୍‌ବ୍ୟତୀତ ଏଠାରେ ଲକ୍ଷ୍ମୀନାରାୟଣ ମନ୍ଦିର, ମା' ଦୁର୍ଗା କାଳୀ ମନ୍ଦିର, ହନୁମାନ ଜୀଉ ମନ୍ଦିର, ଶନି ମନ୍ଦିର, ଶ୍ରୀରାମ ମନ୍ଦିର, ଜଗନ୍ନାଥ ମନ୍ଦିର ଓ ଅନେକ ମସଜିଦ୍ ଓ ଚର୍ଚ୍ଚ ରହିଛି । ଫଳରେ ହଜାର ହଜାର ଶ୍ରଦ୍ଧାଳୁ ପୂଜାର୍ଚ୍ଚନା କରିବା ପାଇଁ ଏଠାକୁ ଯିବାଆସିବା କରିଥାନ୍ତି ଏବଂ ଚରମ୍ପା ବଜାରର ମାତ୍ର ଶହେ ମିଟର ମଧ୍ୟରେ ଅନେକ କଲୋନୀ, ଆଦିବାସୀ ବସ୍ତି ରହିଅଛି । ଏହି ଆଦିବାସୀ ବସ୍ତିର ବହୁ ଲୋକ ଦିନ ମଜୁରିଆ ଅଟନ୍ତି । ଏଭଳି ପରିସ୍ଥିତିରେ ଏଠାରେ ଏକ ନୂତନ ମଦ ଦୋକାନ ଖୋଲିବାକୁ ଯାଉଛି । ଏହି ମଦ ଦୋକାନ ଖୋଲିଲେ ସାଧାରଣ ଲୋକଙ୍କ ଠାରୁ ଆରମ୍ଭ କରି ଛାତ୍ରଛାତ୍ରୀ ଓ ଶ୍ରଦ୍ଧାଳୁ ଭକ୍ତଙ୍କ ଯାତାୟାତରେ ନାନା ବିଶୃଙ୍ଖଳା ସୃଷ୍ଟି ହେବ । ବିଶେଷକରି ଏହା ଖୋଲାଗଲେ ମଦ୍ୟପଙ୍କ ଆଡ୍ଡା ଜମିବା ଫଳରେ ଛାତ୍ରଛାତ୍ରୀଙ୍କ ଉପରେ ଏହାର କୁପ୍ରଭାବ ପଡ଼ିବ । ପ୍ରତ୍ୟେକଦିନ ଷ୍ଟେସନ ବଜାରକୁ ଆସୁଥିବା ମହିଳାମାନେ ଅସାମାଜିକ ତତ୍ତ୍ୱଙ୍କ ଅଶ୍ଳୀଳ ଇଙ୍ଗିତର ସମ୍ମୁଖୀନ ହେବେ । ଏପରିକି ଆଦିବାସୀ କଲୋନୀରେ ରହୁଥିବା ଦିନ ମଜୁରିଆ ମଦ୍ୟପାନ କରିବା ଫଳରେ ସେମାନଙ୍କର ଆର୍ଥିକ ଅବସ୍ଥା ଖରାପ ହେବା ସହ ପାରିବାରିକ ଅଶାନ୍ତି ଦେଖାଦେବ । ଏଣୁ ଜିଲାପାଳ, ସ୍ଥାନୀୟ ଜନସାଧାରଣ ଗରିବ ଶ୍ରେଣୀର ସାମାଜିକ ବ୍ୟକ୍ତି ବିଶେଷଙ୍କ ହିତ ପାଇଁ ଉକ୍ତ ମଦ ଦୋକାନ ଖୋଲିବାକୁ ଅନୁମତି ନଦେବାକୁ ସେମାନେ ଦାବି କରିଛନ୍ତି । ନଚେତ୍ ଆଗାମୀ ଦିନରେ ସ୍ଥାନୀୟ ବାସିନ୍ଦାମାନେ ରାଜରାସ୍ତାକୁ ଆସି ଅନଶନ କରିବାକୁ ବାଧହେବେ ବୋଲି ଚେତାବନୀ ଦେଇଛନ୍ତି । ଏହି ଦାବିପତ୍ରର ନକଲ ସେମାନେ ମୁଖ୍ୟମନ୍ତ୍ରୀଙ୍କ ସମେତ ଜିଲ୍ଲା ଆରକ୍ଷୀ ଅଧୀକ୍ଷକ, ଜିଲ୍ଲା ଅବକାରୀ ଅଧୀକ୍ଷକ ଏବଂ ଅବକାରୀ କମିଶନରଙ୍କୁ ପ୍ରଦାନ କରିଛନ୍ତି ।

# ସମୟରେ ଆସୁନାହାନ୍ତି ଶିକ୍ଷକ : ଅନ୍ଧାରରେ ଶିକ୍ଷା ବ୍ୟବସ୍ଥା

**ଚମ୍ପୂଆ, ନ୍ୟୁଜ୍ ବ୍ୟୁରୋ**

ଶିକ୍ଷା ହିଁ ଜାତିର ମେରୁଦଣ୍ଡ ଏବଂ ବିଦ୍ୟାଳୟ ହେଉଛି ଶିଶୁଙ୍କ ଭବିଷ୍ୟତ ଗଢ଼ିବାର ମନ୍ଦିର । ମାତ୍ର କେନ୍ଦୁଝର ଜିଲ୍ଲା ଚମ୍ପୂଆ ବ୍ଲକରେ ଏହି ପବିତ୍ର ଉକ୍ତି ଏବେ କେବଳ ପୁସ୍ତକୀୟ ଭାଷାରେ ସୀମିତ ହୋଇ ରହିଯାଇଥିବା ପରି ମନେ ହେଉଛି । ବ୍ଲକର ଅଧିକାଂଶ ସରକାରୀ ବିଦ୍ୟାଳୟରେ ସରକାରୀ ନିୟମ, ନିର୍ଦ୍ଧାରିତ ସମୟସୀମା ଏବଂ ଶୃଙ୍ଖଳାକୁ ସମ୍ପୂର୍ଣ୍ଣ ଜଳାଞ୍ଜଳି ଦିଆଯାଇଥିବା ଅଭିଯୋଗ ହେଉଛି । ମିଳିଥିବା ସୂଚନା ଏବଂ ଅଭିଯୋଗ ଅନୁଯାୟୀ, ଚମ୍ପୂଆ ବ୍ଲକର ବିଭିନ୍ନ ବିଦ୍ୟାଳୟ ନିର୍ଦ୍ଧାରିତ ସମୟରେ ଖୋଲୁନାହିଁ କି ବନ୍ଦ ମଧ୍ୟ ନିୟମ ଅନୁସାରେ ହେଉନାହିଁ । ଅଧିକାଂଶ ଶିକ୍ଷକ ଓ ଶିକ୍ଷୟିତ୍ରୀମାନେ ସମୟାନୁବର୍ତ୍ତୀ ହୋଇ ବିଦ୍ୟାଳୟରେ ପହଞ୍ଚୁ ନାହାନ୍ତି । ନିଜର ମନମୁଖୀ ଇଚ୍ଛା ଅନୁସାରେ ଆସିବା ଏବଂ ଚାଲିଯିବା ଯୋଗୁଁ ବିଦ୍ୟାଳୟର ପାଠପଢ଼ା ବ୍ୟବସ୍ଥା ସମ୍ପୂର୍ଣ୍ଣ ଭାବେ ବାଟବଣା ହୋଇଯାଇଛି । ସରକାରୀ ବିଦ୍ୟାଳୟ ଗୁଡ଼ିକରେ ମୁଖ୍ୟତଃ ଗ୍ରାମାଞ୍ଚଳ ଏବଂ ସାଧାରଣ ଗରିବ ପରିବାରର ପିଲାମାନେ ପାଠ ପଢ଼ିଥାନ୍ତି । ମାତ୍ର କିଛି ଦାୟିତ୍ୱହୀନ ଶିକ୍ଷକ, ଶିକ୍ଷୟିତ୍ରୀଙ୍କ ଏପରି ଅବହେଳା ମନୋଭାବ ପ୍ରମାଣ କରୁଛି ଯେ, ଗରିବଙ୍କ ପିଲାଙ୍କ ଶିକ୍ଷା ପ୍ରତି ସେମାନଙ୍କର ଆଦୌ ଦରଦ ନାହିଁ । ଶିକ୍ଷକମାନଙ୍କ ଏଭଳି ବେପରୁଆ କାର୍ଯ୍ୟକଳାପ ଯୋଗୁଁ ନିରୀହ ଛାତ୍ରଛାତ୍ରୀମାନଙ୍କର ଉଜ୍ଜ୍ୱଳ ଭବିଷ୍ୟତ କ୍ରମଶଃ ଅନ୍ଧକାର ଆଡ଼କୁ ଗତି କରୁଛି, ଯାହା ଅତ୍ୟନ୍ତ ଦୁର୍ଭାଗ୍ୟଜନକ । ଏହି ବ୍ୟାପକ ଅନିୟମିତତା ବିରୋଧରେ ସଚେତନ ମହଲ ପକ୍ଷରୁ ଗ୍ରହଣ କରାଯାଇଛି କଠୋର ପଦକ୍ଷେପ । ଏ ସମ୍ପର୍କରେ ଚମ୍ପୂଆ ଗୋଷ୍ଠୀ ଶିକ୍ଷାଧିକାରୀ କାର୍ଯ୍ୟାଳୟରେ ଏବିଇଓ ନରେନ୍ଦ୍ର କୁମାର ନାଏକଙ୍କୁ ସାକ୍ଷାତ କରି ଏକ ଦାବିପତ୍ର ପ୍ରଦାନ କରାଯାଇଛି । ବ୍ଲକର ସମସ୍ତ ବିଦ୍ୟାଳୟରେ ଶିକ୍ଷକମାନେ କିପରି ସମୟାନୁବର୍ତୀ ହେବେ ଏବଂ ନିୟମ ଉଲ୍ଲଂଘନକାରୀଙ୍କ ବିରୁଦ୍ଧରେ ଦୃଢ଼ ବିଭାଗୀୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ, ସେନେଇ ଦାବି କରାଯାଇଛି ।

ଏହି ସନ୍ଦର୍ଭରେ ଏବିଇଓ ନରେନ୍ଦ୍ର କୁମାର ନାଏକ ପ୍ରତିକ୍ରିୟା ରଖି କହିଛନ୍ତି ଯେ, 'ଯଥାଶୀଘ୍ର ସମସ୍ତ ବିଦ୍ୟାଳୟକୁ ନୋଟିସ୍ ଜାରି କରାଯିବ ଏବଂ ସିଆର୍‌ସିମାନେ ସମସ୍ତ ବିଦ୍ୟାଳୟର ଶିକ୍ଷକ ଓ ଶିକ୍ଷୟତ୍ରୀମାନଙ୍କ ଉପସ୍ଥାନ ଉପରେ କଡ଼ା ନଜର ରଖିବେ । ନିୟମ ଖିଲାପ କଲେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ନିଆଯିବ । ତେବେ ଏବିଇଓଙ୍କ ଏହି ପ୍ରତିଶ୍ରୁତି କେବଳ ପ୍ରତିଶ୍ରୁତିରେ ସୀମିତ ରହିବ, ନା ପ୍ରକୃତରେ ଏହାର ପ୍ରଭାବ ଦେଖିବାକୁ ମିଳିବ, ତାହା ବର୍ତ୍ତମାନ ସବୁଠାରୁ ବଡ଼ ପ୍ରଶ୍ନବାଚୀ ସୃଷ୍ଟି କରିଛି । ସରକାରୀ ମୋଟା ଦରମା ନେଇ ମଧ୍ୟ ନିଜ କର୍ତ୍ତବ୍ୟରୁ ବିମୁଖ ହେଉଥିବା ଶିକ୍ଷକଙ୍କ ବିରୁଦ୍ଧରେ ପ୍ରଶାସନ କେବେ ଏବଂ କିପରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁଛି ଦେଖିବାକୁ ବାକି ରହିଲା ।

# ବିଧବା ବୃଦ୍ଧା ଦେବକୀ ପାଇଁ ସରକାରୀ ଯୋଜନା ସାତସପନ

**ଭଦ୍ରକ, ନ୍ୟୁଜ୍ ବ୍ୟୁରୋ**

ଭଦ୍ରକ ଜିଲ୍ଲା ଚାନ୍ଦବାଲି ବ୍ଲକ ଅନ୍ତର୍ଗତ ସୁନ୍ଦରପୁର ଗ୍ରାମ ପଞ୍ଚାୟତ ସ୍ଥିତ କୁଳେଇପଦା ଗ୍ରାମର ବିଧବା ବୃଦ୍ଧା ଦେବକି ଜେନା ଏବେ ବୟସର ଶେଷ ମୁହୂର୍ତ୍ତରେ ଘର ଖଣ୍ଡିଏ ପାଇଁ ଜୀବନ ସହ ସଂଗ୍ରାମ କରୁଛନ୍ତି । ତାଙ୍କର ସ୍ୱାମୀ ସ୍ୱର୍ଗତଃ ବାଇଧର ଜେନାଙ୍କ ମୃତ୍ୟୁ ପରେ ନା ତାଙ୍କର ଘର ଅଛି ନା ରାସନ କାର୍ଡ ଅଛି । ଯଦିଓ ଦୁଇ ଦୁଇଟି ପୁତ୍ର ସନ୍ତାନ ଜନ୍ମ କରିଛନ୍ତି, ହେଲେ ସେମାନେ ବୃଦ୍ଧା ଦେବକୀଙ୍କୁ ପଚାରୁନାହାନ୍ତି । ପେଟ ଚାଖଣ୍ଡକ ପୁରାଇବା ପାଇଁ ଏବେ ସେ ସ୍ଥାନୀୟ ଲୋକଙ୍କ ପାଖରେ ହାତ ପତାଉଥିବାବେଳେ ଘର ଖଣ୍ଡିଏ ନଥିବାରୁ ଭଙ୍ଗା ଚାଳଘରେ ମୁଣ୍ଡ ଗୁଞ୍ଜିଛନ୍ତି । ଯାହା ଜଣାଯାଏ ୮ ବର୍ଷ ପୂର୍ବେ ରୋଷେଇ କରୁଥିବା ସମୟରେ ଦେହରେ ନିଆଁ ଲାଗି ଗୋଡ଼ ପାଖକୁ କିଛି ଅଂଶ ପୋଡ଼ି ଯାଇଥିଲା । ପିଲାମାନେ ନପଚାରିବାରୁ ସେ ସେହି ଭଙ୍ଗା ଚାଳ ଘରେ ଖରାବର୍ଷା ଖାଇ ମୁଣ୍ଡ ଗୁଞ୍ଜି ପଡ଼ିରହିଛି । ରାଜ୍ୟ ସରକାରଙ୍କ ଠାରୁ ଆରମ୍ଭ କରି କେନ୍ଦ୍ର ସରକାରଙ୍କ ପର୍ଯ୍ୟନ୍ତ ଗରିବ ଲୋକଙ୍କ ପାଇଁ ବିଭିନ୍ନ ଯୋଜନାରେ କୋଟି କୋଟି ଟଙ୍କା ଅର୍ଥ ବିନିଯୋଗ କରୁଥିବାବେଳେ ଦେବକୀଙ୍କ ଭଳି ବୃଦ୍ଧାଙ୍କ କ୍ଷେତ୍ରରେ ସମସ୍ତ ସରକାରୀ ଯୋଜନା ମିଛ ପାଲଟିଛି । ଏଣୁ ଏଭଳି ଜଣେ ବାସହୀନ ବୃଦ୍ଧାଙ୍କ ପାଇଁ ଜିଲା ପ୍ରଶାସନ ଦୃଷ୍ଟି ଦେବାକୁ ଦାବି ହୋଇଛି ।

# କନ୍ଧମାଳ ହଳଦୀରେ କମୁଛି କରକ୍ୟୁମିନ୍ ଉପାଦାନ : ଚାଷୀଙ୍କୁ ମିଳୁନି ଉଚିତ ମୂଲ୍ୟ

**ଦାରିଙ୍ଗବାଡ଼ି, ନ୍ୟୁଜ୍ ବ୍ୟୁରୋ**



ବିଶ୍ୱ ପ୍ରସିଦ୍ଧ କନ୍ଧମାଳ ହଳଦୀ ଏବେ ବିପଦରେ । ସମୟ ଅନୁସାରେ, ହଳଦୀର ଚାହିଦା କମିବାରେ ଲାଗୁଥିବା ବେଳେ ଚାଷୀଙ୍କୁ ଉଚିତ ଦର ମିଳୁ ନାହିଁ । ଗତ ଗୋଟିଏ ଦଶନ୍ଧି ହେଲା ହଳଦୀ ଦର କିଲୋ ପିଛା ଆଉ ୧୩୫ ଛୁଇଁ ପାରିନାହିଁ । ଗତ କିଛି ବର୍ଷ ହେଲା କିଲୋ ପିଛା ୯୦ରୁ ୧୦୦ଶହ ଟଙ୍କା ମଧ୍ୟରେ ରହୁଥିବା ବେଳେ ଚଳିତ ସପ୍ତାହରେ ବୃଦ୍ଧି ପାଇ ୧୨୫ ଟଙ୍କାରେ ପହଞ୍ଚିଥିବା ଜଣାପଡ଼ିଛି । ତେବେ ଦର ବାରମ୍ବାର ଖସିବା କାରଣରୁ ଜଣାପଡ଼ିଛି ଯେ କନ୍ଧମାଳ ହଳଦୀର ଯେଉଁ ଔଷଧୀୟ ଗୁଣ ରହିଛି ତଥା କନ୍ଧମାଳ ହଳଦୀରେ ଭରପୁର କରକ୍ୟୁମିନ୍ ରହିଥାଏ । ଯାହାକି ଏବେ ଗତ ବର୍ଷ ଅପେକ୍ଷା ଚଳିତ ବର୍ଷ ହଳଦୀରେ କରକ୍ୟୁମିନ୍ କମିଯାଇଛି ଫଳରେ ଏହାର ଜାତୀୟ ସ୍ତରରେ ଚାହିଦା କମିବା କାରଣରୁ ଏହା ଆହୁରି ଦର ଖସିବାରେ ଲାଗିଛି ବୋଲି କୁହାଯାଉଛି ।

ପ୍ରକାଶ ଯେ ହଳଦୀରେ କରକ୍ୟୁମିନ୍ ସର୍ବାଧିକ ୩ ପଏଣ୍ଟ ୮ ପର୍ଯ୍ୟନ୍ତ ରହିଥାଏ ଯାହାକି ହ୍ରାସ ପାଇ ଗତ ବର୍ଷ ଏହା ୨ ପଏଣ୍ଟ ୫ ରହିଥିଲା କିନ୍ତୁ ଚଳିତ ବର୍ଷ ଏହାର ହାର ଆହୁରି ହ୍ରାସ ପାଇ ୧ ପଏଣ୍ଟ ୪୭ ରହିଥିବା ଏକ ବିଶ୍ଳେଷଣାତ୍ମକ ରିପୋର୍ଟରୁ ଜଣାପଡ଼ିଛି । ଏହାକୁ ପରୀକ୍ଷା କରିବା ପାଇଁ ମୋଟ ୫ ଶହ ୫୨ କେଜି ଆଙ୍ଗୁଠି ସାଇଜ ହଳଦିଆ ରଙ୍ଗର ହଳଦୀକୁ ପରୀକ୍ଷା ପାଇଁ ଲ୍ୟାବକୁ ପଠା ଯାଇଥିଲା । ହଳଦୀର ସମସ୍ତ ପାରମିଟରକୁ ତନ ତନ ଯାଞ୍ଚ କରାଯାଇ ଏହାର ରିପୋର୍ଟ ଆସିଥିବା ହଳଦୀ ବ୍ୟବସାୟୀ ମାନସ କୁମାର ସାହୁ କହିଛନ୍ତି । ସେ ଜଣେ ପ୍ରତିଷ୍ଠିତ ହଳଦୀ ବ୍ୟବସାୟୀ ହୋଇଥିବା ବେଳେ ହଳଦୀରେ କରକ୍ୟୁମିନ୍ ହ୍ରାସ ପାଉଥିବା ଜାତୀୟ ସ୍ତରର ବ୍ୟବସାୟିଙ୍କ ଠାରୁ ଶୁଣିବା ପରେ ସେ ଏହାକୁ ପରୀକ୍ଷା କେନ୍ଦ୍ରକୁ ପଠାଇ ସତ୍ୟାସତ୍ୟ ଜାଣିବାକୁ ପାଇଥିଲେ ।

ଏହାର ସମାଧାନ ପାଇଁ ସରକାର ପଦକ୍ଷେପ ନେବା ଜରୁରୀ । କନ୍ଧମାଳ ଜିଲାପାଳ ଉଦ୍ୟାନ କୃଷି ବିଭାଗ ଓ ଏହାର କୃଷି ବୈଜ୍ଞାନିକ ମାନଙ୍କୁ ନେଇ କନ୍ଧମାଳ ହଳଦୀରେ ପୁନଃ କିଭଳି କରକ୍ୟୁମିନ୍ ହାର ବୃଦ୍ଧି ପାଇବ ଓ ସେଥିପାଇଁ ଚାଷୀଙ୍କୁ ଉପଯୁକ୍ତ ବିହନ ଯୋଗାଣ ଓ ଚାଷ ପଦ୍ଧତିରେ ପରିବର୍ତ୍ତନ ଓ ଜ୍ଞାନ କୌଶଳ ଶିଖାଇ ଚାଷ କରାଗଲେ ନିଶ୍ଚିତ ପୁଣି କରକ୍ୟୁମିନ୍ ହାର ପୂର୍ବଭଳି ବୃଦ୍ଧି ପାଇବ ବୋଲି କୁହାଯାଉଛି । ସୂଚନା ଯୋଗ୍ୟ ଯେ କନ୍ଧମାଳ ହଳଦୀ ଚାଷକୁ ପାରମ୍ପରିକ ଜୈବିକ ପଦ୍ଧତିରେ ଚାଷ କରାଯାଉଛି କୌଣସି ରାସାୟନିକ ସାରର ପ୍ରୟୋଗ କରାଯାଉନଥିବା ବେଳେ ହଳଦୀର କରକ୍ୟୁମିନ୍ ହାର ହ୍ରାସ ଚିନ୍ତା ବଢ଼ାଇଛି ।

କନ୍ଧମାଳ ହଳଦୀ ୧ ଏପ୍ରିଲ୍ ୨୦୧୯ରେ ଏହାର ସରକାରୀ ଭୌଗୋଳିକ ସୂଚକ (ଜିଆଇ) ଟ୍ୟାଗ୍ ପାଇଲା । ଓଡ଼ିଶାର କନ୍ଧମାଳ ଜିଲ୍ଲାର ଜନଜାତି ଚାଷୀମାନଙ୍କ ଦ୍ୱାରା ଜୈବିକ ଭାବରେ ଚାଷ କରାଯାଉଥିବା, ଏହାର ଗଭୀର ସ୍ୱର୍ଣ୍ଣିମ-ହଳଦିଆ ରଙ୍ଗ, ତୀବ୍ର ମାଟିର ସୁଗନ୍ଧ ଏବଂ ଅଧିକ କରକ୍ୟୁମିନ୍ ପାଇଁ ଏହାକୁ ବିଶ୍ୱ ପ୍ରସିଦ୍ଧ କନ୍ଧମାଳ ହଳଦୀ ନାମରେ ବିକ୍ରିବଟା କରାଯାଉଛି । କରକ୍ୟୁମିନ୍ ଉପାଦାନ ମଣିଷ ଶରୀରରେ ଆଣ୍ଟି ଅକ୍ସିଡେଣ୍ଟ, କ୍ୟାନ୍ସର ପ୍ରତିରୋଧ ସହ ବିଭିନ୍ନ ରୋଗର ପ୍ରତିଷେଧକ ଭାବେ କାର୍ଯ୍ୟ କରିଥାଏ ବୋଲି କୁହାଯାଉଛି ।

# ସାଇନବୋର୍ଡ଼ ବିନା ମଦ ବିକ୍ରିକୁ ନେଇ ବଢ଼ିଲା ସନ୍ଦେହ : ନିରପେକ୍ଷ ତଦନ୍ତ ଦାବି

**ଝାରସୁଗୁଡ଼ା, ନ୍ୟୁଜ୍ ବ୍ୟୁରୋ**

ଝାରସୁଗୁଡ଼ା ଜିଲ୍ଲାର ବ୍ରଜରାଜନଗର ନିକଟସ୍ଥ ଲମଟିବାହାଲ ଅଞ୍ଚଳରେ ଥିବା ଏକ ବିଦେଶୀ ମଦ ଦୋକାନରେ ସାଇନବୋର୍ଡ଼ ବିନା ମଦ ବିକ୍ରି ହେଉଥିବା ଅଭିଯୋଗ ଉଠିଛି । ଏହାକୁ ନେଇ ସ୍ଥାନୀୟ ଅଞ୍ଚଳବାସୀଙ୍କ ମଧ୍ୟରେ ଅସନ୍ତୋଷ ଓ ସନ୍ଦେହ ପ୍ରକାଶ ପାଇଛି । ଅବକାରୀ ନିୟମ ଅନୁଯାୟୀ, ପ୍ରତ୍ୟେକ ଲାଇସେନ୍ସପ୍ରାପ୍ତ ମଦ ଦୋକାନରେ ଦୋକାନର ନାମ, ଲାଇସେନ୍ସଧାରୀଙ୍କ ନାମ, ଲାଇସେନ୍ସ ନମ୍ବର ଓ ଲାଇସେନ୍ସର ବୈଧତା ସମ୍ପର୍କିତ ସୂଚନା ସ୍ପଷ୍ଟ ଭାବେ ସାଇନବୋର୍ଡରେ ପ୍ରଦର୍ଶିତ କରିବା ବାଧ୍ୟତାମୂଳକ । ସେହିପରି ନିର୍ଦ୍ଧାରିତ ସମୟ ମଧ୍ୟରେ ବିକ୍ରି କରିବା ଏବଂ ଅନୁମୋଦିତ ପରିମାଣର ଷ୍ଟକ୍ ରଖିବା ମଧ୍ୟ ନିୟମର ଅଂଶ । ହେଲେ ଲମଟିବାହାଲ ଅଞ୍ଚଳର ଉକ୍ତ ଦୋକାନରେ କୌଣସି ସାଇନବୋର୍ଡ ନଥିବାରୁ ସାଧାରଣ ଲୋକ ଦ୍ୱନ୍ଦ୍ୱରେ ପଡ଼ିଛନ୍ତି । ଲୁହା ଗ୍ରୀଲ୍ ପଛପଟୁ ଗୁପ୍ତ ଭାବେ ମଦ ବିକ୍ରି ହେଉଥିବା ଅଭିଯୋଗ ହେଉଥିବାରୁ ଏହି ଦୋକାନ ବୈଧ ଭାବେ ପରିଚାଳିତ ହେଉଛି କି ନାହିଁ, ସେନେଇ ସ୍ଥାନୀୟ ଲୋକଙ୍କ ମନରେ ପ୍ରଶ୍ନ ଉଠିଛି ।

ଅନ୍ୟପକ୍ଷରେ, ଉକ୍ତ ଦୋକାନ ଉପରେ ଅବକାରୀ ବିଭାଗର ଦୃଷ୍ଟି ନ ପଡ଼ିବାକୁ ନେଇ ମଧ୍ୟ ସ୍ଥାନୀୟ ଅଞ୍ଚଳବାସୀ ଅସନ୍ତୋଷ ପ୍ରକାଶ କରିଛନ୍ତି । ସେମାନଙ୍କ ପ୍ରଶ୍ନ, ଯଦି ଦୋକାନଟି ବୈଧ, ତେବେ ସାଇନବୋର୍ଡ କାହିଁକି ଲଗାଯାଇନାହିଁ ? ଅବକାରୀ ବିଭାଗ ବିନା ପରିଚୟରେ ଦୋକାନ ପରିଚାଳନା ପାଇଁ ଅନୁମତି ଦେଇଛି କି ? ଆଉ ଯଦି ଦୋକାନଟି ନିୟମବିରୋଧୀ ଭାବେ ଚାଲୁଛି, ତେବେ ଏପର୍ଯ୍ୟନ୍ତ କାହିଁକି କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇନାହିଁ ? ଏହି ଘଟଣାର ନିରପେକ୍ଷ ତଦନ୍ତ କରି ଆବଶ୍ୟକ ପଦକ୍ଷେପ ନେବାକୁ ସ୍ଥାନୀୟ ଅଞ୍ଚଳବାସୀ ଦାବି କରିଛନ୍ତି । ଏ ସମ୍ପର୍କରେ ଝାରସୁଗୁଡ଼ା ଅବକାରୀ ଆରକ୍ଷୀ ଅଧୀକ୍ଷକଙ୍କ ପ୍ରତିକ୍ରିୟା ନେବା ପାଇଁ ଯୋଗାଯୋଗ କରାଯାଇଥିଲେ ମଧ୍ୟ ସେ ଫୋନ୍ କଲ୍‌ର ଉତ୍ତର ଦେଇନଥିଲେ ।

# ଏମ୍‌କେସିଜିରେ ମିଳୁନି ଏମ୍‌ଆରଆଇ ସେବା : ରୋଗୀ ହଟହଟା

**ବ୍ରହ୍ମପୁର, ନ୍ୟୁଜ୍ ବ୍ୟୁରୋ**




ଏମ୍‌କେସିଜି ମେଡ଼କାଲ୍ କଲେଜ ଓ ହସ୍‌ପିଟାଲ୍‌ରେ ଅତ୍ୟାଧୁନିକ ଏମ୍‌ଆରଆଇ ମେସିନ୍ ସ୍ଥାପନ ହୋଇ ବହୁ ମାସ ବିତିଯାଇଥିଲେ ମଧ୍ୟ ସାଧାରଣ ବିଦ୍ୟୁତ୍ ବିଭାଗର ଅବହେଳା ଯୋଗୁଁ ଏହା ଏ ପର୍ଯ୍ୟନ୍ତ ପୂର୍ଣ୍ଣ କ୍ଷମତାରେ କାର୍ଯ୍ୟକ୍ଷମ ହୋଇପାରୁନାହିଁ । ବିଦ୍ୟୁତ୍ ସଂଯୋଗ ସମସ୍ୟା କାରଣରୁ ରୋଗୀମାନେ ଆବଶ୍ୟକ ସମୟରେ ଏମ୍‌ଆରଆଇ ପରୀକ୍ଷା ସୁବିଧାରୁ ବଞ୍ଚିତ ହେଉଛନ୍ତି । ନୂତନ ଏମ୍‌ଆରଆଇ ମେସିନ୍‌କୁ ବିଦ୍ୟୁତ୍ ଯୋଗାଣ ପାଇଁ ଡିଜେଲ୍ ଜେନେରଟର ସଂଯୋଗ ଆବଶ୍ୟକ ଥିବା ବେଳେ ମେଡ଼ିକାଲ୍ କର୍ତ୍ତୃପକ୍ଷ ପକ୍ଷରୁ ବାରମ୍ବାର ପୂର୍ତ୍ତ ବିଭାଗ ଓ ଜିଇଡ଼ିକୁ ଚିଠି ଲେଖାଯାଇଛି । ତଥାପି ଏ ପର୍ଯ୍ୟନ୍ତ ମେସିନ୍ ପୂର୍ଣ୍ଣ କ୍ଷମତାରେ କାର୍ଯ୍ୟକ୍ଷମ ହେବା ସମ୍ଭବ ହୋଇପାରୁନାହିଁ । ମେଡ଼ିକାଲ୍‌ର ବିଭିନ୍ନ ବିଭାଗର ଡାକ୍ତରମାନେ ପ୍ରତିଦିନ ପ୍ରାୟ ୩୦ ରୁ ଅଧିକ ରୋଗୀଙ୍କ ଏମ୍‌ଆରଆଇ ପରୀକ୍ଷା କରିବାକୁ ଡାକ୍ତର ରୋଗୀଙ୍କୁ ପରାମର୍ଶ କରିଥାନ୍ତି । ବର୍ତ୍ତମାନ ଏମ୍‌ଆରଆଇ ସେବା ଯୋଗାଇବା ପାଇଁ ଏମ୍‌କେସିଜି ମେଡ଼ିକାଲ୍ ସହ ଚୁକ୍ତିବଦ୍ଧ ଘରୋଇ ସଂସ୍ଥା ଦିନକୁ ମାତ୍ର ୧୦ରୁ ୧୫ଟି ଏମ୍‌ଆରଆଇ ପରୀକ୍ଷା କରୁଥିବା ବେଳେ ମେଡ଼ିକାଲ୍ ପରିସରର ପିଏମ୍‌ଏସ୍‌ଏସ୍‌ୱାଇ କୋଠାରେ ଥିବା ଏମ୍‌ଆରଆଇ ମେସିନ୍‌ରେ ଦିନକୁ କେବଳ ୫ ରୁ ୭ଟି ପରୀକ୍ଷା ହେଉଛି । ଫଳରେ ପ୍ରତିଦିନ ଅନେକ ରୋଗୀ ଦୀର୍ଘ ସମୟ ଅପେକ୍ଷା କରିବା ପରେ ମଧ୍ୟ ପରୀକ୍ଷା କରାଇ ନ ପାରି ଫେରିଯାଉଛନ୍ତି । ଅନ୍ୟପକ୍ଷରେ ନୂତନ ଅତ୍ୟାଧୁନିକ ଏମ୍‌ଆରଆଇ ମେସିନ୍‌କୁ ତୁରନ୍ତ ବିଦ୍ୟୁତ୍ ସଂଯୋଗ ଦେଇ କାର୍ଯ୍ୟକ୍ଷମ କରାଗଲେ ପ୍ରତିଦିନ ଅଧିକ ସଂଖ୍ୟକ ରୋଗୀ ଉନ୍ନତମାନର ଏମ୍‌ଆରଆଇ ସେବା ପାଇପାରିବେ । ଏଥି ସହ ବାହାରକୁ ଯାଇ ଅଧିକ ଅର୍ଥ ବ୍ୟୟ କରି ପରୀକ୍ଷା କରାଇବାର ଆବଶ୍ୟକତା ମଧ୍ୟ କମିବ । ତେଣୁ ରୋଗୀଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ଜିଇଡ଼ି ଓ ପୂର୍ତ୍ତ ବିଭାଗ ତୁରନ୍ତ ଆବଶ୍ୟକ ବିଦ୍ୟୁତ୍ ସଂଯୋଗ କାମ ସମ୍ପୂର୍ଣ୍ଣ କରି ଏମ୍‌ଆରଆଇ ସେବାକୁ ପୂର୍ଣ୍ଣ କ୍ଷମତାରେ ଚାଲୁ କରିବାକୁ ରୋଗୀ ଓ ବୁଦ୍ଧିଜୀବୀ ମହଲରେ ଦାବି ଜୋର ଧରିଛି । ଅପରପକ୍ଷେ ଗତ କିଛି ଦିନ ହେବ ଜିଇଡ଼ି ପକ୍ଷରୁ ଡ଼ିଜି ଅଣାଯାଇଥିବା ବେଳେ ତାହା ସଂଯୋଗ ହୋଇନାହିଁ । ଖୁବ୍ ଶୀଘ୍ର ଏମ୍‌ଆରଆଇ ମେସିନ୍ ସହ ଡ଼ିଜି ସଂଯୋଗ ନିମନ୍ତେ ଜିଇଡ଼ି ଯନ୍ତ୍ରୀଙ୍କୁ କୁହାଯାଇଥିବା ଏମ୍‌କେସିଜି ମେଡ଼ିକାଲ୍ ରେଜିଷ୍ଟ୍ରାର ଡ. ଶ୍ୱେତ କୁମାର ଦାଶ କହିଛନ୍ତି ।

# ଚିନ୍ତାରେ ନୟାଗଡ଼ ଚାଷୀ : ମିଳୁନି ସାର ବଢ଼ିଛି ଦର

**ନୟାଗଡ଼, ନ୍ୟୁଜ୍‌ବ୍ୟୁରୋ**

ଜମିରେ ପାଣି ଚାଷୀ ମୁହଁରେ ହସ । ବିଳମ୍ବରେ ହେଲେ ମଧ୍ୟ ନୟାଗଡ଼ ଜିଲ୍ଲାରେ ଚାଷ କାର୍ଯ୍ୟ ଆଗେଇ ଚାଲିଛି । ଜିଲ୍ଲାର ଭାପୁର, ଖଣ୍ଡପଡ଼ା, ଗଣିଆ, ଦଶପଲ୍ଲା, ନୂଆଗାଁ, ଓଡ଼ଗାଁ, ରଣପୁର ଏବଂ ନୟାଗଡ଼ ବ୍ଲକରେ ଧାନ ବୁଣା ରୁଆ ଏବଂ ବଛା କାଦୁଅ ବେଉଷଣ କାର୍ଯ୍ୟ ଦ୍ରୁତ ଗତିରେ ଆଗେଇ ଚାଲିଛି । ଜମିରେ ପାଣି ହେବା ପରେ ଚାଷୀଙ୍କ ମୁହଁରେ ହସ ଦେଖିବା ପାଇଁ ମିଳିଛି । ଏଭଳି ସ୍ଥିତିରେ ୟୁରିଆ ସାର ଟେନସନ ଚାଷୀଙ୍କୁ ଚିନ୍ତାରେ ପକାଇଛି ।

ସରକାରୀ ମୂଲ୍ୟ ଠାରୁ ଦୁଇଗୁଣା ଚଢା ଦରରେ ବିକ୍ରି ହେଉଛି ୟୁରିଆ ସାର । ଏହାକୁ ନେଇ ଚିନ୍ତାରେ ଚାଷୀକୁଳ । ଏତେ ଟଙ୍କାରେ ସାର କିଣି କେମିତି କରିବେ ଚାଷ । ୟୁରିଆ ସାରର ସରକାରୀ ମୂଲ୍ୟ ୨୬୬ ଟଙ୍କା ରହିଥିବା ବେଳେ ଚାଷୀଙ୍କୁ ଜୋର ଜବରଦସ୍ତ ୫୦୦ ଟଙ୍କାରେ ବିକ୍ରି କରାଯାଉଛି । ସେଥିରେ ପୁଣି ନାନୋ ସାର ଦେଇ । ଏହାକୁ ନେଇ ଚାଷୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି ।

ଚାଷୀ ପ୍ରଭାତ ପଟ୍ଟନାୟକ କହିଛନ୍ତି 'ଆମକୁ ଗତବର୍ଷ ଠିକ ପରିମାଣରେ ସାର ଯୋଗାଇ ଦିଆଯାଇଥିଲା । କିନ୍ତୁ ବାହାରେ ଅଧିକ ଦରରେ କଳାବଜାରୀ ହେଉଛି । ଆମେ ଚାହୁଁଛୁ ସୋସାଇଟି ମାଧ୍ୟମରେ କମ୍ ଦରରେ ଆମକୁ ସାର ମିଳୁ' ।

ଆବଶ୍ୟକ ନଥାଇ ଚାଷୀଙ୍କୁ ଜୋର ଜବରଦସ୍ତ ନାନୋ ୟୁରିଆ ଏବଂ ଗ୍ରୋମର ଓ ପଟାସ ସାର ବିକ୍ରି କରାଯାଉଛି । ଏଥିରେ ଅରାଜି ହେଲେ ଚାଷୀଙ୍କୁ ମିଳୁ ନାହିଁ ୟୁରିଆ ସାର । ଏଭଳି ମନମାନି ଚଳାଇଛନ୍ତି ଜିଲ୍ଲାର ସେବା ସମବାୟ ସମିତିର ସମ୍ପାଦକ ଏବଂ ପ୍ରାଇଭେଟ ଡିଲରମାନେ । ୟୁରିଆ ସାର ବିକ୍ରି ବେଳେ ଚାଷୀଙ୍କୁ ବାଧ୍ୟତାମୂଳକ ଭାବେ ନାନୋ ଏବଂ




ପଟାସ ଗ୍ରୋମର ବିକ୍ରି କରାଯାଉଛି । ଗୋଟିଏ ବସ୍ତା ୟୁରିଆ ସାର ନେବା ପାଇଁ ହେଲେ ଚାଷୀଙ୍କୁ ୧୮ ଶହ ରୁ ୨ ହଜାର ଟଙ୍କା ଖର୍ଚ୍ଚ କରିବା ପାଇଁ ପଡୁଥିବା ଅଭିଯୋଗ ହୋଇଛି ।

ସେଥିରେ ପୁଣି ଚାଷୀଙ୍କୁ ଆବଶ୍ୟକ ୟୁରିଆ ସାର ମିଳୁ ନାହିଁ । ଏହାର ସୁଯୋଗ ନେଇ ଅସାଧୁ ବ୍ୟବସାୟୀମାନେ ଖୋଲା ମାର୍କେଟରେ ୟୁରିଆ ସାର ବସ୍ତା ୭ ଶହରୁ ୧୦୦୦ ଟଙ୍କାରେ ବିକ୍ରି କରୁଥିବା ଅଭିଯୋଗ ହୋଇଛି । ସାର କଳା ବଜାରୀ ପଛରେ କୃଷି ବିଭାଗର ଅଧିକାରୀଙ୍କ ସମ୍ପୃକ୍ତି ରହିଥିବାରୁ ଅଭିଯୋଗ ପରେ ମଧ୍ୟ କୌଣସି ସ୍ଥାନରେ ଚଢ଼ାଉ ହେଉନଥିବା ଚାଷୀମାନେ ଅଭିଯୋଗ କରିଛନ୍ତି । ଏବେ ଜମିରେ ରୁଆ ବେଉଷଣ କାଦୁଅ କାମ ଚାଲିଥିବାରୁ ଧାନ ଚାଷ ପାଇଁ ୟୁରିଆ ସାର ଆବଶ୍ୟକ ଅଧିକ ରହିଥିବା ଚାଷୀମାନେ କହିଛନ୍ତି ।

ସେପଟେ ଚଳିତ ବର୍ଷ ୮ ହଜାର ୮ ଶହ ମେଟ୍ରିକ ଟନ୍ ୟୁରିଆ ସାର ଜିଲ୍ଲା ପାଇଁ ଆବଶ୍ୟକ ରହିଥିବା ବେଳେ ମାତ୍ର ୪ ହଜାର ମେଟ୍ରିକ ଟନ୍ ସାର ମିଳିଥିବା କୃଷି ବିଭାଗ କହିଛି । ଏବେ ଚାଷୀଙ୍କ ପାଇଁ ୟୁରିଆ ସାରର ପରିମାଣ ଅଧିକ ଆବଶ୍ୟକ ରହିଥିବାରୁ ସଙ୍କଟ ଦେଖାଦେଇଛି । ଚାଷୀଙ୍କୁ ୟୁରିଆ ସହ ନାନୋ ସାର ମିଶାଇ ଜମିରେ ପକାଇବା ପାଇଁ କୁହାଯାଇଛି । ଜିଲ୍ଲାରେ ସାର ବିକ୍ରି ପାଇଁ ୩୯୧ ଜଣ ଡିଲର ଲାଇସେନ୍ସ ପାଇଥିବା ବେଳେ ସାର କଳା ବଜାରୀ ବିକ୍ରି ନେଇ ୨୨ ଜଣଙ୍କୁ କାରଣ ଦର୍ଶାଅ ନୋଟିସ ମଗାଯାଇଛି । ଜଣଙ୍କ ଲାଇସେନ୍ସ ବାତିଲ କରାଯାଇଥିବା କୃଷି ବିଭାଗ କହିଛି ।

ଚଳିତ ବର୍ଷ ସାର ବିକ୍ରି ପାଇଁ ସେବା ସମବାୟ ସମିତିକୁ ୬୦% ଏବଂ ପ୍ରାଇଭେଟ ଡିଲରଙ୍କୁ ୪୦% ଅନୁମତି ଦିଆଯାଇଛି । ମାର୍ଫେଡ଼ ମଧ୍ୟରେ ସେବା ସମବାୟ ସମିତିକୁ ସାର ଯୋଗାଇ ଦିଆଯାଉଥିବା ବେଳେ ଲାଇସେନ୍ସ ପ୍ରାପ୍ତ ପ୍ରାଇଭେଟ ଡିଲରମାନେ ସିଧାସଳଖ କମ୍ପାନୀ ଠାରୁ ସାର କିଣି ସରକାରୀ ମୂଲ୍ୟରେ ବିକ୍ରି କରିବା ପାଇଁ ନିର୍ଦ୍ଦେଶ ରହିଥିବା କୃଷି ବିଭାଗ ପକ୍ଷରୁ କୁହାଯାଇଛି ।

ମୃତ୍ତିକା ବିଭାଗ ସହକାରୀ ନିର୍ଦ୍ଦେଶକ ନଭେଶ କୁମାର ପଟ୍ଟନାୟକ କହିଛନ୍ତି ଯେ 'ଜିଲ୍ଲାରେ ଚାଷ କାର୍ଯ୍ୟ ପାଇଁ ଏପ୍ରିଲରୁ ସେପ୍ଟେମ୍ବର ମାସ ମଧ୍ୟରେ ୨୪,୬୯୫ ମେଟ୍ରିକ ଟନ୍ ସାର ଆବଶ୍ୟକ ରହିଥିବା ବେଳେ ଏବେ ଜିଲ୍ଲାରେ ୮,୧୩୫ ମେଟ୍ରିକ ଟନ୍ ସାର ବିଭିନ୍ନ ପଏଣ୍ଟରେ ଗଚ୍ଛିତ ରହିଛି । ସରକାରୀ ମୂଲ୍ୟରେ ସମସ୍ତ ସାର ବିକ୍ରି ପାଇଁ ଡିଲରମାନଙ୍କୁ ନିର୍ଦ୍ଦେଶ ଦିଆଯାଇଥିବା କୃଷି ବିଭାଗ ପକ୍ଷରୁ ମଧ୍ୟ କୁହାଯାଇଛି । କିନ୍ତୁ ୟୁରିଆ ସାର ପାଇଁ ଅନ୍ୟ ସାର ନେବା ବାଧ୍ୟତାମୂଳକ ନାହିଁ । ଯଦି କୌଣସି ଡିଲର ନିୟମ ଅମାନ୍ୟ କରି ସାର ସାର ବିକ୍ରି କରୁଥିବା ପ୍ରମାଣ ମିଳେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ।'

# ସୁନା ବେଶରେ ଦର୍ଶନ ଦେଲେ ଶ୍ରୀଜୀଉ



**ଉମରକୋଟ, ନ୍ୟୁଜ ବ୍ୟୁରୋ**

ମହାପ୍ରଭୁ ଜଗନ୍ନାଥ ମାଉସୀ ମାଆ ମନ୍ଦିରରୁ ଫେରି ସିଂହଦ୍ୱାର ନିକଟରେ ପହଞ୍ଚିବା ପରେ ସୁନା ଲାଗି ବେଶରେ ଭକ୍ତଙ୍କୁ ଦର୍ଶନ ଦେଇଛନ୍ତି। ସକାଳୁ ଉମରକୋଟ ଟ୍ରେଜେରୀରୁ ମନ୍ଦିର ଦେବୋତ୍ତର ବିଭାଗ ଓ ମନ୍ଦିର ପରିଚାଳନା କମିଟି ସଦସ୍ୟମାନେ ସ୍ୱର୍ଣ୍ଣ ଅଳଙ୍କାର ଆଣି ମୁଖ୍ୟ ପୁରୋହିତଙ୍କୁ ହସ୍ତାନ୍ତର ପରେ ସୁନା ବେଶରେ ସଜ୍ଜିତ ହୋଇଥିଲେ ମହାପ୍ରଭୁ। ପରେ ସର୍ବସାଧାରଣଙ୍କ ପାଇଁ ଦର୍ଶନ ବ୍ୟବସ୍ଥା ହୋଇଥିଲା। ଏହି ବେଶ ବିଦ୍ଧି ମୁତାବକ ରାତ୍ର ୧୦ ଘଟିକା ପରେ ପୁନଶ୍ଚ ସରକାରୀ ଟ୍ରେଜେରିକୁ ହସ୍ତାନ୍ତର କରାଯିବ ବୋଲି ମନ୍ଦିର ପରିଚାଳନା କମିଟି ସମ୍ପାଦକ ପ୍ରଶାନ୍ତ ସାହୁ ସୂଚନା ଦେଇଛନ୍ତି।

## ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହଙ୍କୁ ଭେଟିଲେ ସାଂସଦ ପ୍ରଦୀପ ପୁରୋହିତ

# ସୈନିକ କଲ୍ୟାଣ ବୋର୍ଡ, ସିଏସଡି କାଉଣ୍ଟର ଓ ସୈନିକ ସ୍କୁଲ ପାଇଁ ଦାବି

**ବରଗଡ, ନ୍ୟୁଜ ବ୍ୟୁରୋ**

ଲୋକସଭା ସାଂସଦ ପ୍ରଦୀପ ପୁରୋହିତ କେନ୍ଦ୍ର ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହଙ୍କୁ ଭେଟି ବରଗଡ଼ ଜିଲ୍ଲା ଏବଂ ପଶ୍ଚିମ ଓଡ଼ିଶାର ପୂର୍ବତନ ସୈନିକ, ସେମାନଙ୍କ ପରିବାର ଓ ଯୁବପିଢ଼ୀଙ୍କ ସ୍ୱାର୍ଥ ସହ ଜଡିତ ତିନୋଟି ଗୁରୁତ୍ୱପୂର୍ଣ୍ଣ ଦାବି ଉପସ୍ଥାପନ କରିଛନ୍ତି। ଏ ସମ୍ପର୍କରେ ସେ ପ୍ରତିରକ୍ଷା ମନ୍ତ୍ରୀଙ୍କୁ ଏକ ବିସ୍ତୃତ ପତ୍ର ପ୍ରଦାନ କରି ଶୀଘ୍ର ପଦକ୍ଷେପ ନେବାକୁ ଅନୁରୋଧ କରିଛନ୍ତି। ସାଂସଦ ଶ୍ରୀ ପୁରୋହିତ ତାଙ୍କ ପତ୍ରରେ ଉଲ୍ଲେଖ କରିଛନ୍ତି ଯେ ବରଗଡ଼ ଜିଲ୍ଲାରେ ବହୁ ସଂଖ୍ୟକ ପୂର୍ବତନ ସୈନିକ ଓ ସେମାନଙ୍କ ପରିବାର ବସବାସ କରୁଛନ୍ତି। ବରଗଡ଼ ଜିଲ୍ଲା ଭେଟେରାନ୍ସ ଆସୋସିଏସନ (ଇଉଠଇ) ୨୦୧୬ ମସିହାରୁ ୨ ହଜାରରୁ ଅଧିକ ପୂର୍ବତନ ସୈନିକ ଓ ସେମାନଙ୍କ ନିର୍ଭରଶୀଳଙ୍କ କଲ୍ୟାଣ ପାଇଁ କାର୍ଯ୍ୟ କରୁଥିବା ସତ୍ତ୍ୱେ ଆବଶ୍ୟକ କଲ୍ୟାଣକାରୀ ଭିତ୍ତିଭୂମିର ଅଭାବ ଯୋଗୁଁ ସେମାନେ ବିଭିନ୍ନ ସମସ୍ୟାର



ସମ୍ମୁଖୀନ ହେଉଛନ୍ତି।ବର୍ତ୍ତମାନ ସମ୍ବଲପୁରରେ ଥିବା ଜିଲ୍ଲା ସୈନିକ କଲ୍ୟାଣ ବୋର୍ଡ ସମ୍ବଲପୁର, ବରଗଡ଼, ବଲାଙ୍ଗୀର, ସୁବର୍ଣ୍ଣପୁର, ସୁନ୍ଦରଗଡ଼, ଦେବଗଡ଼ ଓ ଝାରସୁଗୁଡ଼ା ସହ ସାତୋଟି ଜିଲ୍ଲାକୁ ସେବା ଯୋଗାଇ ଆସୁଛି। ଏହାର ବିଶାଳ କାର୍ଯ୍ୟପରିସର କାରଣରୁ ବରଗଡ଼ ଜିଲ୍ଲାର ପୂର୍ବତନ ସୈନିକମାନଙ୍କୁ ପେନ୍‌ସନ, ଡକ୍ୟୁମେଣ୍ଟେସନ ଓ ଅନ୍ୟାନ୍ୟ କଲ୍ୟାଣକାରୀ ସୁବିଧା ପାଇଁ ଦୀର୍ଘ ଦୂରତା ଯାତ୍ରା କରିବାକୁ ପଡୁଛି। ତେଣୁ ବରଗଡ଼ରେ ଏକ ସ୍ୱତନ୍ତ୍ର ଜିଲ୍ଲା ସୈନିକ କଲ୍ୟାଣ ବୋର୍ଡ ସ୍ଥାପନ କରିବାକୁ ସେ ଦାବି କରିଛନ୍ତି। ସେହିପରି ସମ୍ବଲପୁରରେ ଥିବା ଏକମାତ୍ର ସିଏସଡି କ୍ୟାଣ୍ଟିନ ଉପରେ ସାତୋଟି ଜିଲ୍ଲାର ପୂର୍ବତନ ସୈନିକ ନିର୍ଭରଶୀଳ ଥିବାରୁ ବୃଦ୍ଧ ସୈନିକମାନଙ୍କୁ ଅନେକ ଘଣ୍ଟା ଯାତ୍ରା ଓ ଅପେକ୍ଷା କରିବାକୁ ପଡୁଛି। ଏହି ଅସୁବିଧା ଦୂର କରିବା ପାଇଁ ବରଗଡ଼ରେ ଏକ ସିଏସଡି ଏକ୍ସଟେନ୍‌ସନ କାଉଣ୍ଟର ଖୋଲିବାକୁ ସାଂସଦ ଅନୁରୋଧ କରିଛନ୍ତି। ପତ୍ରରେ ସାଂସଦ ଆହୁରି ଉଲ୍ଲେଖ କରିଛନ୍ତି ଯେ ପଶ୍ଚିମ ଓଡ଼ିଶା ଦେଶର ସଶସ୍ତ୍ର ବାହିନୀକୁ ବହୁ ସଂଖ୍ୟାରେ ଯୁବକ ଯୋଗାଇ ଆସୁଥିଲେ ମଧ୍ୟ ଏହି ଅଞ୍ଚଳରେ କୌଣସି ସୈନିକ ସ୍କୁଲ ନାହିଁ। ବରଗଡ଼ ଜିଲ୍ଲାର ପଦ୍ମପୁରଠାରେ ସୈନିକ ସ୍କୁଲ ସ୍ଥାପନ ପାଇଁ ଆବଶ୍ୟକ ସମସ୍ତ ପ୍ରକ୍ରିୟା ପୂରଣ ହୋଇସାରିଛି ଏବଂ ସୈନିକ ସ୍କୁଲ ସୋସାଇଟି ନିକଟରେ ଆବେଦନ ମଧ୍ୟ ପଞ୍ଜୀକୃତ ହୋଇଛି। ଏହି ସ୍କୁଲ ସ୍ଥାପନ ହେଲେ ଅଞ୍ଚଳର ଗ୍ରାମାଞ୍ଚଳ ଯୁବପିଢ଼ୀ ଉନ୍ନତ ଶିକ୍ଷା ସହ ପ୍ରତିରକ୍ଷା କ୍ଷେତ୍ରରେ କ୍ୟାରିୟର ଗଢ଼ିବାର ସୁଯୋଗ ପାଇବେ ଏବଂ ଅଞ୍ଚଳର ସାମାଜିକ-ଆର୍ଥିକ ବିକାଶରେ ସହାୟକ ହେବ। ଶେଷରେ ସାଂସଦ ଶ୍ରୀ ପୁରୋହିତ ପ୍ରତିରକ୍ଷା ମନ୍ତ୍ରୀଙ୍କୁ ବରଗଡ଼ରେ ଜିଲ୍ଲା ସୈନିକ କଲ୍ୟାଣ ବୋର୍ଡ ସ୍ଥାପନ, ସିଏସଡି ଏକ୍ସଟେନ୍‌ସନ କାଉଣ୍ଟର ମଞ୍ଜୁରୀ ଏବଂ ପଦ୍ମପୁର ପ୍ରସ୍ତାବିତ ସୈନିକ ସ୍କୁଲକୁ ଅନୁମୋଦନ ପ୍ରଦାନ କରିବାକୁ ଦୃଢ଼ ଭାବେ ଅନୁରୋଧ କରିଛନ୍ତି। ଏହି ପଦକ୍ଷେପ ପୂର୍ବତନ ସୈନିକ, ସେମାନଙ୍କ ପରିବାର ଏବଂ ପଶ୍ଚିମ ଓଡ଼ିଶାର ଯୁବପିଢ଼ୀଙ୍କ ପାଇଁ ଏକ ଐତିହାସିକ ସଫଳତା ସାବ୍ୟସ୍ତ ହେବ ବୋଲି ସେ ଆଶା ପ୍ରକାଶ କରିଛନ୍ତି। ଉପରୋକ୍ତ ସମସ୍ୟା ସଂକ୍ରାନ୍ତରେ ଗଠନ ମୂଳକ ଆଲୋଚନା ହୋଇଥିବାରୁ ସାଂସଦ ଶ୍ରୀ ପୁରୋହିତ କେନ୍ଦ୍ର ମନ୍ତ୍ରୀଙ୍କୁ କୃତଜ୍ଞତା ଜ୍ଞାପନ କରିଥିଲେ।

## ରେଲୱେ ଗେଟ୍‌ରେ ଫାଲକାନାମା ଏକ୍ସପ୍ରେସ ଅଟକିଲା : ଯାତ୍ରୀ ଓ ପଥଚାରୀ ହିନସ୍ତା

**ରମ୍ଭା, ନ୍ୟୁଜ ବ୍ୟୁରୋ**

ଶନିବାର ଦିନ ରମ୍ଭା ରେଲୱେ ଗେଟ୍ ନିକଟରେ ଡାଉନ (୧୨୭୦୪) ଗୁଣ୍ଟୁର ହାୱଡା ଏକ୍ସପ୍ରେସ (ଫାଲକାନାମା) ଟ୍ରାକ ତାରରେ ପାରା ବସି ସର୍ଟ ସର୍କିଟ ଯୋଗୁଁ ୨ଘଣ୍ଟା ଧରି ଅଟକ ରହିଥିବା ଖବର ମିଳିଛି। ଯଦ୍ୱାରା ଯାତ୍ରୀମାନେ ନାହିଁ ନ ଥିବା ହଟହଟା ସହ ପଥଚାରୀଙ୍କ ହିନସ୍ତା କହିଲେ ନ ସରେ। ଉପରୋକ୍ତ ଟ୍ରେନ ଅଟକି ରହିବା ଦ୍ୱାରା ରମ୍ଭା ରେଲୱେ ଗେଟ (ସାବୁଲିଆ)ର ଉଭୟେ ପଟରେ ଅନେକ ଯାତ୍ରୀବାହୀ ଓ ମାଲ ବୋଝେଇ ଯାନବାହାନ ଅଟକି ରହି ଦୀର୍ଘ ସମୟ ଅବ୍ୟବସ୍ଥାର ଶିକାର ହୋଇଥିଲେ।ଘଟଣା ସ୍ଥଳରୁ ପ୍ରକାଶ ଯେ ଡ୍ରାଇଭର ଉପସ୍ଥିତ ବୁଦ୍ଧି ଯୋଗୁଁ ଅନେକ ଯାତ୍ରୀ ଆସନ୍ନ ମୃତ୍ୟୁ ମୁଖରୁ ବଞ୍ଚିଥିବା ଜଣାଯାଇଛି। ରମ୍ଭା ଷ୍ଟେସନ କାର୍ଯ୍ୟାଳୟରୁ ପ୍ରକାଶ ଯେ ସକାଳ ଘ ୮.୪୦ରେ ୧୨୭୦୪ ଗୁଣ୍ଟୁର-ହାୱଡ଼ା ଡାଉନ ଫାଲକାନାମା ଏକ୍ସପ୍ରେସ ରହି ଘ ୧୦.୧୫ ମିନିଟରେ ଛାଡିଥିବା ସୂଚନା ମିଳିଛି। ବିଶ୍ୱଜିତ ଖୁଣ୍ଟିଆ ଏସ. ଏସ. ଇ (ଟି ଆର ଡି), ସତ୍ୟ ମହାପାତ୍ର ଏ.ଏସ.ଆଇ, ବି.କେ ଡୋରା ଆର.ପି.ଏଫ ପ୍ରମୁଖ ଘଟଣାର ସୂଚନା ଗଣମାଧ୍ୟମଙ୍କୁ ପ୍ରଦାନ କରିଛନ୍ତି।



## ତିର୍ତ୍ତୋଲରେ ମହାପ୍ରଭୁଙ୍କ ବାହୁଡ଼ା ଉତ୍ସବ ସମ୍ପନ୍ନ



**ତିର୍ତ୍ତୋଲ ନ୍ୟୁଜ ବ୍ୟୁରୋ**

ତିର୍ତ୍ତୋଲ ବ୍ଲକ କଟକ - ପାରାଦ୍ୱୀପ ରାସ୍ତା ଲକବଜାର ଠାରେ ଥିବା ଡାଲମିଆ ଭାରତ ସିମେଣ୍ଟ ସୁଶ୍ରୀ ଏଣ୍ଟରପ୍ରାଇଜେସ ପକ୍ଷରୁ ସବୁବର୍ଷ ପରି ଚଳିତ ବର୍ଷ ମହାପ୍ରଭୁଙ୍କର ବାହୁଡ଼ା ଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ମହାପ୍ରଭୁ ରଥ ନିକଟରେ ୧୦୮ ପ୍ରଦ୍ୱୀପ ପ୍ରଜ୍ୱଳନ କରାଯାଇ କୁନି କୁନି ପିଲାମାନଙ୍କ ମଧ୍ୟରେ ମହାପ୍ରଭୁ ଜଗନ୍ନାଥଙ୍କ ପ୍ରତିଛବି ଚିତ୍ରାଙ୍କନ ପ୍ରତିଯୋଗିତା ଅନୁଷ୍ଠିତ କରାଯାଇଥିଲା। ତାରପୁର ଓଡିଶୀ କଳାକାର ମାନଙ୍କ ଦ୍ୱାରା ବିଭିନ୍ନ ଓଡିଶୀ ନୃତ୍ୟ ପରିବେଷଣ କରାଯାଇଥିଲା। ତିର୍ତ୍ତୋଲ କୁମାର ଉତ୍ସବ ସମିତି ସଭାପତି ବିମଳକାନ୍ତ ମହାପାତ୍ର ମଞ୍ଚ ପରିଚାଳନା କରିଥିବାବେଳେ ଅତିଥି ଭାବେ ଜଗନ୍ନାଥ ସଂସ୍କୃତି ପ୍ରଚାରକ ଡ଼ଃ. ସୁନାକାର ବେହେରା, ଜଗନ୍ନାଥ ସଂସ୍କୃତି ପ୍ରଚାରକ ତଥା ବାବା ବଳିଆଙ୍କ ଶିଷ୍ୟ ଜ୍ୟୋତିର୍ବିତ ଡ଼ଃ. ଅରୁଣ କୁମାର ପାଣି ଯୋଗଦେଇ ମହାପ୍ରଭୁ ଜଗନ୍ନାଥ ସଂସ୍କୃତି ଉପରେ ଉପସ୍ଥିତ ଭକ୍ତ ଓ ଶ୍ରଦ୍ଧାଳୁମାନଙ୍କୁ ଭବ୍ୟ ବାଣୀ ପ୍ରଦାନ କରିଥିଲେ। ଅନୁଷ୍ଠାନର ମୁଖ୍ୟ ପରିଚାଳକ ଆଶିଷ ମହାପାତ୍ର, ସହଯୋଗୀ ଅମରେନ୍ଦ୍ର ସାହୁ, ଡାଲମିଆ ସିମେଣ୍ଟର ବ୍ରିଜେଶ ଚୋକିସ୍ସ, ଶିବରାମ ନାୟକ, ଶରତ କୁମାର ସ୍ୱାଇଁ, ରିତେଶ କୁମାର ମିଶ୍ର, ଶୁଭ୍ରଜିତ ଘଡେଇ, ସୁଧାଂଶୁ ତ୍ରିପାଠୀ, ଜ୍ୟୋତି ରଞ୍ଜନ ଦାସ, ରାଜଉର ରହେମାନ ପ୍ରମୁଖ ଯୋଗଦେଇ କୁନି କୁନି ପ୍ରତିଯୋଗୀମାନଙ୍କୁ ସ୍କୁଲବ୍ୟାଗ, ନୃତ୍ୟଙ୍ଗନା, ଚିତ୍ରକାର, ଶିଳ୍ପକାରମାନଙ୍କୁ ମହାପ୍ରଭୁ ଜଗନ୍ନାଥଙ୍କ ଫଟୋ ଦେଇ ସମ୍ବର୍ଦ୍ଧନା କରିଥିଲେ।

## ଅବକାରୀ ବିଭାଗ ପକ୍ଷରୁ ୮ ଲକ୍ଷ ଟଙ୍କା ଜରିମାନା ଆଦାୟ

**କେନ୍ଦ୍ରାପଡା, ନ୍ୟୁଜ ବ୍ୟୁରୋ**

କେନ୍ଦ୍ରାପଡା ଜିଲ୍ଲା ଅବକାରୀ ବିଭାଗ ପକ୍ଷରୁ ଗତ ୨୦୨୫ ବର୍ଷ ଶେଷ ସୁଦ୍ଧା ୮ଲକ୍ଷ ଟଙ୍କା ଜରିମାନା ଆଦାୟ କରାଯାଇଥିବା ଜିଲ୍ଲା ଅବକାରୀ ଅଧିକ୍ଷକ ବିପ୍ରଚରଣ ମଣ୍ଡଳ ସୂଚନା ଦେଇଛନ୍ତି। ଜିଲ୍ଲାରେ ଥିବା ମଦ ଦୋକାନ ଗୁଡିକର ନିୟମ ଅନୁଯାୟୀ ଖାଲି ମଦ ବୋତଲ ଗୁଡିକ ଦୋକାନୀ ସଂଗ୍ରହ କରି ଗୋଟିଏ ସ୍ଥାନରେ ରଖିବାର ନିୟମ ଥିବାବେଳେ ମଦ୍ୟପାନ କଲାପରେ ଗ୍ରାହକମାନେ ଏହି ଖାଲି ବୋତଲ ଗୁଡିକୁ ମୁଖ୍ୟ ରାସ୍ତା, ବିଲ, ପଡିଆ ଓ ବିଭିନ୍ନ ଗ୍ରାମ ରାସ୍ତା ଗୁଡିକରେ ପକାଇବା ଫଳରେ ସ୍ଥାନୀୟ ଜନସାଧାରଣମାନେ ହଇରାଣ ହେଉଥିବାର ଅଭିଯୋଗ ପାଇବା ପରେ ଅବକାରୀ ଅଧିକ୍ଷକ ଶ୍ରୀ ମଣ୍ଡଳ ୩୨ ଜଣ ମଦ ଦୋକାନୀଙ୍କଠାରୁ ୮ ଲକ୍ଷ ଟଙ୍କା ଜରିମାନା ଆଦାୟ କରିବା ସହିତ ଦୋକାନୀମାନଙ୍କୁ ତାଗିଦ୍ କରାଯାଇଛି ଯେ ଯଦି ପୁନର୍ବାର ମଦ ବୋତଲ ଗୁଡିକ ରାସ୍ତା ଉପରେ ବିଲରେ କିମ୍ବା ଆଖପାଖ ଅଞ୍ଚଳରେ ପକାଯାଉଥିବା ଦେଖିବାକୁ ମିଳେ ତେବେ ଦୋକାନୀଙ୍କ ପ୍ରତି ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ତାଗିଦ୍ କରିଛନ୍ତି।

## ଗୋଟିଏ ରାତିରେ ୩ଜଣଙ୍କ ଘରୁ ଚୋରି

**ଧର୍ମଶାଳା, ନ୍ୟୁଜ ବ୍ୟୁରୋ**

ଧର୍ମଶାଳାଥାନା ଅନ୍ତର୍ଗତ ଆରୁହାପଞ୍ଚାୟତ ଆରୁହା ଗ୍ରାମରେ ଗୋଟିଏ ରାତିରେ ୩ ଜଣଙ୍କ ଘରୁ ଚୋରୀଘଟଣା ସ୍ଥାନୀୟ ଅଞ୍ଚଳରେ ଅସନ୍ତୋଷ ପ୍ରକାଶପାଇଛି।ସୂଚନା ଅନୁଯାୟୀ ମନୋଜ ସାମଲ ଘରେ ଶୁକ୍ରବାର ରାତିରେ ଚୋର ଗ୍ରୀଲ ତାଡି ଘରେ ପଶିଥିଲେ। ଆଲମିରା ରୁ ୮୦ହଜାର ଟଙ୍କା ଓ ୩୦ଗ୍ରାମ ସୁନା ଅଳଙ୍କାର,ହରିହର ଜେନା ଘରୁ ଆଲମିରା ରୁ ୮୨ହଜାର ଟଙ୍କା, ୮୦ଗ୍ରାମ ସୁନା ୧୦ ଗ୍ରାମ ରୁପାଅଳଙ୍କାର ଲୁଟି ନେଇଛନ୍ତି। କିନ୍ତୁ ଚିନ୍ମୟ ସାମଲଙ୍କ ଘରେ ପଶିଥିଲେ ମଧ୍ୟ କିଛି ନେଇନପାରି ଫେରିଯାଇଛନ୍ତି। ଶନିବାର ଦିନ ଧର୍ମଶାଳାଥାନାରେ ଲିଖିତଅଭିଯୋଗ ପରେ ପୋଲିସ କେସନଂ ୩୦୧ ଓ ୩୦୨/୨୬ ମାମଲା ରୁଜୁକରି ସନ୍ଧାନୀ କୁକୁର ଓ ସାଇଣ୍ଟିଫିକ ଟିମ ସହାୟତାରେ ତଦନ୍ତ ଜାରିରଖିଛି। ଆରୁହା, ହରିଦାସପୁର, ଭଡ଼ଙ୍ଗା, ତରଞ୍ଜିଆ ପଞ୍ଚାୟତପାଇଁ ଆରୁହା ଠାରେ ପୋଲିସଫାଣ୍ଡି ପ୍ରତିଷ୍ଠାପାଇଁ ସ୍ଥାନୀୟ ଲୋକମାନେ ଦାବିକରିଛନ୍ତି।

## ହୀରାକୁଦରୁ ୧୦ଟି ଗେଟ୍ ଦେଇ ଜଳ ନିଷ୍କାସନ ଜାରି

# ବୌଦ୍ଧରେ ମହାନଦୀର ଜଳସ୍ତର ବୃଦ୍ଧି

**ବୌଦ୍ଧ, ନ୍ୟୁଜ ବ୍ୟୁରୋ**

ହୀରାକୁଦ ଜଳଭଣ୍ଡାରରୁ ବର୍ତ୍ତମାନ ୧୦ଟି ସ୍ଲୁଇସ୍ ଗେଟ୍ (ବାମ ପାର୍ଶ୍ୱରେ ୭ଟି ଓ ଡାହାଣ ପାର୍ଶ୍ୱରେ ୩ଟି) ଦେଇ ଜଳ ନିଷ୍କାସନ ଜାରି ରହିଛି। ଜଳଭଣ୍ଡାରର ଜଳସ୍ତର ୬୧୩.୩୯ ଫୁଟ୍ ରହିଥିବା ବେଳେ ହାରାହାରି ଜଳପ୍ରବାହ ୨,୧୦,୨୦୪ କ୍ୟୁସେକ୍ ଏବଂ ହାରାହାରି ଜଳ ନିଷ୍କାସନ ୧,୮୬,୧୩୩ କ୍ୟୁସେକ୍ ରହିଛି। ସ୍ପିଲୱେ ମାଧ୍ୟମରେ ୧,୫୧,୩୯୦ କ୍ୟୁସେକ୍ ଜଳ ନିଷ୍କାସନ ହେଉଥିବାବେଳେ ପାୱାର ଚ୍ୟାନେଲ, କେନାଲ ଓ ଶିଳ୍ପ ପାଇଁ ମଧ୍ୟ ଆବଶ୍ୟକ ଜଳ ଛଡ଼ାଯାଉଛି। ହୀରାକୁଦରୁ ଜଳ ନିଷ୍କାସନ ଫଳରେ ବୌଦ୍ଧଠାରେ ମହାନଦୀର ଜଳସ୍ତର



କ୍ରମଶଃ ବୃଦ୍ଧି ପାଉଛି। ଗତକାଲି ସନ୍ଧ୍ୟା ୭ଟା ସୁଦ୍ଧା ବୌଦ୍ଧ ସ୍ଥିତ ଜଳସେଚ଼ନ ବଙ୍ଗଳା ନିକଟ ଗେଜ୍ ଷ୍ଟେସନରେ ନଦୀର ଜଳସ୍ତର ୮୪.୬୪ ମିଟର ରେକର୍ଡ କରାଯାଇଛି। ଏହା ୮୩.୯୭ ମିଟର ଥିଲା। ଏହି ସମୟରେ ମହାନଦୀରେ ଜଳ ପ୍ରବାହ ୪,୩୨,୧୦୦ କ୍ୟୁସେକ୍ ରହିଛି। ଉଲ୍ଲେଖଯୋଗ୍ୟ ଯେ, ବୌଦ୍ଧଠାରେ ମହାନଦୀର ସତର୍କ ସୀମା ୮୬.୮୦ ମିଟର ଏବଂ ବିପଦ ସୀମା ୮୭.୮୦ ମିଟର ରହିଛି। ବର୍ତ୍ତମାନ ନଦୀର ଜଳସ୍ତର ଉଭୟ ସୀମାଠାରୁ ବହୁତ ତଳେ ରହିଥିବାରୁ ଜନସାଧାରଣଙ୍କ ଆତଙ୍କିତ ହେବାର କୌଣସି କାରଣ ନାହିଁ। ଜିଲ୍ଲା ପ୍ରଶାସନ ପକ୍ଷରୁ ମହାନଦୀର ଜଳସ୍ତର ଉପରେ ନିରନ୍ତର ନଜର ରଖାଯାଉଛି। ନଦୀକୂଳବର୍ତ୍ତୀ ଅଞ୍ଚଳର ଲୋକମାନଙ୍କୁ ନଦୀମଧ୍ୟକୁ ନଯିବା, ଅନାବଶ୍ୟକ ଭାବେ ନଦୀରେ ଗାଧୋଇବା କିମ୍ବା ମାଛ ଧରିବାକୁ ନଯିବା ସହିତ ସତର୍କ ରହିବାକୁ ଅନୁରୋଧ କରାଯାଉଛି। ଜିଲ୍ଲା ଜରୁରୀକାଳୀନ ପରିଚ଼ାଳନା କେନ୍ଦ୍ର ସମ୍ପୂର୍ଣ୍ଣ ସଜାଗ ରହିଛି ଏବଂ ପରିସ୍ଥିତି ଉପରେ ନଜର ରଖାଯାଉଛି।

## ସିଦ୍ଧଳରେ ଶ୍ରୀଜୀଉଙ୍କ ସୁନା ବେଶ : ସହସ୍ରାଧିକ ଭକ୍ତ ସମାଗମ



**ଜଗତସିଂହପୁର, ନ୍ୟୁଜ ବ୍ୟୁରୋ**

ଜଗତସିଂହପୁର ଜିଲ୍ଲା ମୁଦୁପୁର ପଞ୍ଚାୟତ ସିଦ୍ଧଳ ଗ୍ରାମରେ ପ୍ରାଚୀନ କାଳରୁ ପୂଜାପାଇ ଆସୁଥିବା ଶ୍ରୀ ଶ୍ରୀ ବଳଦେବ, ମାତା ସୁଭଦ୍ରା, ବିଶ୍ୱ ବ୍ରହ୍ମାଣ୍ଡର କର୍ତ୍ତା ମହାପ୍ରଭୁ ଶ୍ରୀଜଗନ୍ନାଥ, ଚକ୍ରରାଜ ସୁଦର୍ଶନ ଜନ୍ମବେଦୀରୁ ବାହୁଡ଼ିଆସି ସିଂହଦ୍ୱାର ନିକଟରେ ବିରାଜମାନ କରିଛନ୍ତି। ବାହୁଡ଼ାଯାତ୍ରାରେ ପ୍ରତିକୂଳ ପରିସ୍ଥିତି ସତ୍ତ୍ୱେ ହଜାର ହଜାର ସଂଖ୍ୟାରେ ଭକ୍ତମାନେ ବହୁ ଦୂର ଦୁରାନ୍ତରୁ ଆସି ଆନନ୍ଦ ଉଲ୍ଲାସରେ ରଥକୁ ଟାଣି ଆଣିଥିଲେ। ଦିନ ୧୨ ଘଟିକାରୁ ରାତ୍ର ୯ ଘଟିକା ପର୍ଯ୍ୟନ୍ତ ପ୍ରସାଦ ବିତରଣ କରାଯାଇଥିଲା।ଆଜି ଏକାଦଶୀରେ ମହାପ୍ରଭୁ ସୁନାବେଶରେ ଭକ୍ତମାନଙ୍କୁ ଦର୍ଶନ ଦେଇଥିଲେ। ମଧ୍ୟାହ୍ନ ପହୁଡ଼ ନୀତି ସମାପନ ପରେ ଶ୍ରୀଜୀଉମାନଙ୍କୁ ସେବାୟତମାନେ ସୁନାବେଶରେ ସୁସଜ୍ଜିତ କରାଇ ଥିଲେ। ସନ୍ଧ୍ୟା ୬ଟା ଠାରୁ ରାତ୍ର ୧୦ ଘଟିକା ପର୍ଯ୍ୟନ୍ତ ଶ୍ରୀଜୀଉମାନେ ସୁସଜ୍ଜିତ ସୁନା ବେଶରେ ଭକ୍ତମାନଙ୍କୁ ଦର୍ଶନ ଦେଇଥିଲେ। ସୁନାବେଶ ଦର୍ଶନ କରିବା ପାଇଁ ବିଭିନ୍ନ ଅଞ୍ଚଳରୁ ଭକ୍ତମାନେ ଆସି ଭିଡ ଲଗାଇଥିଲେ। ଶାନ୍ତି ରକ୍ଷା କରିବାପାଇଁ ପୋଲିସ ପଶାସନ ତରଫରୁ ବ୍ୟବସ୍ଥା କରାଯାଇଥିଲା।

## ଆଜିର ଭଲମନ୍ଦ



**ଗଣକ-ପଣ୍ଡିତ ଶ୍ରୀ ଚନ୍ଦ୍ରଶେଖର ନନ୍ଦ**
(ବହୁ ଗ୍ରନ୍ଥପ୍ରଣେତା ଓ ଏକାଧିକ ଓଡ଼ିଆଶ ପାଞ୍ଜି ଗଣନାକାର)
ମୋବାଇଲ-୯୩୩୭୬୯୩୦୨୨
csnastrology@gmail.com

**ଉଦୟକାଳୀନ ଗ୍ରହଚକ୍ର**




ସନ- ୧୪୩୩ ସାଲ, ଶକାବ୍ଦଃ- ୧୯୪୩, ସମ୍ବତ୍- ୨୦୮୧, ହିଜରୀ- ୧୪୪୭, କଳିଯୁଗାବ୍ଦଃ- ୫୧୨୨, ଶ୍ରୀ ଶ୍ରୀ ଗଜପତି ମହାରାଜାଙ୍କ- ଅ୬୯ଙ୍କ


**ତା୨୭।୦୭।୨୦୨୬, ଶ୍ରାବଣ ଦ୧୧ନ, ସୋମବାର**

**ସୂର୍ଯ୍ୟୋଦୟ- ଘ ୫।୨୨।୩୭ ଚନ୍ଦ୍ରୋଦୟ- ଦିଘ ୪।୫୯।୪୧**


ତ୍ରୟୋଦଶୀ ଦିଘ ୪।୧୯ ପର୍ଯ୍ୟନ୍ତ। ମୂଳା ନକ୍ଷତ୍ର ଦିଘ ୧୦।୩୦ ପର୍ଯ୍ୟନ୍ତ। ଧନୁ ଚନ୍ଦ୍ର ଅହୋରାତ୍ର। **ଚନ୍ଦ୍ରଶୁଦ୍ଧି-** ମେଷ, ମିଥୁନ, କର୍କଟ, ସିଂହ, ବିଛା, ଧନୁ, ମୀନ ରାଶିର। **ଘାତଚନ୍ଦ୍ର-** ତୁଳା ଓ କୁମ୍ଭ ରାଶିର। **ଶ୍ରାଦ୍ଧନିର୍ଣ୍ଣୟ-** ତ୍ରୟୋଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। **ନିଷିଦ୍ଧ ଖାଦ୍ୟ-** ବାଇଗଣ ଦିଘ ୪।୧୯ ଗତେ ବିରି ଖାଇବା ମନା। **ଆଜିର ଶୁଭବେଳା-** ପ୍ରାଘ ୫।୨୫ ଗତେ ଦିଘ ୭।୦୩ ମଧ୍ୟେ। ଦିଘ ୧୦।୩୭ ଗତେ ଦିଘ ୧।୧୨ ମଧ୍ୟେ। **ପର୍ବୋତ୍ସବ-** ନୀଳାଦ୍ରି ବିଜେ, ଶିବ ଚତୁର୍ଦ୍ଦଶୀ ଉପବାସ ଓ ବେଢ଼ା ପରିକ୍ରମା, ଶିବ ଶୟନୋତ୍ସବ।




**ମେଷ:** କୌଣସି କାମରେ ମନ ଲାଗିବ ନାହିଁ। କର୍ମ କ୍ଲାନ୍ତି ଅନୁଭବ କରିବେ। ଅଳସୁଆମି ପ୍ରକାଶ ପାଇବ। ରୋଜଗାରରେ ବାଧା ସୃଷ୍ଟି ହେବ। ତଥାପି ପାରିବାରିକ ସହଯୋଗ ଯୋଗୁଁ ଆନନ୍ଦ।



**ବୃଷ:** ସର୍ବସାଧାରଣ କାର୍ଯ୍ୟରେ ଯୋଗଦାନ କରିବେ। ମନରେ ଭକ୍ତିଭାବ ଜାଗ୍ରତ ହେବ। ସେବା ପୂଜାରେ ମନ ନିବେଶ କରିବେ। ବନ୍ଧୁ ସହଯୋଗ ମିଳିବ। ଆୟ ଓ ବ୍ୟୟ ସମାନ ରହିବ। ଘରେ ଶାନ୍ତି ଲାଭ।



**ମିଥୁନ:** ଦୂରଯାତ୍ରା କରି କର୍ମ ପ୍ରାପ୍ତି ହେବ। ବନ୍ଧୁ ସହଯୋଗ ସହିତ ମିତ୍ରଲାଭ ଯୋଗ। ଆୟରେ ସାମାନ୍ୟ ଉନ୍ନତି ହେବ। କୌଣସି ନୂତନ କାର୍ଯ୍ୟରେ ଯୋଗଦାନ କରିବେ। ଘର ପାଇଁ ବ୍ୟସ୍ତତା ବୃଦ୍ଧି।



**କର୍କଟ:** ବେପାର ବାଣିଜ୍ୟ କ୍ଷେତ୍ରରେ ଲାଭବାନ ହେବେ। ଆୟ ଓ ବ୍ୟୟ ସମାନ ରହିବ। ପାରିବାରିକ ସୁଖ ଶାନ୍ତି ବିରାଜମାନ କରିବ। ମାଲିମୋକଦ୍ଦମାରେ ଶୁଣାଣୀ ସାପେକ୍ଷ ଜନିତ ହେବ।




**ସିଂହ:** ଆର୍ଥିକ ସ୍ଥିତି ସ୍ୱଚ୍ଛଳ ରହିବ। ଶରୀର ସୁସ୍ଥ ରହିବ। ଘରେ ଖୁସିର ବାତାବରଣ ଖେଳିବ। କର୍ମକ୍ଷେତ୍ରରେ ସଫଳତା ଦେଖାଦେବ। କଚେରୀ ମାମଲାରେ ଶୁଣାଣି ବିଳମ୍ବ ସାପେକ୍ଷ ଜନିତ ହେବ।



**କନ୍ୟା:** ଯଶ ଖ୍ୟାତି ଲାଭ ହେବ। କର୍ମକ୍ଷେତ୍ରରେ ସଫଳତା ଦେଖାଦେବ। ରୋଜଗାର ମଧ୍ୟମ ଧରଣର ହେବ। ଦାମ୍ପତ୍ୟ ଜୀବନ ମଧୁରମୟ ହେବ। ପରେ ଆନନ୍ଦ ଦେଖାଦେବ।



**ତୁଳା:** ବ୍ୟବସାୟରେ ଲାଭବାନ ହେବେ। ଦେହ ଓ ମନ ଭଲ ରହିବ। ପାରିବାରିକ ସୁଖ ଶାନ୍ତି ଅବ୍ୟାହତ ରହିବ। ଭ୍ରମଣ ଯୋଗ ମଧ୍ୟ ରହିଛି। ଆୟର ପରିମାଣ ବୃଦ୍ଧି ପାଇବା



**ବିଛା:** ବ୍ୟବସାୟରେ ଲାଭର ଆଶା କମ୍। ବ୍ୟୟର ମାତ୍ରା ବଢ଼ିବ। ବନ୍ଧୁଙ୍କ ସହ ମତଭେଦ ବୃଦ୍ଧି ହୋଇପାରେ। ଶତ୍ରୁଙ୍କ ଠାରୁ ସତର୍କ ରହିବେ। ମାଲିମକଦ୍ଦମାରେ ଶୁଣାଣି ବିଳମ୍ବ ହେବ।



**ଧନୁ:** ମାଙ୍ଗଳିକ କାର୍ଯ୍ୟରେ ଯୋଗଦେଇ ପାରନ୍ତି। କର୍ମକ୍ଷେତ୍ରରେ ଉନ୍ନତି ଦେଖାଦେବ। ଆୟ ଓ ବ୍ୟୟ ମଧ୍ୟମ ଧରଣର ହେବ। ଘରେ ଖୁସି ଦେଖାଦେବ। ଶୁଭ ଖବର ମଧ୍ୟ ପାଇପାରନ୍ତି।



**ମକର:** କାର୍ଯ୍ୟକ୍ଷେତ୍ରରେ ସଫଳତା ଦେଖାଦେବ। ସାମାଜିକ କ୍ଷେତ୍ରରେ ସମ୍ମାନିତ ହେବେ। ନୂତନ ଦ୍ରବ୍ୟମାନ କ୍ରୟ କରିପାରନ୍ତି। ରୋଜଗାର ଭଲ ହେବ। ଗୃହେ ଖୁସିର ବାତାବରଣ ଖେଳିଯିବ।



**କୁମ୍ଭ:** ଶତ୍ରୁ ନାଶ ହେବେ। ପରିଶ୍ରମ ଅନୁଯାୟୀ ପାରିଶ୍ରମିକ ପାଇ ଉପକୃତ ହେବେ। ଆୟ ଓ ବ୍ୟୟ ସମାନ ରହିବ। ପାରିବାରିକ ଜୀବନ ସୁଖମୟ ହେବ। ଦେବ ଦର୍ଶନ ସହ ସେବା ପୂଜା ମଧ୍ୟ କରିପାର।



**ମୀନ:** କର୍ମ ଚଞ୍ଚଳ ରହିବେ। ଅଯୋଚିତ ଭାବରେ ବନ୍ଧୁ ସାହାଯ୍ୟ ସହଯୋଗ ପାଇ ପୁରୁଣା କାମକୁ ସୁରୁଖୁରୁରେ ନିର୍ବାହ କରିବେ। ଆୟର ପରିମାଣ ବଢିବ। ପରିବାରରେ ଖର୍ଚ୍ଚାନ୍ତ ହେବେ।

## ସାପ୍ତାହିକ ହାଟରେ ଚାଲିଛି ଜୁଆଖେଳ : ପ୍ରଶାସନ ଚୁପ୍

**ରାଇଘର, ନ୍ୟୁଜ ବ୍ୟୁରୋ**

ନବରଙ୍ଗପୁର ଜିଲ୍ଲାର ରାଇଘର ଓ କୁନ୍ଦେଇ ଥାନା ଅଞ୍ଚଳର ବିଭିନ୍ନ ସ୍ଥାନରେ ସାପ୍ତାହିକ ହାଟ ରେ ଖୋଲାଖୋଲି ଜୁଆଖେଳ ଚାଲୁଥିବା ଅଭିଯୋଗ ହୋଇଛି। କେତେକ ସ୍ଥାନରେ ପୋଲିସ ପକ୍ଷରୁ ଚଢ଼ଉ କରାଯାଉଥିବା ବେଳେ, ଆଉ କେତେକ ଅଞ୍ଚଳରେ ନିର୍ଭୟରେ ଚାଲିଛି ଜୁଆଖେଳ ଚାଲିଥିବାରୁ ସ୍ଥାନୀୟ ଲୋକଙ୍କ ମଧ୍ୟରେ ପ୍ରଶାସନର କାର୍ଯ୍ୟକୁ ନେଇ ପ୍ରଶ୍ନ ଉଠିଛି। ସ୍ଥାନୀୟ ଲୋକଙ୍କ ଅଭିଯୋଗ ଅନୁସାରେ, କୁନ୍ଦେଇ ଥାନା ଅନ୍ତର୍ଗତ ଜାଣିପାରା, କିବେକଙ୍ଗା, ତୁରୁଡ଼ିହି, କୋସକଙ୍ଗା ଓ ହିରୀ ସର୍ଗିପାରା ସମେତ ବିଭିନ୍ନ ସ୍ଥାନରେ ଦୀର୍ଘ ଦିନ ଧରି ଜୁଆ ଆସର ବସୁଥିବା କୁହାଯାଉଛି। ସେହିପରି ରାଇଘର ଥାନା ଅଞ୍ଚଳର ଦାସପୁର, ଜଳଙ୍ଗପାରା, ସଭାପାରା ଓ ସାପ୍ତାହିକ ବଜାର ଅଞ୍ଚଳରେ ମଧ୍ୟ ଜୁଆଡ଼ିଙ୍କ ଭିଡ଼ ଜମୁଥିବା ଅଭିଯୋଗ ରହିଛି। ସ୍ଥାନୀୟଲୋକ ଙ୍କ କହିବା ଅନୁସାରେ, ଏହି ଜୁଆ ଆସରରେ ଅନେକ ନିରୀହ ଆଦିବାସୀ ଓ ଶ୍ରମଜୀବୀ ଲୋକ ନିଜର କଷ୍ଟଉପାର୍ଜିତ ଅର୍ଥ ହରାଇ ସର୍ବସ୍ୱାନ୍ତ ହେଉଛନ୍ତି। କେତେକ ପରିବାରରେ ଏହାକୁ କେନ୍ଦ୍ର କରି ଅଶାନ୍ତି ସୃଷ୍ଟି ହେଉଥିବା ମଧ୍ୟ ଆଲୋଚନା ହେଉଛି। ଯୁବପିଢ଼ି ମଦ୍ୟପାନ ଓ ଜୁଆ ଭଳି ଅସାମାଜିକ କାର୍ଯ୍ୟରେ ଜଡ଼ିତ ହେଉଥିବାରୁ ସାମାଜିକ ପରିବେଶ ଉପରେ ମଧ୍ୟ ଏହାର କୁପ୍ରଭାବ ପଡୁଥିବା କୁହାଯାଉଛି। ସ୍ଥାନୀୟ ଲୋକଙ୍କ ମଧ୍ୟରେ ଏପରି ମଧ୍ୟ ଆଲୋଚନା ହେଉଛି ଯେ, କେତେକ ଲୋକ ଜୁଆ ଖେଳିବା ପାଇଁ ଘରୁ ଟଙ୍କା, ଧାନ, ଚାଉଳ ଓ ଅନ୍ୟାନ୍ୟ ସାମଗ୍ରୀ ନେଇ ବିକ୍ରି କରି ସେହି ଟଙ୍କା ଙ୍କୁ ବାଜି ଲଗାଉଛନ୍ତି। ଏହି ପରିସ୍ଥିତିକୁ ନେଇ ଅଞ୍ଚଳବାସୀ କୁନ୍ଦେଇ ଓ ରାଇଘର ପୋଲିସ ପ୍ରଶାସନ ତୁରନ୍ତ ଏହି ଅଞ୍ଚଳଗୁଡ଼ିକରେ ସ୍ୱତନ୍ତ୍ର ଚଢ଼ାଉ କରି ବେଆଇନ ଜୁଆ ଆଡ଼ା ବନ୍ଦ କରିବା ସହ ଦୋଷୀଙ୍କ ବିରୋଧରେ କଡ଼ା ପଦକ୍ଷେପ ନେବାକୁ ଦାବି କରିଛନ୍ତି। ଏହି ଅଭିଯୋଗ ସମ୍ପର୍କରେ କୁନ୍ଦେଇ କିମ୍ବା ରାଇଘର ପୋଲିସ ପକ୍ଷରୁ ଏପର୍ଯ୍ୟନ୍ତ କୌଣସି ଔପଚାରିକ ପ୍ରତିକ୍ରିୟା ମିଳିନାହିଁ।

32 YEARS
ସମ୍ବାଦ କଳିକା

# ପେରୋଭସ୍କାଇଟ୍ ସୋଲାର ଦେବ ଝର୍କାରୁ ବିଜୁଳି

ଦିନକୁ ଦିନ ବୃଦ୍ଧି ପାଉଥିବା ବିଦ୍ୟୁତ୍ ବିଲ୍‌ରୁ ମୁକ୍ତି ପାଇବା ପାଇଁ ଅନେକ ଲୋକ ସୋଲାର ପ୍ୟାନେଲ୍‌ର ସାହାରା ନେଉଛନ୍ତି । ମାତ୍ର ଛାତରେ ସ୍ଥାନ ଅଭାବ ଯୋଗୁଁ ସମସ୍ତେ ଏହାକୁ ଲଗାଇପାରୁ ନାହାନ୍ତି। ଏହି ସମସ୍ୟାର ସ୍ଥାୟୀ ସମାଧାନ ପାଇଁ ବିଜ୍ଞାନୀମାନେ ଏକ ଆଶ୍ଚର୍ଯ୍ୟଜନକ ଉଦ୍ଭାବନ କରିଛନ୍ତି । ଏବେ ଛାତ ବଦଳରେ ଘରର ଝରକାରେ ସୋଲାର ପ୍ୟାନେଲ୍ ଲଗାଇ ବିଦ୍ୟୁତ୍ ଉତ୍ପାଦନ କରାଯାଇପାରିବ । ସିଙ୍ଗାପୁରର ନାନ୍‌ୟାଙ୍ଗ୍ ଟେକ୍ନୋଲୋଜିକାଲ୍ ୟୁନିଭର୍ସିଟି (NTU)ର ଗବେଷକମାନେ ଏକ ନୂଆ ପ୍ରକାରର ସୋଲାର ସେଲ୍ ପ୍ରସ୍ତୁତ କରିଛନ୍ତି, ଯାହା ମଣିଷର ଗୋଟିଏ ବାଳ ଅପେକ୍ଷା ୧୦,୦୦୦ ଗୁଣା ପତଳା ଏବଂ ସମ୍ପୂର୍ଣ୍ଣ ସ୍ୱଚ୍ଛ । ଏହି ନୂତନ ସୋଲାର ପ୍ୟାନେଲ୍‌କୁ 'ପେରୋଭସ୍କାଇଟ୍' ନାମକ ଏକ କ୍ରିଷ୍ଟାଲାଇନ୍ ମ୍ୟାଟେରିଆଲ୍‌ରୁ ତିଆରି କରାଯାଇଛି । ଏହା ଏତେ ପତଳା ଯେ, ଏହାକୁ ଝରକା କାଚରେ ଲଗାଇଲେ ମଧ୍ୟ ବାହାରର ଦୃଶ୍ୟ ସ୍ପଷ୍ଟ ଦେଖାଯିବ । ଏହି ପ୍ୟାନେଲ୍ ଲଗାଇବା ଦ୍ୱାରା ଝରକାର ଆଲୋକ ଗ୍ରହଣ କ୍ଷମତା କେବଳ ସାମାନ୍ୟ କମିଯିବ, ଯାହାକି ଘର ଭିତରେ ଯଥେଷ୍ଟ ସୂର୍ଯ୍ୟାଲୋକ ବଜାୟ ରଖିବ । 'ACS ଏନର୍ଜି ଲେଟର୍ସ'ରେ ପ୍ରକାଶିତ ରିପୋର୍ଟ ଅନୁସାରେ, ଏହି ପ୍ରଯୁକ୍ତିବିଦ୍ୟା କେବଳ ଘରର ଝରକାରେ ନୁହେଁ, ବରଂ ଇଲେକ୍ଟ୍ରିକ୍ କାର୍ ଏବଂ ପିନ୍ଧିହେଉଥିବା ଇଲେକ୍ଟ୍ରୋନିକ୍ ଗ୍ୟାଜେଟ୍ସରେ ମଧ୍ୟ ବ୍ୟବହାର କରାଯାଇପାରିବ । ଏହି ସୋଲାର କାଚ ଲଗାଯାଇଥିବା ଇଲେକ୍ଟ୍ରିକ୍ ଗାଡ଼ି ଚାଲୁଥିବା ସମୟରେ ନିଜେ ନିଜେ ଚାର୍ଜ ହୋଇପାରିବ, ଯାହା ଚାଳକଙ୍କ ପେଟ୍ରୋଲ/ବିଦ୍ୟୁତ୍ ଖର୍ଚ୍ଚକୁ ବହୁ ପରିମାଣରେ କମାଇଦେବ। କମ୍ ସୂର୍ଯ୍ୟାଲୋକ ଓ ସାଧାରଣ ଛାଇରେ ବି ତିଆରି ହେବ ବିଦ୍ୟୁତ୍। ପାରମ୍ପରିକ ସିଲିକନ୍ ସୋଲାର ପ୍ୟାନେଲ୍ ପରି ଏଥିପାଇଁ ସିଧାସଳଖ ଟାଣ ଖରା ପ୍ରଭାବର ଆବଶ୍ୟକତା ନାହିଁ । ଆକାଶରେ ବାଦଲ ଥିଲେ ମଧ୍ୟ ଏହା ଶକ୍ତି ସଂଗ୍ରହ କରି ବିଦ୍ୟୁତ୍ ତିଆରି କରିପାରିବ। ବହୁତଳ ପ୍ରାସାଦ ଓ ଅଫିସ୍ ଟାୱାରଗୁଡ଼ିକର କାଚ ଝରକାରେ ଏହାକୁ ଲଗାଗଲେ ବାର୍ଷିକ ଶହ ଶହ ମେଗାୱାଟ୍ ବିଦ୍ୟୁତ୍ ଉତ୍ପାଦନ କରାଯାଇପାରିବ । 'ଏହି ନୂତନ ପେରୋଭସ୍କାଇଟ୍ ସେଲ୍ ଆଲୋକର କିଛି ନିର୍ଦ୍ଦିଷ୍ଟ ୱେଭ୍ ଲେନ୍ଥକୁ ଅଲଗା କରି ବିଦ୍ୟୁତ୍ ପ୍ରସ୍ତୁତ କରିଥାଏ। ଏହାର ପେଟେଣ୍ଟ ପାଇଁ ଆବେଦନ କରାଯାଇସାରିଛି ଏବଂ ଖୁବ୍‌ଶୀଘ୍ର ଏହା ବଜାରକୁ ଆସିବ । ବୋଲି NTU ସିଙ୍ଗାପୁର ମୁଖ୍ୟ ଗବେଷିକା ଏନାଲିସା ବ୍ରୁନୋ କହିଛନ୍ତି ।



## ନିଶାପ

### (ନିରପେକ୍ଷ ଶାସନ ପଦ୍ଧତି)

### ସଦ୍‌ଗୁରୁ ଶ୍ରୀ ଶ୍ରୀ ଶ୍ରୀ ଅଭିରାମ ସରସ୍ୱତୀ

ମାତୃତ୍ୱ

ଶ୍ରଦ୍ଧେୟ ଭକ୍ତବୃନ୍ଦ ତୁମେ ସଂସାରୀ ହୁଅ, କି ଯାହାବି ହୁଅ, ଏ ସଂସାର ଏ ପୃଥିବୀର ଅଧିକାରୀ ହେଲେ ମା କେତେ କଷ୍ଟ କେତେ ଦୁଃଖ, କେତେ ଯନ୍ତ୍ରଣା ପାଇଲେ ମଧ୍ୟ ତା ମୁଖରେ ହସଥାଏ । ସେହି ମା ତେଣୁ ହେ ସୁଧିଜନ, ହେ ସଂସାରୀ ପୃଥିବୀ ଓ ଆକାଶ ଠାରୁ ବି ମା ବଡ । ତେଣୁ ଏହି ବଡ ସହିତ ତାଳ ମିଳାଇ କିପରି ଚାଲିବ । ସେଥିପ୍ରତି ତ୍ୟାଗ ରହିବା ହେଉଛି ତୁମର ପ୍ରଥମ କର୍ତ୍ତବ୍ୟ । ତେଣୁ ହେ ଭକ୍ତ, ହେ ଶିଷ୍ୟ, ସେ ସଂସାରୀ ପ୍ରଥମେ ନାରୀକୁ ସମ୍ମାନ ଦେବା ଶିଖ । ଦେଖିବ ତୁମର ସଂସାର କେତେ ସୁନ୍ଦର ହୋଇଯିବ । ପ୍ରକୃତ ସଂସାରର ମାଳି ହିଁ ନାରୀ। ସେ ନଥିଲେ ସଂସାର ନାହିଁ । ସେ ନଥିଲେ ସୁଖ ନାହିଁ । ସେ ନଥିଲେ ପୁରୁଷର ସତା ବି ନାହିଁ । ତାହେଲେ କାହାପାଇଁ ଏ ପୁରୁଷତ୍ୱ।

ତେଣୁ ହେ ସୁଧିଜନ ପ୍ରଥମେ ତୁମେ ସଙ୍କଳିତ ମନରେ ତୁମର ସ୍ତ୍ରୀକୁ ପ୍ରଥମେ ମାତୃତ୍ୱର ସମ୍ମାନ ଦେବା ଶିଖ । କାରଣ ସେ ସିନା ତୁମର ସ୍ତ୍ରୀ ପୁଣି କାହାର ତ ମା ତେଣୁ ସନ୍ତାନ ବତ୍ସଳା ମା କୁ ହାତାଦାର କାରଣ ଶୀହନ ତୁମେ ହୋଇଯିବ । ତେଣୁ ନାରୀ ହିଁ ସୃଷ୍ଟି, ନାରୀ ହିଁ ମା, ତେଣୁ ହେ ମାନବ ସାବଧାନ ନଚେତ୍ ଠକିଯିବ । ହରି ଓଁ ।

◆◆

# ଶ୍ରୀଜଗନ୍ନାଥଙ୍କ ଆଦ୍ୟ ସେବକ ଗଜପତି ମହାରାଜା



ଡକ୍ଟର ସର୍ବେଶ୍ୱର ସେଣ
ସା/ପୋ: ପୁରୁଷୋତ୍ତମପୁର
କେନ୍ଦ୍ରାପଡ଼ା - ୭୫୪୨୧୩
ମୋ: ୯୪୩୭୦୮୮୦୩୯



ଶ୍ରୀଜଗନ୍ନାଥ, ଜଗନ୍ନାଥ ସଂସ୍କୃତି ବିଶ୍ୱବନ୍ଦିତ। କର୍ମକ୍ଷେତ୍ରରେ ପବିତ୍ର ଶ୍ରୀମନ୍ଦିର, ତହିଁରେ ବିଜେ ପ୍ରଭୁ ଜଗନ୍ନାଥ, ସାଥିରେ ବଡ଼ଭାଇ ବଳଭଦ୍ର, ଭଗ୍ନୀ ସୁଭଦ୍ରା, ଆୟୁଧ ସୁଦର୍ଶନ। ସେହି ଲୀଳାମୟଙ୍କ ମହିମା, ଦେବ, ବ୍ରାହ୍ମଣ, ବ୍ରହ୍ମା, ଶିବ, ସର୍ବିଙ୍କୁ ଅଗୋଚର। ତା' ବିଭୂତି; ଯୋଗୀ, ମୁନି, ଋଷିମାନଙ୍କ ପାଇଁ ଚିର ଅବୋଧ। ସେ ଆଦି, ଅନାଦି, ନିର୍ଗୁଣ, ସଗୁଣ, ଅଣାକାର ପୁନଶ୍ଚ ଶୂନ୍ୟ, ପରଂବ୍ରହ୍ମ। ସାକାର ରୂପ ବିଗ୍ରହ ନେଇ ସେ କଳିରେ ଦାରୁଦେବତା। ତାଙ୍କରି ମନ୍ଦିର, ପୂଜା, ରୀତିନୀତି ସର୍ବୋପରି ଶ୍ରୀ ଘୋଷଯାତ୍ରାକୁ ନେଇ କେତେ କେତେ କିମ୍ବଦନ୍ତୀ, ଲୋକକଥା ସହିତ ଐତିହାସିକ ତଥ୍ୟ - ଏ ସମସ୍ତକୁ ନିର୍ବିବାଦରେ ଆଦରି ନେଇଛନ୍ତି ଜଗନ୍ନାଥ ପ୍ରାଣ ଓଡ଼ିଶାବାସୀ।

ଓଡ଼ିଆ ଜାତିର ହର୍ତ୍ତା, କର୍ତ୍ତା, ଦେବ ବିଧାତା ହିଁ ଜଗନ୍ନାଥ। ସାଧାରଣ ଓଡ଼ିଶାବାସୀଙ୍କ ଠାରୁ ଗଜପତି ଠାକୁର ରାଜାଙ୍କ ପର୍ଯ୍ୟନ୍ତ ସମସ୍ତେ ଆପଣାର ହୃଦ - ପ୍ରାଣରେ ସ୍ଥାନିତ କରିଦେଇଛନ୍ତି ଶ୍ରୀଜଗନ୍ନାଥଙ୍କୁ ଅଷ୍ଟରତ୍ନ, ଅଣିମାଦି ଆଭୂଷଣ, ଧନ, ଜନ, ବିଭବ, ରାଜଗାଦି ଠାରୁ ଶ୍ରେଷ୍ଠ ମଣନ୍ତି ତାଙ୍କ କାଳିଆ ସାଆନ୍ତଙ୍କୁ। ଏଣୁ ଉତ୍କଳୀୟ ଗଜପତି ପରମ୍ପରାରେ ଶ୍ରୀ ଜଗନ୍ନାଥଙ୍କ ଶ୍ରେଷ୍ଠତ୍ୱ ପ୍ରତିପାଦିତ। ଅତୀତରେ ବାହ୍ୟ ଶତ୍ରୁ ଆକ୍ରମଣ, ଗଜପତି ରାଜା ହିଁ ସୁରକ୍ଷିତ ରଖିଛନ୍ତି ତାଙ୍କ ପ୍ରିୟ ଠାକୁରଙ୍କୁ। ତୁଚ୍ଛ କରିଦେଇଛନ୍ତି ରାଜଗାଦିକୁ। ସେମାନେ ହେଉଛନ୍ତି ଶ୍ରୀ ଜଗନ୍ନାଥଙ୍କ ଆଦ୍ୟ ସେବକ, ତାଙ୍କ ଚଳନ୍ତି ପ୍ରତିମା।

ରାଜା ଇନ୍ଦ୍ରଦ୍ୟୁମ୍ନ, ରାଣୀ ଗୁଣ୍ଡିଚା, ଶ୍ରୀମନ୍ଦିର ନିର୍ମାଣ କରିବା, ସ୍ୱର୍ଗ ବିଶ୍ୱକର୍ମାଙ୍କ ଦ୍ୱାରା ଦାରୁ ଦେବତା ସ୍ଥାପନକୁ ନେଇ କିମ୍ବଦନ୍ତୀ ଚିର ଉଦ୍‌ଜୀବିତ। ତତ୍ ସହିତ ରାଜା ବ୍ରହ୍ମଲୋକରୁ ବ୍ରହ୍ମାଙ୍କୁ ବରଣ କଲେ ଦିଅଁମାନଙ୍କର ପ୍ରତିଷ୍ଠା ପ୍ରସଙ୍ଗ ମଧ୍ୟ ଏହାସହ ସଂଶ୍ଳିଷ୍ଟ। ଏଭଳି ପ୍ରକ୍ରିୟାରେ ହଜାର ହଜାର ବର୍ଷ ଯିବା, ଦେଉଳଟି ବାଲିରେ ପୋତି ହେବା, ମୃଗୟା ସମୟରେ ଦେଉଳ ଚୂଡ଼ା ରାଜା ଗାଲ ମାଧବଙ୍କ ଘୋଡ଼ାଟାପୁରେ ବାଜିବା, ରାଜା ଗାଲମାଧବ ଏହାକୁ ଉଦ୍ଧାର କରିବା ଆଦି ବିଷୟମାନ। ଏସବୁ କିମ୍ବଦନ୍ତୀର ଅଂଶବିଶେଷ; ମାତ୍ର ଅନନ୍ତବର୍ମନ୍ ଚୋଡ଼ଗଙ୍ଗଦେବ ହିଁ ଶ୍ରୀମନ୍ଦିର ନିର୍ମାଣ ଆରମ୍ଭ କଲେ (୧୧୩୫)। ତାଙ୍କ ପରେ ଦ୍ୱିତୀୟ ଅନଙ୍ଗଭୀମ ଦେବ ମନ୍ଦିରକୁ ସମ୍ପୂର୍ଣ୍ଣ କରିଥିଲେ; ମାତ୍ର ସେ ପୁରାତନ ମନ୍ଦିରର ପୁନରୁଦ୍ଧାର କଲେ କିମ୍ବା ନୂତନ କରି ମନ୍ଦିର ଗଢ଼ିଲେ ଏ ନେଇ କୌଣସି ସଠିକ୍ ପ୍ରମାଣ ମିଳେନି। ଗଙ୍ଗବଂଶୀ ରାଜା ଦ୍ୱିତୀୟ ଅନଙ୍ଗଭୀମ ଦେବ ୧୧୯୭ ମସିହାରେ ଚତୁର୍ଦ୍ଧା ମୂର୍ତ୍ତିଙ୍କୁ ଶ୍ରୀମନ୍ଦିରରେ ସ୍ଥାପନ କଲେ। ଶ୍ରୀମନ୍ଦିର ନିର୍ମାଣ ଶେଷ କଲେ ଅନଙ୍ଗଭୀମଦେବ-୩ (୧୨୩୦)। ସେହିଦିନ ଠାରୁ ମନ୍ଦିରରେ ବଡ଼ଠାକୁରଙ୍କର ବିଶେଷ ନୀତି, ପୂଜା, ସେବା ସହିତ ଶ୍ରୀଘୋଷଯାତ୍ରା ଆରମ୍ଭ ହୋଇଥିଲା। ତା' ପରଠାରୁ ଉତ୍କଳୀୟ ରାଜାମାନେ ଏହି ଯାତ୍ରା ପ୍ରତିବର୍ଷ ଜାରି ରଖିବାକୁ ଯତ୍ନଶୀଳ। ରାଜନୀତିକ ସଙ୍କଟ, ବାହ୍ୟଶତ୍ରୁଙ୍କ ଆକ୍ରମଣରେ ଶ୍ରୀଜଗନ୍ନାଥଙ୍କୁ ବାର ଦୁଆର ହେବାକୁ ପଡ଼ିଛି। ଏଥି ପାଇଁ କେତେକ ମୋଗଲ ଶାସକଙ୍କ ଧର୍ମ ବିଦ୍ୱେଷ ନୀତି, ଶ୍ରୀମନ୍ଦିରରୁ ଅର୍ଥ ଲୁଣ୍ଠନ ପ୍ରଚେଷ୍ଟା, ସେମାନଙ୍କୁ ପ୍ରତିରୋଧ କରିବାରେ ଉତ୍କଳୀୟ ରାଜାମାନଙ୍କର ଅପାରଗତା ଏହାର ମୁଖ୍ୟ କାରଣ। ତଥାପି ଆମ ଗଜପତି ରାଜାମାନେ ଧନ, ମାନ, ଯଶ, ଗୌରବ, ରାଜ୍ୟ; ଏସବୁ ବିନିଯୋଗ ପୂର୍ବକ ଓଡ଼ିଆ ଜାତିର ଦେବତାକୁ ସୁରକ୍ଷା ଦେଇଛନ୍ତି; ଏପରିକି ଦିଅଁମାନଙ୍କୁ ସାତଥର ସ୍ଥାନାନ୍ତର କରିଛନ୍ତି ବହିଃ ଶତ୍ରୁ ଆକ୍ରମଣରୁ ରକ୍ଷା କରିବା ପାଇଁ। ଆଜି ନାହାନ୍ତି ସେହି ଅପଶାସକ ମୋଗଲମାନେ, ଅଛନ୍ତି ଶ୍ରୀଜଗନ୍ନାଥ, ଚିର ଜାଜ୍ୱଲ୍ୟମାନ ତାଙ୍କ ସଂସ୍କୃତି, ବଳବତ୍ତର ରହିଛି ସେହି ଗଜପତି ପରମ୍ପରା।

ଗଙ୍ଗବଂଶର ପତନ। ଓଡ଼ିଶାରେ ସୂର୍ଯ୍ୟବଂଶୀ ରାଜତ୍ୱର ପ୍ରତିଷ୍ଠାତା କପିଳେନ୍ଦ୍ରଦେବ। ତାଙ୍କରି ସମୟରୁ ଗଜପତି ପରମ୍ପରା ସ୍ୱୀକୃତ, ଯଦିଓ କେତେକ ରେକର୍ଡ଼ରେ ଚୋଡ଼ଗଙ୍ଗଦେବଙ୍କଠାରୁ ଏହି ଉପାଧି ପ୍ରଚଳିତ ଥିବା ଉଲ୍ଲେଖ ରହିଛି। ଓଡ଼ିଶାର ରାଜାମାନେ ଅନେକ ଗଜର ଅଧିପତି ଥିବା ଏଥିରୁ ପ୍ରମାଣ ମିଳେ। ଏଣୁ ଗଜପତିଙ୍କୁ ଏକ ସ୍ୱତନ୍ତ୍ର ରାଜବଂଶ ଭାବେ ଗ୍ରହଣ କରାଯାଇନପାରେ। ଇଂରେଜ ରାଜତ୍ୱ କାଳରେ ଏହି ପରମ୍ପରାର ବିଲୋପ ସାଧନ ସହିତ ମନ୍ଦିର ପ୍ରଶାସନକୁ ନିଜ ସପକ୍ଷକୁ ନେଇଥିବା ପଦକ୍ଷେପ ମଧ୍ୟ ପଣ୍ଡ ହୋଇଛି। ସୂର୍ଯ୍ୟମଣି ପାଟମହାଦେଈ, ଇଂରେଜ ସରକାର ମଧ୍ୟରେ ଶ୍ରୀମନ୍ଦିର ସତ୍ତ୍ୱକୁ ନେଇ ଚାଲିଥିବା ମକଦ୍ଦମାରେ ରାଣୀ ଜିତାପଟ ନେଇଥିଲେ। ଇଂରେଜ ସରକାର ପୁରୀ ରାଜାଙ୍କୁ ବଂଶାନୁକ୍ରମିକ ଶ୍ରୀମନ୍ଦିର ସୁପରିଟେଣ୍ଡେଣ୍ଟ ବା ପରିଚାଳକ ହିସାବରେ ସ୍ୱୀକୃତି ପ୍ରଦାନ କଲେ। ଏହି କେଶ୍ ଓଡ଼ିଶାର ପ୍ରଖ୍ୟାତ ଆଇନଜୀବୀ ମଧୁସୂଦନ ଦାସ ରାଣୀଙ୍କ ପକ୍ଷରୁ ଲଢୁଥିଲେ। କହିବା ବାହୁଲ୍ୟ, ଏହି ମାମଲାର ଫଳାଫଳ ହିଁ ଗଜପତି ପରମ୍ପରାକୁ ଏଯାବତ୍ ବଞ୍ଚାଇ ରଖିବାରେ ସକ୍ଷମ ହୋଇଛି।

୧୫୬୮ ମସିହା, ଓଡ଼ିଶା ପାଇଁ ଆଣିଲା ଦୁର୍ଭାଗ୍ୟ। ଆଫଗାନୀ ଶାସକ ସୁଲେମାନ କରାନୀ ମୁକୁନ୍ଦଦେବଙ୍କୁ ପରାସ୍ତ କରି ଓଡ଼ିଶା ଶାସନ କରଗତ କଲେ। ଅପରପକ୍ଷରେ ଅନ୍ତର୍ବିବାଦରେ ଛନ୍ଦିହୋଇ ମୁକୁନ୍ଦଦେବ, ରାମଚନ୍ଦ୍ର ଭଞ୍ଜଙ୍କ ଦ୍ୱାରା ଗୋହିରାଟିକିରା (ଯାଜପୁର) ଠାରେ ନିହତ ହେଲେ। ମୁକୁନ୍ଦଦେବ ଥିଲେ ଜଣେ ଜନପ୍ରିୟ ଶାସକ। ତାଙ୍କ ପରେ ଦନେଇ ବିଦ୍ୟାଧରଙ୍କ ପୁତ୍ର (ରାମଚନ୍ଦ୍ର ଦେବ) କେତେଜଣ ସାମନ୍ତ ରାଜାଙ୍କ ସମର୍ଥନରେ (୧୫୭୧-୭୨)ରେ ଖୁରୁଧା ରାଜ୍ୟର ପ୍ରତିଷ୍ଠା କଲେ। ତାଙ୍କ ରାଜତ୍ୱ କାଳରେ କୁଜଙ୍ଗ ଗଡ଼ରୁ ବ୍ରହ୍ମ ଆଣି ବିଧି ମୁତାବକ ଚତୁର୍ଦ୍ଧା ଦାରୁ ମୂର୍ତ୍ତି ଗଢ଼ାଇ ଶ୍ରୀମନ୍ଦିରରେ ପୁନଃ ସ୍ଥାପନ କଲେ; କିନ୍ତୁ ଆଫଗାନମାନଙ୍କର ଆକ୍ରମଣ ହେତୁ ଶ୍ରୀମନ୍ଦିରରେ ଘଟିଥିବା ଅଶାନ୍ତି, ଉପଦ୍ରବ ମନ୍ଦିରର ପବିତ୍ରତା ତଥା ସୁରକ୍ଷା ପାଇଁ ଥିଲା ଏକ ବଡ଼ ଆହ୍ୱାନ। ଗଜପତି ରାମଚନ୍ଦ୍ର ଦେବ ଏହାର ମୁକାବିଲା କରିପାରିଥିଲେ। ଶ୍ରୀମନ୍ଦିରର ପୂଜାବିଧି ଯଥାରୀତି ଆରମ୍ଭ ହୋଇଥିଲା। କେହି କେହି ତାଙ୍କୁ ମଧ୍ୟ ଦ୍ୱିତୀୟ ଇନ୍ଦ୍ରଦ୍ୟୁମ୍ନ ଆଖ୍ୟା ଦେଇଥାନ୍ତି। ସେ ପୁରୀ ଖୋର୍ଦ୍ଧା ମଧ୍ୟରେ ପାଞ୍ଚଗୋଟି ବ୍ରାହ୍ମଣ ଶାସନ ବସାଇଥିଲେ। ତାଙ୍କ ସମୟକୁ ଓଡ଼ିଶା ମୋଗଲମାନଙ୍କ ଅଧୀନକୁ ଆସିସାରିଥିଲା। ସମ୍ରାଟ ଆକବରଙ୍କ ନିର୍ଦ୍ଦେଶରେ ମାନସିଂହ ରାମଚନ୍ଦ୍ର ଦେବଙ୍କୁ ଖୋର୍ଦ୍ଧାର ଗଜପତି ରାଜାଭାବେ ସ୍ୱୀକୃତି ପ୍ରଦାନ କରିଥିଲେ। ତାଙ୍କପରେ ପୁରୁଷୋତ୍ତମ ଦେବ ହେଲେ ଓଡ଼ିଶାର ଗଜପତି (୧୬୦୫); ଯାହାଙ୍କ ସମୟରେ କେଶୋଦାସ ମାରୁ ନାମକ ରାଜପୁତ ମୁଖ୍ୟ ଶ୍ରୀମନ୍ଦିର ଲୁଣ୍ଠନ ପାଇଁ ଆକ୍ରମଣ କଲେ। ପୁରୁଷୋତ୍ତମଦେବଙ୍କ ନେତୃତ୍ୱରେ ପାଇକମାନେ ଏହାର ତୀବ୍ର ବିରୋଧ କରିଥିଲେ; ମାତ୍ର ସୁବେଦାର କାସିମ ଖାଁଙ୍କ ଦ୍ୱାରା ପ୍ରେରିତ ସୈନ୍ୟବଳ ନିକଟରେ ପୁରୁଷୋତ୍ତମଦେବ ଆପଣାକୁ ଅସହାୟ ମନେକଲେ। ଅପର ପକ୍ଷରେ ସେ ତାଙ୍କର ପ୍ରାଣ-ଦେବତା ଶ୍ରୀଜଗନ୍ନାଥଙ୍କ ସୁରକ୍ଷା ପାଇଁ କେଶୋଦାସଙ୍କ ସଙ୍ଗେ ସନ୍ଧି କରିବାକୁ ବାଧ୍ୟ ହେଲେ। ସ୍ୱାକ୍ଷରିତ ଚୁକ୍ତି ଅନୁସାରେ ରାଜାଙ୍କୁ ତିନିଲକ୍ଷ ଟଙ୍କା ପେଶକସ ସହ ନିଜର ଦୁହିତାକୁ ମଧ୍ୟ କେଶୋଦାସଙ୍କ ହାରେମକୁ ଦେବାକୁ ପଡ଼ିଲା। କେଶୋଦାସ ମଧ୍ୟ ଜୋର ଜବରଦସ୍ତ ଗଜପତିଙ୍କ ଭଉଣୀକୁ ବିବାହ କଲେ। ଏ ବାବଦକୁ ମଧ୍ୟ ରାଜାଙ୍କୁ ଏକଲକ୍ଷ ଟଙ୍କା ଯୌତୁକ ଦେବାକୁ ପଡ଼ିଲା। ପୁନଶ୍ଚ କଲ୍ୟାଣ ମଲ୍ଲଙ୍କ ସୁବେଦାରୀ ସମୟରେ ଖୋର୍ଦ୍ଧା ଆକ୍ରମଣ କରାଗଲା (୧୬୧୧)। ମକରମ ଖାଁଙ୍କ ସମୟ (୧୬୧୭)ରେ ମଧ୍ୟ ଅନୁରୂପ ଆକ୍ରମଣମାନ ସଂଗଠିତ ହେଲା। ଫଳରେ ପ୍ରତିଥର ଶ୍ରୀମନ୍ଦିରର ଦିଅଁମାନଙ୍କୁ ଚିଲିକା ମଧ୍ୟରେ ଲୁଚାଇ ରଖାଗଲା। ଦ୍ୱିତୀୟଥର ଚିଲିକା ନିକଟସ୍ଥ ବାଣପୁରର ଏକ ଅଗମ୍ୟ ସ୍ଥାନରେ ଜୀଉମାନଙ୍କୁ ସ୍ଥାନାନ୍ତର କରାଗଲା। ସମସ୍ତ ଦୁଃଖ, ନିର୍ଯ୍ୟାତନା, ଦୈନ୍ୟ ସତ୍ତ୍ୱେ; ଗଜପତି ରାଜାମାନେ ଶ୍ରୀ ଜଗନ୍ନାଥଙ୍କ ମାନରକ୍ଷା କରିବାରେ ଊଣା କରିନାହାନ୍ତି।

ସମ୍ରାଟ ଆଉରଙ୍ଗଜେବ୍, ନବାବ ଏକରାମ ଖାଁଙ୍କୁ କଡ଼ା ନିର୍ଦ୍ଦେଶ ଦେଲେ ଶ୍ରୀମନ୍ଦିରକୁ ଭୂସାୟୀ କରିବା ପାଇଁ; ମାତ୍ର ଗଜପତି ରାଜା ଦିବ୍ୟସିଂହ ଦେବ କୌଶଳ କ୍ରମେ ଶ୍ରୀଜୀଉମାନଙ୍କର ସୁରକ୍ଷା କରିପାରିଥିଲେ। ମିର୍ ସହୀଦ୍ ମହମ୍ମଦ ଥିଲେ ଏକରାମ ଖାଁଙ୍କ ବିଶ୍ୱସ୍ତ। ତାଙ୍କରି ସହାୟତାରେ ନିଜେ ରାଜା ଶ୍ରୀମନ୍ଦିରକୁ ଭାଙ୍ଗି ଦେବା ପାଇଁ ଅନୁମତି ଏକରାମଙ୍କଠାରୁ ଆଣିଲେ। ଦିବ୍ୟସିଂହ ଦେବ ଶ୍ରୀମନ୍ଦିର ପ୍ରବେଶ ଦ୍ୱାରର ସାମାନ୍ୟ ଅଂଶକୁ ଭାଙ୍ଗି ଦେଲେ। ଜୀଉଙ୍କର ଏକ ନକଲି ପ୍ରତିମା ପଠାଇ ଦେଲେ ଆଉରଙ୍ଗଜେବଙ୍କ ନିକଟକୁ। ତାଙ୍କ ଧର୍ମ ବିଦ୍ୱେଷ ପିପାସାକୁ ଚରିତାର୍ଥ କରିଥିଲେ; ଏଥି ସହିତ ମନ୍ଦିର ଦ୍ୱାର ବନ୍ଦ କରାଯାଇ ଭୟରେ ସମସ୍ତ ରୀତି-ନୀତି, ପୂଜା-ପାର୍ବଣକୁ ବନ୍ଦ କରିଦିଆ ଯାଇଥିଲା।

ଗଜପତି ରାମଚନ୍ଦ୍ରଦେବ (୨)ଙ୍କ ସମୟ ଥିଲା ଅତ୍ୟନ୍ତ ଦୁର୍ଭାଗ୍ୟ ଜନକ। ମହମ୍ମଦ ତକି ଖାଁ ହେଲେ ଓଡ଼ିଶାର ନବାବ ନାଜିମ। ସେ ହଠାତ୍ ଖୋର୍ଦ୍ଧା ଆକ୍ରମଣ କଲେ (୧୭୩୧)। ଯୁଦ୍ଧରେ ପରାସ୍ତ ହୋଇ ରାମଚନ୍ଦ୍ର ଦେବଙ୍କୁ କଟକ ବାରବାଟୀ ଦୁର୍ଗରେ ବନ୍ଦୀ ଜୀବନ ବିତାଇବାକୁ ପଡ଼ିଲା। ତାଙ୍କୁ ବାଧ୍ୟବାଧକତାରେ ମୁସଲମାନ କରି ଦିଆଗଲା। ଫଳସ୍ୱରୂପ ରାମଚନ୍ଦ୍ର ଦେବଙ୍କୁ ତକି ଖାଁ ପୁନଃ ଖୋର୍ଦ୍ଧାକୁ ହସ୍ତାନ୍ତର କରିଥିଲେ; ମାତ୍ର ତାଙ୍କପରି ଜଣେ ହିନ୍ଦୁଧର୍ମ ବିରୋଧୀ, କଠୋରପନ୍ଥୀ ମୁସଲମାନଙ୍କୁ ରାମଚନ୍ଦ୍ରଦେବ ବିଶ୍ୱାସକୁ ନେଇନଥିଲେ। ଜଗନ୍ନାଥ ମନ୍ଦିର ଆକ୍ରମଣ ଆଶଙ୍କାରେ ଜୀଉମାନଙ୍କୁ ବାଣପୁରକୁ ନିଆ ଯାଇଥିଲା। ଏଥିରେ କ୍ଷୁବ୍ଧ ତକି ଖାଁ ମନ୍ଦିର ଆକ୍ରମଣ କଲେ, ତେଣୁ ଦିଅଁମାନଙ୍କୁ ବାଣପୁରରୁ ଖଲ୍ଲିକୋଟ ନିକଟବର୍ତ୍ତୀ ଟିକିରିକୁ ସ୍ଥାନାନ୍ତର କରାଗଲା। ତକି ଖାଁଙ୍କ ଅନୁପସ୍ଥିତିରେ ପୁନଶ୍ଚ ଦିଅଁମାନଙ୍କୁ ଶ୍ରୀମନ୍ଦିରରେ ପ୍ରତିଷ୍ଠା କରାଗଲା। ରାମଚନ୍ଦ୍ର ଦେବ ଘୋଷଯାତ୍ରା ଆୟୋଜନ କରିଥିଲେ (୧୭୩୩)। ଏମିତି ବଡ଼ ଠାକୁରଙ୍କ ସହ ଲୁଚକାଳି ଖେଳ। ସବୁ ଲୀଳାମୟଙ୍କ ବିଭୂତିର ଏକ ଏକ ଅଂଶ। ଯିଏ ସାରା ବିଶ୍ୱକୁ ସୁରକ୍ଷା ଦିଏ, ତାଙ୍କୁ ପୁଣି କିଏ ବା ସୁରକ୍ଷା ଦେବ? ଏ କ୍ଷେତ୍ରରେ ବଡ଼ ଠାକୁର ନିଜ ଭକ୍ତ ପ୍ରବର ଠାକୁର ରାଜାମାନଙ୍କର ଧୈର୍ଯ୍ୟ, ସାହାସକୁ ପରୀକ୍ଷା କରିଛନ୍ତି ଯାହା!

ଖ୍ରୀ.ଅ. ୧୬୦୦ ରୁ ୧୮୦୦, ଦୀର୍ଘ ଦୁଇଶହ ବର୍ଷ ଓଡ଼ିଶାରେ ରାଜନୀତିକ ଅସ୍ଥିରତା। ସ୍ୱୟଂ ଭଗବାନଙ୍କ ହଟହଟା। ମର୍ମାହତ କରିଛି ସମସ୍ତ ଜଗନ୍ନାଥ ପ୍ରେମୀଙ୍କୁ। କିନ୍ତୁ ବିପଦ ସମୟରେ ସାହସ, ଧୈର୍ଯ୍ୟ ହରାଇନାହାନ୍ତି ଉତ୍କଳର ଗଜପତିମାନେ କାୟ-ମନୋ-ବାକ୍ୟ-ପ୍ରାଣରେ ସେମାନେ ବଡ଼ ଠାକୁରଙ୍କ ଠାରେ ସମର୍ପିତ। ଅନେକ କ୍ଷେତ୍ରରେ ଆପଣାର ସର୍ବସ୍ୱ ବିନିଯୋଗ ପୂର୍ବକ ସେ ତାଙ୍କର ମାନମହତ ରକ୍ଷା କରିଛନ୍ତି। ପୁନଶ୍ଚ ଗଜପତି ରାମଚନ୍ଦ୍ର ଦେବ ମଧ୍ୟ ମୁସଲମାନ ଧର୍ମକୁ ଆପଣେଇ ନେଇଥିଲେ। ସବୁ ସେଇ ଜଗାର ସୁରକ୍ଷା ପାଇଁ। ସାଧାରଣ ଆଖିରେ ସେ ପାଲଟିଲେ ଯବନ, ଅସ୍ପୃଶ୍ୟ; ମାତ୍ର ଜଗା ଭକତ ଡୋରରେ ବନ୍ଧା। ସେ କ'ଣ ତା' ଭକ୍ତକୁ କେବେ ପର କରିଦେଇପାରେ? ଆପଦ ବିପଦରେ ସେହି ହିଁ ଠାକୁର ରାଜାଙ୍କ ସାହା ଭରସା।

ଇଂରେଜମାନଙ୍କ ଖୋର୍ଦ୍ଧା ଅଧିକାର (୧୮୦୪)। ଗଜପତି ରାଜା ଏକ ଅସ୍ୱାସ୍ଥ୍ୟକର ଧର୍ମବିଦ୍ୱେଷ ରୋଷ-କୋପରୁ ନିସ୍ତାର ପାଇଲେ। କାରଣ ଇଂରେଜମାନେ ଧର୍ମ ବିଦ୍ୱେଷୀ ନଥିଲେ। ଆପଣାର ଗାଦି ସୁଦୃଢ଼ ପାଇଁ ଉତ୍କଳୀୟ ଧର୍ମୀୟ ଚେତନାକୁ ସେମାନେ ସମ୍ମାନ ପ୍ରଦର୍ଶନ କରିଛନ୍ତି। ଶ୍ରୀକ୍ଷେତ୍ରରେ ଘୋଷଯାତ୍ରାର ସୁ-ସମାପନ ପାଇଁ ରେଳ, ସଡ଼କ, ଯୋଗାଯୋଗକୁ ମଧ୍ୟ ନବୀକରଣ କରିଛନ୍ତି। ଇଂରେଜମାନଙ୍କ ଓଡ଼ିଶା ଶାସନ ଠାରୁ ଶ୍ରୀମନ୍ଦିର ସେବା ରୀତିନୀତି ଏଯାବତ୍ ଅବ୍ୟାହତ ରହିଛି। ଶ୍ରୀଗୁଣ୍ଡିଚା ଯାତ୍ରାରେ ଗଜପତି ମହାରାଜଙ୍କ ସେବା ଖୁବ୍ ଗୁରୁତ୍ୱପୂର୍ଣ୍ଣ।

ଶ୍ରୀଜଗନ୍ନାଥଙ୍କ ମନ୍ଦିର (ଶ୍ରୀମନ୍ଦିର) ସତ୍ତ୍ୱଲିପି ଅନୁସାରେ ବା ଅଧିକାର ଅଭିଲେଖ ଅନୁଯାୟୀ ଉକ୍ତ ମନ୍ଦିରରେ ୧୧୯ ପ୍ରକାର (ବର୍ଗର) ସେବା ବ୍ୟବସ୍ଥା ଅଛି। ତନ୍ମଧ୍ୟରେ ଗଜପତି ମହାରାଜା ସେବା ଅନ୍ୟତମ। ଦେବସ୍ନାନ ଯାତ୍ରାରେ ସ୍ନାନବେଦୀ ଉପରେ, ଦୋଳରେ ଦୋଳବେଦୀରେ, ଚନ୍ଦନ ଯାତ୍ରାର ପ୍ରଥମ ଦିନ; ପୁନଶ୍ଚ ଶେଷ ଦିନରେ ଚାପ ଉପରେ ରାଜା ଛେରାପହଁରା କରନ୍ତି। ମାତ୍ର ଶ୍ରୀଘୋଷ ଯାତ୍ରାରେ ରାଜାଙ୍କ ଛେରା ପହଁରା ଏକ ଅନନ୍ୟ ଦୃଶ୍ୟ। ସାରା ବିଶ୍ୱବାସୀଙ୍କ ସମ୍ମୁଖରେ ଠାକୁରରାଜା ଜଗାର ଦାସାନୁଦାସ, ଝାଡୁଦାର। ସେଥିରେ ନାହିଁ ରାଜାଙ୍କ ଆବିଳତା। ଶ୍ରୀ ଜଗନ୍ନାଥଙ୍କ ଆଦ୍ୟସେବକ ହେବା ତାଙ୍କ କୋଟି ଜନ୍ମ ତପର ଫଳ। ସ୍ୱୟଂ ଜଗତର ନାଥଙ୍କର ସେବକଟିଏ ହେବା କେତେ ଜଣଙ୍କ ଭାଗ୍ୟରେ ଜୁଟେ? ତେଣୁ ସେ ବଡ଼ ଠାକୁରଙ୍କ ଚଳନ୍ତି ପ୍ରତିମା; ଆମ ଠାକୁରରାଜା। ଗଜପତି ରାଜାବେଶରେ ତମଯାନରେ ବସି ଶ୍ରୀନଅରରୁ ଶ୍ରୀଗୁଣ୍ଡିଚା ଦିନ ବାଜା ପଟୁଆରରେ ଆସନ୍ତି। ପ୍ରଥମେ ବଳଭଦ୍ରଙ୍କ ରଥଉପରକୁ ଉଠନ୍ତି। ଦଣ୍ଡପ୍ରଣାମ, ହାତୁଆଣି (ହାତଧୋଇ) ନିଉଛାଳି ହୋଇ, ପୁଷ୍ପାଞ୍ଜଳି ଦିଅନ୍ତି। ତତ୍ପରେ ସୁନାଦାନିରେ କର୍ପୂର ଆଳତି କରି, ସୁନାଝାମର ଆଳତି କରନ୍ତି। ରଥ ସିଂହାସନରୁ ଓହ୍ଲାଇ ଛେରା ପହଁରା କରନ୍ତି। ରାଜଗୁରୁ ସଂସ୍କାର କରିଥିବା ସୁନା ଖରକାରେ। ଭଣ୍ଡାର ମେକାପ ରଥ ଚାରିପଟେ ବୁଲି ଧବଳ ପୁଷ୍ପ ପକାନ୍ତି। ରାଜା ରଥ ଚାରିପଟେ ବୁଲି ପହଁରା କରନ୍ତି। ଶ୍ରୀଜୀଉମାନଙ୍କ ବାହୁଡ଼ା ଯାତ୍ରା ଦିନ ଗଜପତି ମଧ୍ୟ ଏହିପରି ଛେରା ପହଁରା କରିଥାନ୍ତି। ରଥ ଚାରିପଟେ ସଂସ୍କାରିତ ଚନ୍ଦନ ପାଣି, ଚନ୍ଦନଗୁଣ୍ଡ ବିଞ୍ଚନ୍ତି। ଅନୁରୂପ ଭାବେ ଶ୍ରୀଜଗନ୍ନାଥ ଓ ସୁଭଦ୍ରା ଦେବୀଙ୍କ ରଥରେ ମଧ୍ୟ ଛେରା ପହଁରା କରନ୍ତି। ରାଜା ଅନଙ୍ଗଭୀମ (୩)ଙ୍କ ଠାରୁ ଏଯାବତ୍ ଦିବ୍ୟସିଂହ ଦେବଙ୍କ ଯାଏଁ; ପ୍ରଲମ୍ବିତ ଜଗନ୍ନାଥଙ୍କ ସହ ଗଜପତି ରାଜାମାନଙ୍କ ନିବିଡ଼ ସମ୍ବନ୍ଧ। ଗଜପତି ମହାରାଜା ସେବା ଏକ ମହାର୍ଘ ପରମ୍ପରା। ଠାକୁରରାଜାମାନେ ଓଡ଼ିଆ ପୁଅ ପାଖରେ 'ବୀରଶ୍ରୀ ଗଜପତି', ଏମିତି ରହିଥିବେ କାଳକାଳକୁ।

# ମହାପ୍ରଭୁଙ୍କ ମାନବୀୟ ଲୀଳା ନିଳାଦ୍ରୀବିଜେ



ଡ.ଚନ୍ଦ୍ରକଳା ନାୟକ
ଅଧ୍ୟାପିକା, ମହାପୁରୁଷ ହାଡିଦାସ ମହାବିଦ୍ୟାଳୟ, ଛତିଆ, ଯାଜପୁର,
ମୋ-୯୪୩୭୯୫୭୬୧୭

ବ୍ରହ୍ମ ପୁରାଣର ବ୍ୟାଖ୍ୟାନୁଯାୟୀ କ୍ଷେତ୍ର ଶବ୍ଦର ଅର୍ଥ 'କ୍ଷୀୟନ୍ତେ ନମନ୍ତି ପାପାନି ଅତ୍ର ତତ୍ର କ୍ଷେତ୍ର' ଅର୍ଥାତ ଯେଉଁ ସ୍ଥାନରେ ପାପ ସମୁହର କ୍ଷୟ ହୁଏ ତାକୁ କ୍ଷେତ୍ର କହନ୍ତି । ସେମିତି ଏକ କ୍ଷେତ୍ର ନୀଳାଚଳ, ନୀଳକନ୍ଦର , ନୀଳାଦ୍ରୀ , ଭୌମକ୍ଷେତ୍ର , ପୁରୁଷୋତ୍ତମ କ୍ଷେତ୍ର, ଶଙ୍ଖ କ୍ଷେତ୍ର, ଜଗନ୍ନାଥ ଧାମ, ଦିବ୍ୟକ୍ଷେତ୍ର ଇତ୍ୟାଦି ବହୁ ନାମରେ ବିଖ୍ୟାତ ଶ୍ରୀକ୍ଷେତ୍ର। ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ନିତ୍ୟ ନିବାସ ସ୍ଥାନ। କପିଳ ସଂହିତାରେ ଏହି କ୍ଷେତ୍ରକୁ ସାକ୍ଷାତ ବୈକୁଣ୍ଠ , ଶ୍ରେଷ୍ଠ ତୀର୍ଥ ବୋଲି କୁହାଯାଇଛି। ଏହି ତୀର୍ଥର ପରମ ଆରାଧ୍ୟ ଶ୍ରୀ ଜଗନ୍ନାଥ ମହାପ୍ରଭୁ ଆମ ଓଡିଆ ସଂସ୍କୃତିର ସର୍ବମାନ୍ୟ ରାଷ୍ଟ୍ର ଦେବତା।

ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ଦ୍ୱାଦଶ ଯାତ୍ରା ମଧ୍ୟରୁ ଶ୍ରୀଗୁଣ୍ଡିଚା ମହୋତ୍ସବ ପୃଥିବୀ ପ୍ରସିଦ୍ଧ। ଆଷାଢ଼ ଶୁକ୍ଳପକ୍ଷ ଦ୍ୱିତୀୟା ତିଥିରେ ଶ୍ରୀ ଗୁଣ୍ଡିଚା ଯାତ୍ରା ପାଳିତ ହୁଏ। ଏହା ନବଦିନାତ୍ମକ ଯାତ୍ରା। ଶ୍ରୀ ଜୀଉମାନେ ଦ୍ୱିତୀୟା ତିଥିରେ ଶ୍ରୀମନ୍ଦିରରୁ ବାହାରି ଶ୍ରୀ ଗୁଣ୍ଡିଚା ଘରକୁ ଯାତ୍ରା କରିଥାନ୍ତି। ସେଠାରେ ଆଡପ ମଣ୍ଡପରେ ସାତଦିନ ଅବସ୍ଥାନ ପରେ ଦଶମୀ ତିଥି (ବାହୁଡା)ରେ ଶ୍ରୀ ମନ୍ଦିର ସିଂହଦ୍ୱାରକୁ ଫେରି ଆସନ୍ତି।

ଶ୍ରୀ ଗୁଣ୍ଡିଚା ଯାତ୍ରାର ଅନ୍ତିମ ପର୍ଯ୍ୟାୟ ହେଉଛି, ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ନୀଳାଦ୍ରି ବିଜୟ ଉତ୍ସବ। ମହାପ୍ରଭୁଙ୍କର ଦକ୍ଷୀଣାଭିମୁଖୀ ଯାତ୍ରା ଅବସରରେ ଅନ୍ତିମପର୍ବ ହେଉଛି ଅତ୍ୟନ୍ତ ପ୍ରୀତିକର, ଆନନ୍ଦ ଦାୟକ ତଥା ଚିତ୍ତାକର୍ଷକ। ଏହି ପ୍ରୀତିକର ଉତ୍ସବକୁ ନୀଳାଦ୍ରି ବିଜେ କୁହାଯାଏ। ଆଷାଢ଼ ଶୁକ୍ଳ ତ୍ରୟୋଦଶୀ ତିଥିରେ ମହାପ୍ରଭୁମାନେ ରତ୍ନ ସିଂହାସନକୁ ବାହୁଡା ବିଜେରେ ଗମନ କରିଥାନ୍ତି। ନୀଳାଦ୍ରି ବିଜେ ଉତ୍ସବ ଅତ୍ୟନ୍ତ ଦୁର୍ଲଭ। ଏହା ପ୍ରଭୁଙ୍କର ଏକ ପାରିବାରିକ ମାନବୀୟ ଲୀଳା। ପୁରାଣରେ ବର୍ଣ୍ଣନା ଅଛି, ଯେଉଁ ମାନବଗଣ ଏହି ଉତ୍ସବକୁ ନୀରିକ୍ଷଣ କରନ୍ତି, ଉତ୍ତର କାଳରେ ଶ୍ରୀହରିଙ୍କ ପ୍ରିୟ ସ୍ଥାନ ବୈକୁଣ୍ଠ ଧାମକୁ ଗମନ କରିଥାନ୍ତି। ଯେଉଁ ମାନବ ନୀଳାଚଳସ୍ଥ ପ୍ରାସାଦକୁ ଗମନ କରିବାର ଦୃଶ୍ୟକୁ ଶ୍ରଦ୍ଧା ଓ ଭକ୍ତିର ସହିତ ଦେଖି ପ୍ରଣିପାତ କରେ, ସେମାନଙ୍କୁ ଦୁଃଖମୟ ସଂସାରକୁ ପ୍ରତ୍ୟାବର୍ତ୍ତନ କରିବାକୁ ପଡେ ନାହିଁ। ବାହୁଡା ଯାତ୍ରାରେ ଶ୍ରୀମନ୍ଦିର ସମ୍ମୁଖରେ ରଥତ୍ରୟ ବିରାଜମାନ କରିବା ପରେ ଏକାଦଶୀ ତିଥିରେ ଶ୍ରୀ ବିଗ୍ରହ ମାନଙ୍କର ସୁନାବେଶ ବା ଶୟନ ଏକାଦଶୀ ନୀତି ଅନୁଷ୍ଠିତ ହୋଇଥାଏ। ଦ୍ୱାଦଶୀରେ ମହାପ୍ରଭୁମାନଙ୍କୁ ନିବେଦିତ ସର୍ବବୃହତ ଅଧରପଣା ନୀତି ଅନୁସୃତ ହୁଏ।

ନୀଳାଦ୍ରି ବିଜେ ଦିନ ତିନିରଥରେ ଠାକୁର ମାନଙ୍କୁ ସନ୍ଧ୍ୟାଧୂପ ସମାପନ ପରେ ଗୋଷ୍ଠୀବଦ୍ଧ ହୋଇ ଭୋଇ ସେବକ ମାନେ ରଥରେ ଚାରମାଳ ବନ୍ଧାକାର୍ଯ୍ୟ ସମାପନ କରନ୍ତି। ଏହାପରେ ମୁଦିରସ୍ତ ସେବକଙ୍କ ଦ୍ୱାରା ପ୍ରଥମେ ତାଳଧ୍ୱଜ ପରେ ନନ୍ଦିଘୋଷ ଓ ଶେଷରେ ଦର୍ପଦଳନରେ ପୁଷ୍ପାଞ୍ଜଳି ଏବଂ ଡୋରି ଲାଗି ନୀତି କରାଯାଏ। ପରେ ପରେ କାହାଳିଆ ସେବକଙ୍କ ଦ୍ୱାରା ବିଜେ କାହାଳୀ ବାଜିବା ପରେ ନୀଳାଦ୍ରୀବିଜେର ବାହୁଡା ପହଣ୍ଡି ଆରମ୍ଭ ହୋଇଥାଏ। ଶ୍ରୀ ବିଗ୍ରହ ମାନଙ୍କ ପହଣ୍ଡି ପୂର୍ବରୁ ରତ୍ନ ସିଂହାସନ ଉପରିସ୍ଥ କନକମୁଣ୍ଡି ତଳେ ଚୁନରା ସେବକ ମାନଙ୍କ ଦ୍ୱାରା ତ୍ରିମୁଣ୍ଡି ଚାନ୍ଦୁଆ ବନ୍ଧା ଯାଇଥାଏ। ଠିକ ପରେ ଅଖଣ୍ଡ ମେକାପ ସେବକଙ୍କ ଦ୍ୱାରା ଅଖଣ୍ଡ ବସାଯାଏ। ଦୀର୍ଘ ପାଞ୍ଚଶହ ବର୍ଷ ଧରି ବଡ ଓଡିଆ ମଠର ମଠାଧୀଶମାନେ ଶ୍ରୀମନ୍ଦିରରେ ଶାଢି ବନ୍ଧାଇ ଅନ୍ୟାନ୍ୟ ସେବା ମଧ୍ୟରେ ନୀଳାଦ୍ରି ବିଜେ ଦିନ ମାର୍ଜନା ସେବା ନିରନ୍ତର ଭାବେ କରି ଆସୁଛନ୍ତି। ଏଥିରେ ଅଧସେର ଘୋରା ଚନ୍ଦନ, ଚାରିଭରି କେସର, ଶହେଗ୍ରାମ କର୍ପୁର ଓ କସ୍ତୁରୀ ଉତ୍ତମ ରୂପେ ମିଶ୍ରଣ କରି ସେହିଦିନ ମଠର ବ୍ରହ୍ମଚାରୀ, ପୁରୋହିତ ଓ ସେବାଧିକାରୀ ଶୁଦ୍ଧପୂତ ହୋଇ , ସେହିଠାରେ ଉପସ୍ଥିତ ହୁଅନ୍ତି। ବଡଓଡିଆ ମଠର ଅଧିକାରୀ ସେଦିନ ମକୁଟାବସ୍ତ୍ର , ତୁଳସୀମାଳ, ତିଳକ ଧାରଣ କରି ଏକ ମେହେନାରେ ଆରୋହଣ ପୂର୍ବକ ଛତ୍ରୀ, ତ୍ରାସ, ସଂକୀର୍ତ୍ତନ ସହ ପଟୁଆରରେ ପଶ୍ଚିମ ଦ୍ୱାର ବାଟେ ଶ୍ରୀମନ୍ଦିରକୁ ପ୍ରବେଶ କରିଥାନ୍ତି। ଏହା ପୂର୍ବରୁ ମାର୍ଜନା ନିମିତ୍ତ ପ୍ରତିହାରୀ ସେବକ ଗର୍ଭ ଗୃହରେ ଜଗମୋହନ ଶୋଧ କରିଥାନ୍ତି। ପରମ୍ପରା ଅନୁଯାୟୀ ପ୍ରଥମେ ଶ୍ରୀ ବଳଭଦ୍ରଙ୍କ ପିଣ୍ଡିରେ କର୍ପୁର କେଶର, କସ୍ତୁରୀ ଚନ୍ଦନ ମିଶ୍ରିତ ଲେପନ ଲେପ କରାଯାଏ। ତତପରେ ଶ୍ରୀ ଜଗନ୍ନାଥ ଓ ଦେବୀ ସୁଭଦ୍ରାଙ୍କ ବାଡରେ ଚକାମାର୍ଜନା ହୋଇଥାଏ। ଏହି ମାର୍ଜନା ସେବା ସଂପୂର୍ଣ୍ଣ ରୂପେ ଗୁପ୍ତ ସେବା ଅଟେ। ଏହି ସେବା ନସରିବା ପର୍ଯ୍ୟନ୍ତ ବଡଓଡିଆ ମଠର ମଠାଧୀଶ କୌଣସି ଖାଦ୍ୟ ଦ୍ରବ୍ୟାଦି ଗ୍ରହଣ କରି ନଥାନ୍ତି।

ନୀଳାଦ୍ରି ବିଜେ ପହଣ୍ଡି ପରମ୍ପରା ଅନୁଯାୟୀ ଘଣ୍ଟ, ମର୍ଦ୍ଦଳ, ବଜନ୍ତ୍ରୀ ବାଦ୍ୟ ବାଜି ତାଳଧ୍ୱଜ ରଥରୁ ରାମ, କୃଷ୍ଣ ଓ ନନ୍ଦୀଘୋଷ ରଥରୁ ମଦନ ମୋହନଙ୍କୁ ପୁଷ୍ପାଞ୍ଜଳୀ ପ୍ରଦାନ ପରେ ମହାଜନ ସେବକ ମାନେ ପଟୁଆରରେ ଶ୍ରୀମନ୍ଦିରସ୍ଥ ଦକ୍ଷିଣ ଘରକୁ ବିଜେ କରାଇଥାନ୍ତି। ତତପଶ୍ଚାତ ଦର୍ପଦଳନ ରଥରେ ଅଧିଷ୍ଠିତ ଶ୍ରୀ ସୁଦର୍ଶନ ମହାପ୍ରଭୁଙ୍କୁ ପୁଷ୍ପାଞ୍ଜଳି ପ୍ରଦାନ ପୂର୍ବକ ବିଜେ କାହାଳୀ ବାଜି ଦଇତାପତି ସେବକ ଗୋଟି ପହଣ୍ଡିରେ ରଥସ୍ଥିତ ଚାରମାଳ ଉପରେ ବିଜେ କରାଇଥାନ୍ତି। ଶ୍ରୀ ସୁଦର୍ଶନଙ୍କୁ ବିଜେ କରାଯିବା ମାର୍ଗରେ ପତି ମହାପାତ୍ରଙ୍କ ଦ୍ୱାରା ବିଡିଆ ସମର୍ପଣ କରାଯାଏ। ଏହାପରେ ଶ୍ରୀ ବଳଭଦ୍ର, ଦେବୀ ସୁଭଦ୍ରା ଗୋଟି ପହଣ୍ଡିରେ ଅନୁରୂପ ଭାବେ ରତ୍ନ ସିଂହାସନରେ ବିଜେ କରାଯାଏ।

ବଡ ଠାକୁରଙ୍କ ପହଣ୍ଡି ସମୟରେ ଜଗମୋହନଠାରେ ଭଣ୍ଡାର ଦ୍ୱାର ପାଖରେ ଖଟ ଉପରେ ଲକ୍ଷ୍ମୀ ଠାକୁରାଣୀଙ୍କ ସମ୍ମୁଖ ଭାଗରେ ଲୁଗା ବାଡ ଦିଆଯାଏ। ମହାପ୍ରଭୁଙ୍କ ଶ୍ରୀ ମସ୍ତକରେ ବୃହତକାୟ ପୁଷ୍ପ ବିମଣ୍ଡିତ ଟାହିଆ ଲାଗି ପରେ ହରିବୋଲ ହୁଳହୁଳି ଧ୍ୱନୀରେ ଜଗତ ପ୍ରକମ୍ପିତ ହୋଇଉଠେ। ପ୍ରଭୁ ଶ୍ରୀ ଜଗନ୍ନାଥଙ୍କର ସବୁଠାରୁ ବିଶେଷ ମାନବୀୟ ଲୀଳା ପ୍ରକଟର ସମୟ ହେଉଛି, ଏହିଠାରେ ଲକ୍ଷ୍ମୀ ନାରାୟଣଙ୍କ ଚାରିଚକ୍ଷୁର ମିଳନ। ଚାର ଉପରେ ପ୍ରଭୁ ବିଜେ କରି ପହଣ୍ଡି ଜନିତ ନୀତି ସମାପନ କରିବା ସମୟରେ ଲକ୍ଷ୍ମୀ ଠାକୁରାଣୀ ମହାଜନ ସେବକଙ୍କ ଦ୍ୱାରା ଭେଟ ମଣ୍ଡପ ଠାରେ ଖଟଶେଯ ମେକାପ ପକାଇଥିବା ଡମ୍ବରୁ ଉପରେ ବିଜେ ହୋଇଥାନ୍ତି। ପ୍ରଭୁଙ୍କ ଆଳତୀ, ବନ୍ଦାପନା, ଦହିପଟି, ଘଷାଜଳ, ବିଡିଆ, ମଣୋହୀ ନୀତି ହେବା ସମୟରେ ଭେଟ ମଣ୍ଡପ ଠାରେ ଭିତରଚ୍ଛ ମହାପାତ୍ର ଲକ୍ଷ୍ମୀ ଠାକୁରାଣୀଙ୍କୁ ବନ୍ଦାପନା କରିଥାନ୍ତି। ଏହିଠାରେ ଭିତରଚ୍ଛ ମହାପାତ୍ର ଏକ କୁଡୁଆ ରସଗୋଲା ଭୋଗ ମା'ଙ୍କ ଉଦ୍ଦେଶ୍ୟରେ ନୈବେଦ୍ୟ କରିଥାନ୍ତି। ଅଭିମାନିନୀ ମା ଲକ୍ଷ୍ମୀ ଭେଟ ମଣ୍ଡପରୁ ଶ୍ରୀ ମନ୍ଦିର ଭଣ୍ଡାର ଅଭିମୁଖେ ଯାତ୍ରା କରିଥାନ୍ତି। ମହାପ୍ରଭୁଙ୍କର ଘଣ୍ଟ ମର୍ଦ୍ଦଳ ଥାଇ ପହଣ୍ଡି ବିଜେରେ ଚାରମାଳ ତଳକୁ ଅବତରଣ ହେବାବେଳେ ସିଂହଦ୍ୱାରରେ ମା ଲକ୍ଷ୍ମୀ ସାଆନ୍ତାଣୀ ଅଭିମାନରେ କିଛି ସମୟ ଦ୍ୱାର ବନ୍ଦ କରି ପୁଣି ଖୋଲି ଦିଅନ୍ତି। ମହାପ୍ରଭୁ ଜୟ ବିଜୟ ଦ୍ୱାର ଠାରେ ପହଞ୍ଚିବା କ୍ଷଣି ପୁନର୍ବାର ମା ଲକ୍ଷ୍ମୀ ଦ୍ୱାର ବନ୍ଦ କରନ୍ତି। ଗୁଣ୍ଡିଚା ଯାତରେ ମାଙ୍କୁ ସାଙ୍ଗରେ ନେଇ ନଥିବାରୁ ଲକ୍ଷ୍ମୀ ଠାକୁରାଣୀ କ୍ରୋଧରେ ଜର୍ଜରିତ ହୋଇ ଉଠନ୍ତି। ମା ସାଆନ୍ତାଣିଙ୍କ ତରଫରୁ ଦେବଦାସୀଗଣ ଓ ଶ୍ରୀ ଜଗନ୍ନାଥଙ୍କ ତରଫରୁ ବାଡଭାଗାରୀ ଦଇତାଙ୍କ ମଧ୍ୟରେ ବଚନିକା ହୋଇଥାଏ। ପ୍ରଭୂ ଶ୍ରୀ ଜଗନ୍ନାଥ ଓ ମହାଲକ୍ଷ୍ମୀଙ୍କର ଏହି ବଚନିକା ପ୍ରଭୂଙ୍କ ସାଂସାରିକ ଜୀବନର ଏକ ଲୀଳାକୁ ସମାଜ ପ୍ରତି ଉତ୍ସର୍ଗିକୃତ କରିଛନ୍ତି। ଏହାପରେ ପାଟ ପିତାମ୍ବରୀ ଆଣିଥିବା କଥା ପ୍ରଭୁଙ୍କ ତରଫରୁ ଦଇତା ପ୍ରକାଶ କରିଥାନ୍ତି। ଠିକ ସାଧାରଣ ନାରୀଟିଏ ପରି ମା ସାଆନ୍ତାଣୀ ଶାନ୍ତ ପଡି ଯାଇଥାନ୍ତି। ସଙ୍ଗେ ସଙ୍ଗେ ପ୍ରତିହାରୀଙ୍କୁ କବାଟ ଖୋଲିବାକୁ ଆଦେଶ ଦେଇଥାନ୍ତି। ମହାପ୍ରଭୁ ଭଣ୍ଡାର ଘରଠାରେ ଉତ୍ତରାଭିମୁଖୀ ହୋଇ ଓ ଲକ୍ଷ୍ମୀ ସାଆନ୍ତାଣୀ ଦକ୍ଷୀଣାଭିମୁଖୀ କରାଯାଇ, ଏହିଠାରେ ପରସ୍ପରକୁ ଅବଲୋକନ କରାଯାଏ। ଏହାପରେ ମହାଲକ୍ଷ୍ମୀ ଓ ଶ୍ରୀ ଜଗନ୍ନାଥଙ୍କୁ ଏକତ୍ର ଭାବେ ବନ୍ଦାପନା କରାଯାଇ ଥାଏ। ଘଷାଜଳ, ବିଡିଆ, ମଣୋହୀ ସରିବା ପରେ ପ୍ରଭୁଙ୍କୁ ଟାହିଆ ମଇଲମ କରାଯାଇ କଳାହାଟ ଦ୍ୱାର ଦେଇ ରତ୍ନ ସିଂହାସନକୁ ବିଜେ କରାଯାଇ ଥାଏ।

ପ୍ରତିବର୍ଷ ଏହି ନିଳାଦ୍ରୀବିଜେ ଉତ୍ସବ ସବୁଠାରୁ ଅତି ମନୋରମ ଓ ଆହ୍ଲାଦ ପ୍ରଦାନକାରୀ ପର୍ବ। ଶ୍ରୀ ମନ୍ଦିର ଭିତରେ ଥିବା ପାର୍ଶ୍ୱ ଦେବାଦେବୀ ପ୍ରତିବର୍ଷ ଏହି ମୁହୂର୍ତ୍ତକୁ ଚାତକ ପରି ଅନାଇ ରହିଥାନ୍ତି। ମହାପ୍ରଭୁଙ୍କ ମାନବୀୟ ଲୀଳାର ଏହି ଅନ୍ତିମ ପର୍ବ କାହାପାଇଁ ଆହ୍ଲାଦ ଆଣିଦିଏ ତ ଆଉ କାହା ଆଖିରେ ଭକ୍ତି ଓ ଭାବର ଲୋତକ ଭରିଦିଏ। ସମାଜରେ ପାରିବାରିକ ଜୀବନରେ ସ୍ୱାମୀ ଓ ସ୍ତ୍ରୀ ମଧ୍ୟରେ ଥିବା ଶାଶ୍ୱତ ଚିରନ୍ତନ ପ୍ରେମର ଏକ ବିରଳ ଚିତ୍ର, ମହାପ୍ରଭୁଙ୍କ ନିଳାଦ୍ରୀବିଜେ।

Printed & Published by Basanti Roy on behalf of Integral Publication Pvt. Ltd., Printed at Gayatri Industries, Plot No. TS 3/193, Mancheswar Industrial Estate, Bhubaneswar- 751010, Odisha & Published at 464, Saheed Nagar, Bhubaneswar- 751007 Ph. : 2541448, 2545046, 2545678, Fax : 2545668.
Editor : Jayasish Roy E-mail : sambadkalikanews@gmail.com City Office : Qtr No.-4R-12, Unit-IX (Flat), Bhubaneswar, Pin-751022 ସମ୍ପାଦକ : ଜୟାଶୀଷ ରାୟ





# ଫୁଡ୍ କ୍ୟାପିଟେଲ୍‌ରେ ବିଷ ପାଲଟିଛି ଫାଷ୍ଟଫୁଡ୍ ଖାଦ୍ୟ

**ବ୍ରହ୍ମପୁର, ନ୍ୟୁଜ୍ ବ୍ୟୁରୋ**

ଫୁଡ୍ କ୍ୟାପିଟେଲ୍‌ର ପରିଚୟ ସୃଷ୍ଟି କରିଥିବା ବ୍ରହ୍ମପୁରରେ ଆଜି ଖାଦ୍ୟ ଯେମିତି ବିଷ ପାଲଟିଛି । ପାରମ୍ପରିକ ଖାଦ୍ୟଠୁ ଆରମ୍ଭ କରି ବିଭିନ୍ନ ଫାଷ୍ଟଫୁଡ୍ ଏବଂ ଜଳଖିଆର ସ୍ୱାଦ ବଢ଼ାଇବାକୁ ଏଥିରେ ଅପମିଶ୍ରଣ ସହ ଚାଇନା ସସ୍ ଏବଂ ରାସାୟନିକ ରଙ୍ଗର ବହୁଳ ବ୍ୟବହାର କରିଦେଉଛନ୍ତି ଯାହା ଲୋକଙ୍କ ଜୀବନ ପ୍ରତି ବିପଦ ସୃଷ୍ଟି କରିଛି । ଆଧୁନିକତା ଓ ପାଶ୍ଚାତ୍ୟ ଶୈଳୀରେ ପ୍ରଭାବିତ ହୋଇ ପିଲାଠୁ ଆରମ୍ଭ କରି ବୁଢ଼ା ପର୍ଯ୍ୟନ୍ତ ବର୍ତ୍ତମାନ ବାହାରେ ମିଳୁଥିବା ବିଭିନ୍ନ ଖାଦ୍ୟ ପ୍ରତି ଆଗ୍ରହ ଦେଖାଉଥିବା ବେଳେ ଏହାର ସୁଯୋଗ ନେଇ ବ୍ୟବସାୟୀମାନେ ଖାଦ୍ୟର ମାନକୁ ଆହୁରି ଖରାପ କରିଦେଉଛନ୍ତି । ଆଉ ଲୋକଙ୍କ ଜୀବନ ସହ ସେମାନେ ଖେଳୁଛନ୍ତି । ଦିନ ଥିଲା ବ୍ରହ୍ମପୁର ସହର ପୁରୀ ଉପମା ସମେତ ବିଭିନ୍ନ ପାରମ୍ପରିକ ଜଳଖିଆ ପାଇଁ ପରିଚୟ ତିଆରି କରିଥିଲା । କିନ୍ତୁ ଗତ ୧୦ ବର୍ଷ ମଧ୍ୟରେ ଲୋକଙ୍କ ଜୀବନଶୈଳୀ ବଦଳିବା ପରେ ଚାଓମିନ୍ ଖାଦ୍ୟ ପ୍ରତି ସେମାନଙ୍କ ଆଗ୍ରହ ବହୁଳ ଭାବେ ବଢ଼ିଛି । ବିଶେଷ କରି ଯୁବପିଢ଼ି ଫାଷ୍ଟଫୁଡ୍ ପ୍ରତି ଆକର୍ଷିତ ହେଉଛନ୍ତି । ଏଥିପାଇଁ ବ୍ରହ୍ମପୁର ସହରର ସିଟି ହାଇସ୍କୁଲ ରୋଡ୍, ରାମଲିଙ୍ଗେଶ୍ୱର ବନ୍ଧ ରୋଡ୍, ଗିରି ରୋଡ୍, ସେଣ୍ଟଭିନ୍ସେଣ୍ଟ କନ୍‌ଭେଣ୍ଟ ସ୍କୁଲ ରୋଡ୍ ଓ ବାରାକ୍ ବସ୍‌ଷ୍ଟାଣ୍ଡ ଫୁଡ୍ ହବ୍ ହୋଇସାରିଲାଣି । ଯେଉଁଠି ସଞ୍ଜ ନଇଁଲେ ମେମୋ, ବର୍ଗର, ପାସ୍ତା ଭଳି ବିଭିନ୍ନ ଚାଓମିନ୍ ଖାଦ୍ୟ ବିକ୍ରିର ପସରା ଜମୁଛି । ସମସ୍ତ ଖାଦ୍ୟରେ ରଙ୍ଗ ବ୍ୟବହାର ହେଉଛି ।



ଷ୍ଟୋଭେଜ୍ ଖାଦ୍ୟକୁ ବେପାରୀ ବହୁଳ ଭାବେ ବିକ୍ରି କରୁଛନ୍ତି । ଏପରିକି ବର୍ତ୍ତମାନ ରାଜ୍ୟ ବାହାରୁ ବେପାରୀ ଆସି ଫୁଡ୍‌ଷ୍ଟଲ୍ ଖୋଲିସାରିଲେଣି । ପ୍ରତି ଛକରେ ଫୁଡ୍ ଅନ୍ ହ୍ୱିଲ୍ ସଂଖ୍ୟା ବଢ଼ିବାରେ ଲାଗିଛି । କିନ୍ତୁ ସେମାନେ ଲାଇସେନ୍ସ ପ୍ରାପ୍ତ କି ନୁହେଁ, ଏହା ମଧ୍ୟ ତଦାରଖ କରିବାକୁ କାହାର ଯେମିତି ନିଘା ନାହିଁ । କେବଳ ଅଭିଯୋଗ ଆସିଲେ ମାର୍ ମାର୍ ଭଙ୍ଗାରିଆକୁ ମାର୍ ନୀତିରେ ଛୋଟମୋଟ ହୋଟେଲ୍ ଉପରେ ଚଢ଼ଉ କରି ବିଭାଗ କାମ ସାରିଦେଉଛି । ହାତଗଣତି ଜାଗାରେ ଚଢ଼ଉ କରି କିଛି ଜରିମାନା ସହ ନମୁନା ସଂଗ୍ରହ କରି ହାତ ଟେକି ଦେଉଛି । ଆଉ ବଡ଼ ହୋଟେଲ୍ ଗୁଡ଼ିକୁ ମାଫ୍ କରିଦିଆଯାଉଛି । ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗର ଖାଦ୍ୟ ନିରାପତ୍ତା ବିଭାଗ ପକ୍ଷରୁ ଗତ ଛଅ ମାସରେ ବ୍ରହ୍ମପୁର ଓ ଛତ୍ରପୁର ଉପଖଣ୍ଡରେ ୭୨ଟି ସ୍ଥାନରେ ଚଢ଼ଉ କରି ୨୪ ହଜାର ଟଙ୍କା ଆଦାୟ କରାଯାଇଛି । ସେହିପରି ୧୫ ଜଣଙ୍କୁ ନୋଟିସ୍ ଜାରି ସହ ପ୍ରାୟ ଶହେ କିଲୋରୁ ଅଧିକ ଖାଦ୍ୟ ନଷ୍ଟ କରାଯାଇଥିବା ଜିଲ୍ଲା ଖାଦ୍ୟ ନିରାପତ୍ତା ଅଧିକାରୀ ଚିନ୍ମୟ ପାଢ଼ୀ ସୂଚନା ଦେଇଛନ୍ତି । ତେବେ ମାନବ ସମ୍ବଳର ଅଭାବ କାରଣରୁ ନିୟମିତ ଚଢ଼ଉ ହୋଇପାରୁନଥିବା କୁହାଯାଉଛି । ଫଳରେ ଖାଦ୍ୟ ସୁରକ୍ଷା ଆଇନର ବିଭିନ୍ନ ଧାରାକୁ ଉଲ୍ଲଂଘନ କରିଆସୁଛନ୍ତି । ସ୍ୱାସ୍ଥ୍ୟ ବିଶେଷଜ୍ଞ ଡା. ସୁବ୍ରତ ଦାଶ କହିଛନ୍ତି, ଆଧୁନିକ ଢାଞ୍ଚାରେ ପ୍ରସ୍ତୁତ ଖାଦ୍ୟ ଅତ୍ୟନ୍ତ ହାନୀକାରକ । ଯାହା ବିଭିନ୍ନ ରୋଗକୁ ଆମନ୍ତ୍ରଣ କରୁଛି ।

# କେନ୍ଦ୍ରାପଡ଼ା ଜିଲ୍ଲାରେ ଜୁଲାଇ ୩୧ ସୁଦ୍ଧା ସମସ୍ତ ଚାଷୀ କରିବେ ପ୍ରଧାନମନ୍ତ୍ରୀ ଫସଲ ବୀମା

**କେନ୍ଦ୍ରାପଡ଼ା, ନ୍ୟୁଜ୍ ବ୍ୟୁରୋ**

କେନ୍ଦ୍ରାପଡା ଜିଲ୍ଲା ମୁଖ୍ୟ କୃଷି କାର୍ଯ୍ୟାଳୟ ପରିସରରେ ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନାର ଜିଲ୍ଲାସ୍ତରୀୟ ଖରିଫ ୨୦୨୬ ଋତୁ ପାଇଁ ସମୀକ୍ଷା ବୈଠକ ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ହେମନ୍ତ କୁମାର ସାମଲଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଏଲ୍‌ଡିଏମ୍ ରମାକାନ୍ତ ମାଝି, ଡି.ଆର୍.ସି.ଏସ୍ ପ୍ରଭାକର ନାୟକ, ଏ.ଆର୍.ସି.ଏସ୍ ଯୋଗେନ୍ଦ୍ର ନାଥ ବିଶ୍ୱାଳ, ଏଡିଓ ମାର୍ଶାଘାଇ କେନ୍ଦ୍ରାପଡା ମାନସୀ ମଧୁଭାସିନୀ ଖଟୁଆ, ପଟ୍ଟାମୁଣ୍ଡାଇର ସନ୍ଧ୍ୟାରାଣୀ ଦାସ ପ୍ରମୁଖ ଉପସ୍ଥିତ ରହି ଏଥିରେ ଜିଲ୍ଲାର ୯ଗୋଟି ବ୍ଲକର କୃଷି ଅଧିକାରୀମାନେ ଯୋଗଦେଇ ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନା କରିବା ପାଇଁ ନିଯୁକ୍ତି ପାଇଥିବା କମ୍ପାନୀ ଏ.ଆଇ.ସି ଦ୍ୱାରା ଏହି ସମୀକ୍ଷା ବୈଠକ ଆୟୋଜନ କରାଯାଇଥିଲା । ଏଥିରେ ୨୦୨୬ ମସିହା ଧାନ ଚାଷ ପାଇଁ ପ୍ଲଟ୍ ପିଛା ମାତ୍ର ୧ ଟଙ୍କାରେ ଫସଲ ବୀମା କରିବା ପାଇଁ ସମସ୍ତ ଚାଷୀମାନଙ୍କୁ ସଚେତନ କରାଯିବ ଏବଂ ୯ ଗୋଟି ବ୍ଲକରେ ଥିବା ଜନସେବା କେନ୍ଦ୍ର ମାଧ୍ୟମରେ ଏବଂ କୃଷି କାର୍ଯ୍ୟାଳୟରେ ଏଆଇସି ବୀମା କମ୍ପାନୀ ଦ୍ୱାରା ନିଯୁକ୍ତ ଥିବା ଅଧିକାରୀ ମାନଙ୍କ ସହିତ ଜିଲ୍ଲାର ସମସ୍ତ ଚାଷୀମାନେ ଆସନ୍ତା ଜୁଲାଇ ୩୧ ତାରିଖ ସୁଦ୍ଧା ଫସଲ ବୀମା କରିବା ପାଇଁ ସ୍ଥିରୀକୃତ ହୋଇଛି । ଏଥିନିମନ୍ତେ ଜିଲ୍ଲାର ସମସ୍ତ ଚାଷୀମାନଙ୍କୁ ସଚେତନ କରିବା ପାଇଁ ଜିଲ୍ଲାର ୯ ଗୋଟି ବ୍ଲକର ପଞ୍ଚାୟତ ଗୁଡିକରେ ସଚେତନତା କାର୍ଯ୍ୟକ୍ରମ କରିବାକୁ ଏହି ବୈଠକରେ ସ୍ଥିର କରାଯାଇଛି । ଏଥିସହିତ ଚାଷୀମାନଙ୍କୁ ସଚେତନ କରିବା ପାଇଁ ଜିଲ୍ଲାର ସମ୍ବେଦନଶୀଳ ସ୍ଥାନ ମାନଙ୍କରେ ପ୍ରତି ବ୍ଲକରେ ହୋର୍ଡିଂ, ବ୍ୟାନର ଲଗାଯିବ । ଏବଂ କୃଷି ବିଭାଗ ତରଫରୁ ସମସ୍ତ ଚାଷୀମାନଙ୍କୁ ଅନୁରୋଧ କରାଯାଇଛି ଯେ ଏହି ବୀମା ଯୋଜନାରେ ସାମିଲ୍ ହୋଇ (ପଞ୍ଜିକୃତ ହୋଇ) ଚାଷରେ ପ୍ରାକୃତିକ ବିପର୍ଯ୍ୟୟ କ୍ଷୟକ୍ଷତି ହେବାକୁ ଥିବା କ୍ଷତିରୁ ଭରଣା ପାଇଁ ସମସ୍ତେ ଏହି ବୀମା ଯୋଜନାରେ ସମ୍ପୃକ୍ତ ହେବାକୁ ଅନୁରୋଧ କରାଯାଇଛି ।

# କଟକ ଜିଲ୍ଲା ଦୁଗ୍ଧ ସମବାୟ ସମିତିକୁ 'ମାଇକ୍ରୋ ଏଟିଏମ୍' ପ୍ରଦାନ




**କଟକ, ନ୍ୟୁଜ୍ ବ୍ୟୁରୋ**

ଉପନିବନ୍ଧକ ସମବାୟ ସମିତି ସମୂହ, କଟକ ଓ କଟକ କେନ୍ଦ୍ରୀୟ ସମବାୟ ବ୍ୟାଙ୍କ ଆନୁକୂଲ୍ୟରେ ସମବାୟ ମଧ୍ୟରେ ସମନ୍ୱୟ କାର୍ଯ୍ୟକ୍ରମ ଅଧିନରେ ଦୁଗ୍ଧ ସମବାୟ ସମିତିକୁ "ମାଇକ୍ରୋ ଏଟିଏମ୍" ଓ ଦୁଗ୍ଧ ସମବାୟ ସମିତି ସଭ୍ୟମାନଙ୍କର ନୂତନ ବ୍ୟାଙ୍କ ଖାତା ଖୋଲିବା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସ୍ଥିତ ନୂତନ ସଦ୍‌ଭାବନା ସଭାଗୃହ ଠାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ବିଧାୟକ କଟକ ସଦର ଇଂ. ପ୍ରକାଶ ଚନ୍ଦ୍ର ସେଠୀ, ସଭାପତିତ୍ୱ କରି ଦେଶ ଦ୍ୱିତୀୟ ଶ୍ୱେତ ବିପ୍ଳବ ଦିଗରେ ଅଗ୍ରସର ହେଉଥିବା କହିଥିଲେ । ସମବାୟ କ୍ଷେତ୍ରକୁ ସମୃଦ୍ଧ କରିବା ନିମନ୍ତେ ସରକାର ବିଭିନ୍ନ ପଦକ୍ଷେପ ହାତକୁ ନେଉଛନ୍ତି । ଚାଷୀଙ୍କ ଆୟ ବୃଦ୍ଧି ଓ ସେମାନଙ୍କୁ ଆତ୍ମନିର୍ଭର କରିବାକୁ ପ୍ରାଧାନ୍ୟ ଦିଆଯାଉଛି । ସଭାରେ ଅତିରିକ୍ତ ଜିଲ୍ଲାପାଳ ଡଃ ଈପ୍ସିତା ପ୍ରିୟଦର୍ଶିନୀ ମିଶ୍ର ମୁଖ୍ୟ ମହାପ୍ରବନ୍ଧକ, ଓଡ଼ିଶା ରାଜ୍ୟ ସମବାୟ ବ୍ୟାଙ୍କ, ରୁଦ୍ର ପ୍ରସାଦ ଦାସ, ଉପନିବନ୍ଧକ ସମବାୟ ସମିତି ସମୂହ, କଟକ ବିଭାଜନ ସୁଶ୍ରୀ ସୁପ୍ରିୟା ସ୍ୱାଇଁ, ଅତିରିକ୍ତ ନିର୍ଦ୍ଦେଶକ ପ୍ରାଣୀ ସମ୍ପଦ, ଗିରିଧାରୀ ଭୋଇ, ମୁଖ୍ୟ ଜିଲ୍ଲା ପ୍ରାଣୀ ଚିକିତ୍ସା ଅଧିକାରୀ ସୁଶାନ୍ତ କୁମାର ନାୟକ, ଉପ ପରିଚାଳକ, ଓମ୍ଫେଡ, ବିଶ୍ୱରଞ୍ଜନ ତ୍ରିପାଠୀ, ସଭାପତି, ବାଙ୍କୀ କେନ୍ଦ୍ରୀୟ ସମବାୟ ବ୍ୟାଙ୍କ, ସୁବାସ ପାଢୀ ଓ ବାଙ୍କୀ କେନ୍ଦ୍ରୀୟ ସମବାୟ ବ୍ୟାଙ୍କର କରୁଣାକର ସାହୁ ପ୍ରମୁଖ ଉପସ୍ଥିତ ରହି ସଭାର ତାତ୍ପର୍ଯ୍ୟ ବିଷୟରେ ବିଶଦ ଭାବେ ବର୍ଣ୍ଣନା କରିଥିଲେ । ଉକ୍ତ ସଭାରେ ୩୫ ଗୋଟି ଦୁଗ୍ଧ ସମବାୟ ସମିତିକୁ "ମାଇକ୍ରୋ ଏଟିଏମ୍" ବଣ୍ଟନ କରାଯାଇଥିଲା । ଏହା ଦ୍ୱାରା ଦୁଗ୍ଧ ଚାଷୀମାନେ ନିଜ ସମିତିରେ ଆର୍ଥିକ କାରବାର କରିବାର ସୁବିଧା ପାଇପାରିବେ । ଏହି ଅବସରରେ କଟକ କେନ୍ଦ୍ରୀୟ ସମବାୟ ବ୍ୟାଙ୍କରେ ନୂତନ ଜମା ଖାତା, ଖୋଲିବା ପାଇଁ ୧୬୦ ଜଣ ଦୁଗ୍ଧ ଚାଷୀ, ସେମାନଙ୍କ ଆବଶ୍ୟକୀୟ କାଗଜପତ୍ର ଦାଖଲ କରିଥିଲେ । ସଭାରେ ୩୦୦ରୁ ଊର୍ଦ୍ଧ୍ୱ ଦୁଗ୍ଧ ଚାଷୀ ଯୋଗଦାନ କରିଥିଲେ । କାର୍ଯ୍ୟକ୍ରମରେ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ, କଟକ କେନ୍ଦ୍ରୀୟ ସମବାୟ ବ୍ୟାଙ୍କ ଅନନ୍ତ କୁମାର ସାମଲ ଧନ୍ୟବାଦ ଅର୍ପଣ କରିଥିଲେ ।

# ଭଦ୍ରକ ଜିଲ୍ଲାରେ ବର୍ଷକରେ ଜବତ ହୋଇଛି ସାଢ଼େ ୫ କୋଟିର ବେଆଇନ୍ ନିଶାଦ୍ରବ୍ୟ

**ଭଦ୍ରକ, ନ୍ୟୁଜ୍ ବ୍ୟୁରୋ**

ଜିଲ୍ଲାରେ ବେଆଇନ୍ ନିଶା କାରବାର ବିରୁଦ୍ଧରେ ଅବକାରୀ ବିଭାଗ ପ୍ରତି ମାସ ଚଢ଼ଉ କାର୍ଯ୍ୟ ଜାରି ରଖିଛି । ଅନ୍ୟପଟେ ନିଶା କାରବାର ଜିଲ୍ଲାରେ ବ୍ୟାପକ ଭାବେ ବୃଦ୍ଧି ପାଇବାରେ ଲାଗିଛି । ଆବଶ୍ୟକ ସଂଖ୍ୟକ କର୍ମଚାରୀ ଅଭାବରୁ ଆଶାନୁରୂପ ସଫଳତା ମିଳୁନଥିବାରୁ ସୂଚନା ମିଳିଛି । ବିଶେଷକରି ବ୍ରାଉନ୍‌ସୁଗାର କାରବାର ଜିଲ୍ଲାର ସହରାଞ୍ଚଳ ଠାରୁ ଆରମ୍ଭ କରି ଗ୍ରାମାଞ୍ଚଳର ଗଳିକନ୍ଦିରେ ବଢ଼ିଚାଲିଛି । ଯାହାଫଳରେ ଜିଲ୍ଲା ଏବେ ଅପରାଧ ପ୍ରବଣ ହୋଇପଡିଛି । ନିଶା କାରବାର ବୃଦ୍ଧି ଯୋଗୁ ଜିଲ୍ଲା ଅଶାନ୍ତ ହୋଇପଡିଛି । ପୋଲିସ ଓ ଅବକାରୀ ବିଭାଗ ନିଶା କାରବାର ରୋକିବା ଦିଗରେ ବିଫଳ ହୋଇଛି । ବିଭାଗୀୟ ସୂଚନା ଅନୁଯାୟୀ ମାର୍ଚ୍ଚ ୨୦୨୫-ମାର୍ଚ୍ଚ ୨୦୨୬ ଗତ ଆର୍ଥିକ ବର୍ଷରେ ବେଆଇନ୍ ନିଶା କାରବାର ବିରୁଦ୍ଧରେ ୧୯୯୬ ଜଣଙ୍କୁ ଗିରଫ କରାଯାଇଥିବା ବେଳେ ୨୧୯୭ଟି କେଶ୍ ଅବକାରୀ ବିଭାଗ ପକ୍ଷରୁ ରୁଜୁ କରାଯାଇଛି । ୧୫୫ଟି ଦାବେଦାର ନଥିବା କେଶ୍ ରୁଜୁ ହୋଇଛି । ଏହାମଧ୍ୟରୁ ୧୫୨୮ଟି ମାମଲା ଚାର୍ଜସିଟ୍ ହୋଇଛି । ଗତ ଆର୍ଥିକ ବର୍ଷରେ ୭୪୦୯୪.୦୦୦ ଲିଟର ଆଇଡି ଲିକର (ଦେଶୀ ରନ୍ଧାମଦ), ୩୫୧୩୬୦.୦୦୦ କେଜି ଆଇଡି ୱାସ୍ (ପୋଚ), ୫୩୨.୯୮୦ ଲିଟର ଆଇଏମ୍‌ଏଫ୍‌ଏଲ୍ (ବିଦେଶୀ), ୧୯୩୫.୫୦୦ ଲିଟର ସିଏସ୍ ଲିକର (ଦେଶୀ), ୯୯୦.୮୫୦ ଲିଟର ବିୟର, ୨.୮୮୦ ଲିଟର ଡୁପ୍ଲିକେଟ୍ ଆଇଏମ୍‌ଏଫ୍‌ଏଲ୍, ୮୪.୦୦ କଫ୍ ସିରପ୍, ୮୬ କେଜି ଗଞ୍ଜେଇ, ୬୩ ଲିଟର ଅନ୍ୟାନ୍ୟ ମାଦକ ଦ୍ରବ୍ୟ, ୬୨୩ ଗ୍ରାମ୍ ବ୍ରାଉନ୍‌ସୁଗାର ଜବତ କରାଯାଇଥିଲା । ଯାହାର ଆନୁମାନିକ ମୂଲ୍ୟ ୬୨ ଲକ୍ଷ ୩୦ ହଜାର ଟଙ୍କା । ଚଢ଼ଉ ସମୟରେ ୧୧୭ଟି ଦୁଇଚକିଆ, ୫ଟି ଚାରି ଚକିଆ, ଗୋଟିଏ ତିନି ଚକିଆ, ୧୨ଟି ଡେକ୍‌ଚି, ବ୍ରାଉନ୍‌ସୁଗାର ବାବଦରେ ୯୪୧୦ ଟଙ୍କା ଜବତ ହୋଇଛି । ଏହିସବୁ ଚଢ଼ଉରେ ମାଦକ ଦ୍ରବ୍ୟର ଆନୁମାନିକ ମୂଲ୍ୟ ୧ କୋଟି ୨୭ ଲକ୍ଷ ୮୬ ହଜାର ୭୫୪ ଟଙ୍କା ହେବ । ସମୁଦାୟ ଜବତ ହୋଇଥିବା ମାଦକ ଦ୍ରବ୍ୟ ଓ ବ୍ୟବହୃତ ଆଦିର ମୂଲ୍ୟ ୫ କୋଟି ୩୩ ଲକ୍ଷ ୫୯ ହଜାର ୮୯୪ ଟଙ୍କା । ଚଳିତବର୍ଷ ମାର୍ଚ୍ଚ ୧ରୁ ଜୁନ୍ ୩୦ ୨୦୨୬ ତିନି ମାସ ମଧ୍ୟରେ ବେଆଇନ୍ ନିଶା କାରବାରରେ ସଂପୃକ୍ତ ୫୩୧ ଜଣଙ୍କୁ ଗିରଫ କରାଯାଇଥିବା ବେଳେ ୫୭୬ ଟି ମାମଲା ରୁଜୁ କରାଯାଇଛି । ଏହି ଚଢ଼ଉ କାର୍ଯ୍ୟରେ ୧୫୪୯୮ ଲିଟର ଦେଶୀ ମଦ, ୬୯୭୦୦ ପୋଚ, ୧୯୦.୮୦୦ ବିଦେଶୀ ମଦ, ୫୨୦.୨୫୦ ଲିଟର ବିୟର, ୫୮୪.୮୦୦ ଦେଶୀ ମଦ, ୨୨.୫୦୦ ଜିଞ୍ଜର, ୨.୦୨ କେଜି ଗଞ୍ଜେଇ, ୨୧୫ ଗ୍ରାମ୍ ବ୍ରାଉନ୍‌ସୁଗାର, ୩୦ଟି ମୋଟର ସାଇକେଲ, ଗୋଟିଏ ଅଟୋ ଜବତ କରାଯାଇଛି । ଯାହାର ଆନୁମାନିକ ମୂଲ୍ୟ ୧ କୋଟି ୨୨ ଲକ୍ଷ ୩୧ ହଜାର ୬୮୮ ଟଙ୍କା ହେବ ବୋଲି ବିଭାଗ ପକ୍ଷରୁ ସୂଚନା ମିଳିଛି ।

# ଗ୍ରାମୀଣ ପାର୍କ ନିର୍ମାଣରେ ବ୍ୟାପକ ଅର୍ଥ ହରିଲୁଟ୍ ଅଭିଯୋଗ

**ନୂଆପଡ଼ା, ନ୍ୟୁଜ୍ ବ୍ୟୁରୋ**

ଗ୍ରାମାଞ୍ଚଳର ଶୋଭାବର୍ଦ୍ଧନ ସହିତ ଶିଶୁମାନଙ୍କ ସହ ଗ୍ରାମବାସୀଙ୍କ ଆମୋଦପ୍ରମୋଦ ଲକ୍ଷ୍ୟରେ ପ୍ରତ୍ୟେକ ବ୍ଲକ ତରଫରୁ ମନରେଗା ଯୋଜନା ମାଧ୍ୟମରେ ନିର୍ମାଣ ହେଲା ଗ୍ରାମୀଣ ପାର୍କ । ଜିଲ୍ଲାର ଖଡ଼ିଆଳ ବ୍ଲକ ଅନ୍ତର୍ଗତ ବାଦି ଗ୍ରାମ ପଞ୍ଚାୟତର ବାଦି ଗ୍ରାମରେ ଏହି ପାର୍କ ନିର୍ମାଣ ୨୦୨୧/୨୨ରେ ଆରମ୍ଭ ହେଲା । ଏଥିପାଇଁ ମନରେଗା ଯୋଜନାରେ ପ୍ରଥମ ପର୍ଯ୍ୟାୟରେ ୩୫ ଲକ୍ଷ ଟଙ୍କା ଓ ପରେ ୯ ଲକ୍ଷ ଟଙ୍କା ବ୍ୟୟ ଅଟକଳ କରାଯାଇଥିଲା । ପାର୍କରେ ଥିବା ଏକ ବୋର୍ଡ଼ରେ ୩୫ ଲକ୍ଷ ଟଙ୍କା ଅଟକଳ ମୂଲ୍ୟ ଥିବାବେଳେ ନେଟ୍‌ରେ ତାହା ୩୦ ଲକ୍ଷ ୮୭ ହଜାର ଟଙ୍କା ପ୍ରଦର୍ଶିତ ହେଉଛି । ସେହିପରି ନେଟ୍‌ରେ ଆଉ ୯ ଲକ୍ଷ ଟଙ୍କା ଖର୍ଚ୍ଚ ହୋଇଥିବା ପ୍ରଦର୍ଶିତ ହେଉଥିବାବେଳେ କୌଣସି ବୋର୍ଡ ସେଠାରେ ନାହିଁ । ସେହିପରି ପାଚେରୀ ନିର୍ମାଣ ପାଇଁ ସିଏଫ୍‌ସିରୁ ୩,୬୭୦୩୨ ଟଙ୍କା ଖର୍ଚ୍ଚ ହୋଇଥିବା ଉଲ୍ଲିଖିତ ଅଛି । ପାର୍କରେ କୌଣସି କାର୍ଯ୍ୟ ହୋଇନଥିବାରୁ ଏହା ସମ୍ପୂର୍ଣ୍ଣ ହରିଲୁଟ୍ କରାହୋଇଛି ବୋଲି ସ୍ଥାନୀୟ ବାସିନ୍ଦା ଅଭିଯୋଗ କରିଛନ୍ତି । ଏହି ଗ୍ରାମୀଣ ପାର୍କରେ କେବଳ ଏକ ପାଦଚଲା ରାସ୍ତାକୁ ଛାଡ଼ିଦେଲେ କିଛି ମଧ୍ୟ ନାହିଁ । ନା ଏଠି ବସିବା ପାଇଁ ବେଞ୍ଚ ଅଛି ନା ପିଲାମାନଙ୍କ ଖେଳିବା ପାଇଁ ଝୁଲା, ସ୍ଲାଇଡ ଆଦି ଅଛି । ସୋଲାର ଲାଇଟ୍ ବ୍ୟବସ୍ଥା ନଥିବାବେଳେ ପାନୀୟ ଜଳର ସୁବିଧା ନାହିଁ । ସୌନ୍ଦର୍ଯ୍ୟକରଣ ପାଇଁ ଶୋଭା ବର୍ଦ୍ଧକ ଗଛ ନାହିଁ । ଲୋକେ ଅଭିଯୋଗ କରନ୍ତି ବିଭିନ୍ନ ଖେଳ ସାମଗ୍ରୀ ଆଣି କିଛି ଦିନ ରଖିଲା ପରେ ପ୍ରଶାସନ କୁଆଡେ ନେଇଗଲା କେହି ଜାଣନ୍ତିନାହିଁ । ଯଦି ପାର୍କରେ କିଛି ନାହିଁ ତାହା ହେଲେ ଚାଳିଶ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ଖର୍ଚ୍ଚ କିପରି ହେଲା ବୋଲି ସେମାନେ ପ୍ରଶ୍ନ କରିଛନ୍ତି । ଏହାର ଏକ ଉଚ୍ଚ ସ୍ତରୀୟ ତଦନ୍ତ ସହ ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ପାଇଁ ଲୋକେ ଦାବି କରିଛନ୍ତି । ପୂର୍ବେ ଏହି ସ୍ଥାନରେ ଶତାଧିକ ଗଛ ରହିଥିଲା କିନ୍ତୁ ପାର୍କ ନାମରେ ସବୁ କାଟି ଦିଆଗଲା ବୋଲି ସମସ୍ତେ କହିଛନ୍ତି । ଏନେଇ ବିଡ଼ିଓ ମିଳନ କୁମାର ଝାଙ୍କରଙ୍କୁ ପଚାରିବାରୁ ଏହାର ତଦନ୍ତ କରାଯିବ ବୋଲି ପ୍ରକାଶ କରିଥିଲେ ।

# ଗାନ୍ଧିପନ୍ଥୀ ଆଦର୍ଶ ଶିକ୍ଷକ ଚିନ୍ତାମଣୀ ଗୁରୁଜୀଙ୍କ ସ୍ମୃତିଚାରଣ

**କେନ୍ଦ୍ରାପଡ଼ା, ନ୍ୟୁଜ୍ ବ୍ୟୁରୋ**

କେନ୍ଦ୍ରାପଡା ଜିଲ୍ଲା ମାର୍ଶାଘାଇ ବ୍ଲକ ଅନ୍ତର୍ଗତ ଅଙ୍ଗୁଲାଇ ଠାରେ ମଧୁସାଗର ଆବାସିକ ବିଦ୍ୟାପୀଠର ପ୍ରତିଷ୍ଠାତା ସ୍ୱର୍ଗତ ଚିନ୍ତାମଣୀ ଗୁରୁଜୀଙ୍କ ଛାତ୍ର ତଥା ଶିକ୍ଷକ ନେତା ଭ୍ରମର ରାଉତଙ୍କ ଜନ୍ମ ବାର୍ଷିକ ଅବସରରେ ଅଙ୍ଗୁଲାଇ ଗ୍ରାମଦେବୀ ମା' ତାରିଣୀଙ୍କ ପୀଠରେ ଗୁରୁଜୀଙ୍କ ଜୀବନାଦର୍ଶ ଉପରେ ଏକ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଯାଇଛି । ଏଥିରେ ଶହେରୁ ଊର୍ଦ୍ଧ୍ୱ ବିଭିନ୍ନ ହାଇସ୍କୁଲର ଛାତ୍ରଛାତ୍ରୀ, ପୂର୍ବତନ ଛାତ୍ରଛାତ୍ରୀ ପ୍ରମୁଖ ଅଂଶଗ୍ରହଣ କରିଥିଲେ । ଗାନ୍ଧିପନ୍ଥୀ, ସମାଜ ସଂସ୍କାରକ, ସ୍ୱାଧୀନତା ସଂଗ୍ରାମୀ ଓ ଆଦର୍ଶ ଶିକ୍ଷକ ଚିନ୍ତାମଣୀ ଗୁରୁଜୀଙ୍କ ବହୁମୁଖୀ ପ୍ରତିଭାର ସ୍ମୃତିଚାରଣ କରିଥିଲେ । ସ୍ୱର୍ଗତ ଗୁରୁଜୀ ନିଜର ସମସ୍ତ ସମ୍ପତ୍ତି ଦାନ କରି ୧୯୬୭ ରେ ଟ୍ରଷ୍ଟବୋର୍ଡ ଗଠନ କରିଥିଲେ । ସନ୍ଥ ବିନୋବାଙ୍କ ଠାରୁ ଆରମ୍ଭ କରି ତତ୍କାଳୀନ ମୁଖ୍ୟମନ୍ତ୍ରୀ ନବକୃଷ୍ଣ ଚୌଧୁରୀ, ପୁଣ୍ୟାତ୍ମା ଗୋପବନ୍ଧୁ ଚୌଧୁରୀ, ରମାଦେବୀ ଆଚାର୍ଯ୍ୟ ହରିହର, ଅନ୍ନପୂର୍ଣ୍ଣା ମହାରଣା, ମାଳତୀ ଚୌଧୁରୀ, ମନମୋହନ ଚୌଧୁରୀ,ତତ୍କାଳୀନ ଭାରତର ଜାତୀୟ କଂଗ୍ରେସର ସଭାପତି ୟୁ.ଏନ୍ ଧେବର ଓ ଗୁରୁଜୀଙ୍କ ଛାତ୍ର ଦିବଂଗତ ମୁଖ୍ୟମନ୍ତ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକଙ୍କ ମଧୁସାଗର ବିଦ୍ୟାପୀଠ ଆସିଥିଲେ ବୋଲି ବକ୍ତାମାନେ ପ୍ରକାଶ କରିଥିଲେ । ୧୯୪୮ରେ ନିପଟ ମଫସଲ ନଦୀନାଳ ଘେରା ଅଞ୍ଚଳର ଶିକ୍ଷାର ପ୍ରଚାର ପ୍ରସାର ପାଇଁ ଗୁରୁଜୀ ମଧୁସାଗର ବିଦ୍ୟାପୀଠ ପ୍ରତିଷ୍ଠା କରି ଗାନ୍ଧିଜୀଙ୍କ ମୌଳିକ ଶିକ୍ଷା ପ୍ରଚଳନ କରି ପାଠପଢା ସହିତ ଧନ୍ଦାମୂଳକ ଶିକ୍ଷା ପ୍ରଚଳନ କରି ଗରିବ ଅସହାୟ ପିଲାମାନଙ୍କୁ ମାଗଣାରେ ଶିକ୍ଷାଦାନ କରିବା ସହ ସେମାନଙ୍କୁ ସ୍ୱାବଲମ୍ବୀ କରି ସମାଜର ମୁଖ୍ୟସ୍ରୋତରେ ସାମିଲ୍ କରିଥିଲେ । ଏଥିସହିତ ସମାଜ ସଂସ୍କାର ମାଧ୍ୟମରେ କମ୍ ବୟସ ବିଧବା ମହିଳାଙ୍କୁ ଦ୍ୱିତୀୟ ବିବାହ କରାଇ ମହିଳାଙ୍କୁ ନୂତନ ଦିଶା ଦେଖାଇଥିଲେ । ଆୟୋଜିତ ଏହି କାର୍ଯ୍ୟକ୍ରମରେ ପ୍ରହ୍ଲାଦ ଚନ୍ଦ୍ର ସ୍ୱାଇଁ, ବୈଷ୍ଣବ ଖଣ୍ଡୁଆଳ, କେଶବ ଚରଣ ଲେଙ୍କା, ପ୍ରଭାତି ସାହୁ, ଅରବିନ୍ଦ ସ୍ୱାଇଁ, ବିଦ୍ୟୁଲତା ପତି, ଧ୍ରୁବଚରଣ ସାହୁ, ନୀଳମାଧବ ରାଉତ, ସେକ୍ ମନସୁର୍ ଅଲ୍ଲୀ, କ୍ୟାପ୍‌ଟେନ୍ ପ୍ରେମାନନ୍ଦ ରାଉତ, ମନୋଜ ନନ୍ଦ ପ୍ରମୁଖ ଉପସ୍ଥିତ ରହି ବିଦ୍ୟାପୀଠରେ ଅବସରପ୍ରାପ୍ତ ଶିକ୍ଷକ/ଶିକ୍ଷୟିତ୍ରୀ ଓ କର୍ମଚାରୀ ମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ଚିନ୍ତାମଣି ଗୁରୁଜୀ ଓ ରୁକ୍ମଣୀ ଦେବୀ ସ୍ମାରକୀ ନ୍ୟାସର ସଭାପତି ବୃନ୍ଦାବନ ରାଉତଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସଭା ଶେଷରେ ଭ୍ରମର ରାଉତ ଧନ୍ୟବାଦ ଅର୍ପଣ କରିଥିଲେ ।

## ଜିଲ୍ଲାପାଳଙ୍କ କଟକଣା ସତ୍ତ୍ୱେ ରମ୍ଭେଲା ସେତୁରେ ଚାଲିଛି ପାଉଁଶ ପରିବହନ

# ଓଭରଲୋଡିଂ ଟ୍ରକ୍‌କୁ ନେଇ ବଢୁଛି ଦୁର୍ଘଟଣା ଆଶଙ୍କା:ସ୍ଥାନୀୟଙ୍କ ମଧ୍ୟରେ ଅସନ୍ତୋଷ

**ଝାରସୁଗୁଡ଼ା, ନ୍ୟୁଜ୍ ବ୍ୟୁରୋ**

ଝାରସୁଗୁଡ଼ା ଜିଲ୍ଲାରେ ପାଉଁଶ ପରିବହନକୁ ନେଇ ପୁଣି ଥରେ ବିବାଦ ଦେଖାଦେଇଛି । ଜିଲ୍ଲାପାଳଙ୍କ ପକ୍ଷରୁ ରମ୍ଭେଲା ସେତୁ ଉପରେ ନିର୍ଦ୍ଦିଷ୍ଟ ସମୟ ପର୍ଯ୍ୟନ୍ତ ପାଉଁଶ ପରିବହନ ବନ୍ଦ ରଖିବାକୁ ନିର୍ଦ୍ଦେଶ ଜାରି ହୋଇଥିଲେ ମଧ୍ୟ ତାହାର ପ୍ରଭାବ ଭୂମିସ୍ତରରେ ଦେଖିବାକୁ ମିଳୁନଥିବା ଅଭିଯୋଗ ହେଉଛି । ଫଳରେ ସେତୁ ଉପରେ ଓଭର୍‌ଲୋଡିଂ ପାଉଁଶ ବୋଝେଇ ଟ୍ରକ୍‌ର ଚଳାଚଳ ପୂର୍ବବତ୍ ଜାରି ରହିଥିବାରୁ ସ୍ଥାନୀୟ ଲୋକଙ୍କ ମଧ୍ୟରେ ଅସନ୍ତୋଷ ବଢ଼ିଛି । ଜିଲ୍ଲାରେ ଥିବା ବିଭିନ୍ନ ତାପଜ ବିଦ୍ୟୁତ୍ ପ୍ରକଳ୍ପରୁ ପ୍ରତିଦିନ ବହୁ ପରିମାଣରେ ପାଉଁଶ ପରିବହନ ହେଉଥିବାବେଳେ ବେଆଇନ୍ ଓଭର୍‌ଲୋଡିଂକୁ ନେଇ ଦୀର୍ଘଦିନ ଧରି ଅଭିଯୋଗ ଉଠିଆସୁଛି । ଏହାକୁ ରୋକିବା ପାଇଁ ଜିଲ୍ଲା ପ୍ରଶାସନ ଟାସ୍କ ଫୋର୍ସ ଗଠନ କରିଥିଲେ ମଧ୍ୟ ଏହାର କାର୍ଯ୍ୟକାରିତାକୁ ନେଇ ପ୍ରଶ୍ନ ଉଠିଛି । ସ୍ଥାନୀୟ ଲୋକଙ୍କ ଅଭିଯୋଗରେ କେତେକ ସ୍ଥାନରେ ଚଢ଼ଉ ହେଉଥିଲେ ମଧ୍ୟ ଅଧିକାଂଶ ଓଭର୍‌ଲୋଡିଂ ଗାଡ଼ି ବିନା ବାଧାରେ ଚଳାଚଳ କରୁଛି । ଲଖନପୁର ବ୍ଲକର ତିଲିଆ ପଞ୍ଚାୟତ ଅଞ୍ଚଳବାସୀଙ୍କ ଯାତାୟାତ ସୁବିଧା ପାଇଁ ନିର୍ମିତ ରମ୍ଭେଲା ସେତୁ ବର୍ତ୍ତମାନ ପ୍ରଧାନତଃ ପାଉଁଶ ପରିବହନରେ ବ୍ୟବହୃତ ହେଉଥିବାରୁ ସାଧାରଣ ଲୋକ ଅସୁବିଧାରେ ପଡୁଛନ୍ତି । ସେତୁ ଉପରେ ଭାରି ଯାନ ଚଳାଚଳ ଯୋଗୁ ଦୁର୍ଘଟଣା ଘଟୁଥିବା ସହ ଧୂଳି ପ୍ରଦୂଷଣ, ଶବ୍ଦ ପ୍ରଦୂଷଣ ଓ ରାସ୍ତାର କ୍ଷୟକ୍ଷତି ବଢୁଥିବା ଅଭିଯୋଗ ମଧ୍ୟ ହୋଇଆସୁଛି । ଏନେଇ ସ୍ଥାନୀୟ ଲୋକ ଅନେକଥର ଆନ୍ଦୋଳନ ଓ ଧାରଣା ଦେଇଥିଲେ ମଧ୍ୟ ସ୍ଥାୟୀ ସମାଧାନ ହୋଇନଥିବା କହିଛନ୍ତି । ସୂଚନାନୁସାରେ, ଜିଲ୍ଲାପାଳ ଗତ ୧୮ ତାରିଖରେ ଜାରି କରିଥିବା ନିର୍ଦ୍ଦେଶରେ ୩୧ ତାରିଖ ପର୍ଯ୍ୟନ୍ତ ସକାଳ ୬ଟାରୁ ରାତି ୧୦ଟା ପର୍ଯ୍ୟନ୍ତ ରମ୍ଭେଲା ସେତୁ ଉପରେ ପାଉଁଶ ପରିବହନ ବନ୍ଦ ରଖିବାକୁ କୁହାଯାଇଥିଲା । ତଥାପି ସେହି ସମୟରେ ମଧ୍ୟ ଟ୍ରକ୍ ଚଳାଚଳ ଜାରି ରହିଥିବାରୁ ନିର୍ଦ୍ଦେଶ ପାଳନକୁ ନେଇ ପ୍ରଶ୍ନ ସୃଷ୍ଟି ହୋଇଛି । ଜିଲ୍ଲା ସଡ଼କ ସୁରକ୍ଷା କମିଟି ବୈଠକରେ ମଧ୍ୟ ଓଭର୍‌ଲୋଡିଂ ଓ ରାସ୍ତାକଡ଼ରେ ଗାଡ଼ି ପାର୍କିଂ ବନ୍ଦ କରିବା ସହ କଠୋର କାର୍ଯ୍ୟାନୁଷ୍ଠାନ ନେବାକୁ ନିଷ୍ପତ୍ତି ହୋଇଥିଲେ ମଧ୍ୟ ତାହା ସଠିକ୍ ଭାବେ କାର୍ଯ୍ୟକାରୀ ହେଉନଥିବା ଅଭିଯୋଗ ରହିଛି । ସ୍ଥାନୀୟ ଲୋକଙ୍କ କହିବା ଅନୁସାରେ, କେବଳ ଗଣନାତ୍ମକ କିଛି ଗାଡ଼ି ବିରୋଧରେ ପଦକ୍ଷେପ ନିଆଯାଉଥିବା ବେଳେ ଅଧିକାଂଶ ଓଭର୍‌ଲୋଡିଂ ଯାନ ନିର୍ବିଘ୍ନରେ ଚଳାଚଳ କରୁଛି ।



# ଭିନ୍ନକ୍ଷମ ଛାତ୍ରଛାତ୍ରୀମାନଙ୍କୁ ସମାଜର ପ୍ରତିଷ୍ଠିତ ନାଗରିକ ଭାବେ ଗଢ଼ିବାକୁ ଆହ୍ୱାନ

**ସୁବର୍ଣ୍ଣପୁର, ନ୍ୟୁଜ୍ ବ୍ୟୁରୋ**

ସ୍ଥାନୀୟ ଭିନ୍ନକ୍ଷମ ବିହାର କଳାପଥର ସ୍ଥିତ ଜିଲ୍ଲା ଭିନ୍ନକ୍ଷମ କଲ୍ୟାଣ ବିଦ୍ୟାଳୟରେ ସିଏସ୍‌ଆର୍ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଟିପିଡବ୍ଲୁଡିଏଲ୍ ସୋନପୁର ଶାଖା ସିଏସ୍‌ଆର୍ ସଂଯୋଜକ ପ୍ରଶାନ୍ତ କୁମାର ପଣ୍ଡାଙ୍କ ତତ୍ତ୍ୱାବଧାନରେ ବିଦ୍ୟାଳୟର ଛାତ୍ରଛାତ୍ରୀ ତଥା ଶିକ୍ଷକ ଶିକ୍ଷୟିତ୍ରୀ ସମସ୍ତ କର୍ମକର୍ତ୍ତା ଓ ଅଭିଭାବକ ଅଭିଭାବିକାଙ୍କ ଗହଣରେ ଟାଟା ପାୱାର ପକ୍ଷରୁ ଏହି ସିଏସ୍‌ଆର୍ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଟିପିଡବ୍ଲୁଡିଏଲ୍‌ର କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ମନୋରଞ୍ଜନ ସାହୁ, ଆର୍ଥଲିକ୍ ସିଏସ୍‌ଆର୍ ଟି.ଏମ୍ ଅରୁଣିମା ମାରାଣ୍ଡି, ଟିପିଡବ୍ଲୁଡିଏଲ୍‌ର ସୋନପୁର ଶାଖାର କନିଷ୍ଠ ଯନ୍ତ୍ରୀ ସଞ୍ଜିବ ସାହା ଏବଂ ଟିପିଡବ୍ଲୁଡିଏଲ୍‌ର ଏସ୍‌ଇବିଏଚ୍‌ଆର୍ ବିଶ୍ୱଜିତ ମହାପାତ୍ର କ୍ରମେ ମୁଖ୍ୟ ଅତିଥି ଓ ସମ୍ମାନିତ ଅତିଥି ଭାବେ ଯୋଗଦାନ କରି କାର୍ଯ୍ୟକ୍ରମକୁ ସାଫଲ୍ୟ ମଣ୍ଡିତ କରିଥିଲେ । ବିଦ୍ୟାଳୟର ଭିନ୍ନକ୍ଷମ ଛାତ୍ରଛାତ୍ରୀମାନେ ଅତିଥିମାନଙ୍କୁ ପୁଷ୍ପଗୁଚ୍ଛ ଦେଇ ପ୍ରାରମ୍ଭିକ ସଙ୍ଗୀତର ମଧୁର ମୂର୍ଚ୍ଛନାରେ ସ୍ୱାଗତ ତଥା ଅଭିନନ୍ଦନ ଜଣାଇଥିଲେ । ଜିଲ୍ଲା ସିଏସ୍‌ଆର୍ କୋଡିନେଟର୍ ପ୍ରଶାନ୍ତ କୁମାର ପଣ୍ଡା ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ବିଦ୍ୟାଳୟର ସମ୍ପାଦକ ତଥା ଅଧ୍ୟକ୍ଷ ଉତ୍ତମ ଚରଣ ଦେହୁରୀ ସଭା ପରିଚାଳନା କରିଥିଲେ । ମୁଖ୍ୟ ଅତିଥି ଓ ସମ୍ମାନିତ ଅତିଥିମାନେ ଭିନ୍ନକ୍ଷମ ଛାତ୍ରଛାତ୍ରୀଙ୍କୁ ସରକାରୀ ସୁବିଧା ସୁଯୋଗ ସହିତ ଟାଟା ପାୱାର ସିଏସ୍‌ଆର୍ କାର୍ଯ୍ୟକ୍ରମ ମାଧ୍ୟମରେ ସହଯୋଗର ହାତ ବଢ଼ାଇ ସମାଜରେ ପ୍ରତିଷ୍ଠିତ ନାଗରିକ ଭାବେ ଗଢ଼ିବା ପାଇଁ ପ୍ରତିଶ୍ରୁତି ଦେଇଥିଲେ । ପରେ ପରେ ସୁବର୍ଣ୍ଣପୁର ସିଏସ୍‌ଆର୍ ତରଫରୁ ବିଦ୍ୟାଳୟ ପରିସର ମଧ୍ୟରେ ବନମହୋତ୍ସବ ପାଳନ ପୂର୍ବକ ଏକ ବୃକ୍ଷ ରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ସର୍ବ ଶେଷରେ ସମସ୍ତ କର୍ମଚାରୀ ତଥା ଛାତ୍ରଛାତ୍ରୀ ମାନଙ୍କ ଉଦ୍ଦେଶ୍ୟରେ ଏକ ହାରମୋନିୟମ୍ ପ୍ରଦାନ କରିବା ସଙ୍ଗେ ସଙ୍ଗେ ମିଷ୍ଟାନ୍ନ ପରିବେଷଣ କରାଯାଇଥିଲା ।



# 'ବୃକ୍ଷ ସୁରକ୍ଷା ଜୀବନ ରକ୍ଷା' ନେଇ ମାର୍ଗ ଦର୍ଶନ

**ରାଇଘର, ନ୍ୟୁଜ୍ ବ୍ୟୁରୋ**

ବେହେଡ଼ା କ୍ଲଷ୍ଟର ଅନ୍ତର୍ଗତ ସିଉନାଗୁଡ଼ା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ବନ ମହୋତ୍ସବ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି ଉପଲକ୍ଷେ ଆୟୋଜିତ ସଚେତନାତ୍ମକ କାର୍ଯ୍ୟକ୍ରମରେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଟୁଟୁବାବୁ ପଟ୍ଟନାୟକ, ସାଧନ କେନ୍ଦ୍ର ସଂଯୋଜକ ବିଷ୍ଣୁ ପ୍ରସାଦ ସାହୁ, ବୁର୍ଜା ସାଧନ କେନ୍ଦ୍ର ସଂଯୋଜକ ରତ୍ନାକର ଦାଶ, ବିଦ୍ୟାଳୟ ପରିଚାଳନା ସମିତି ସଭାପତି ପୂର୍ଣ୍ଣ ସାନ୍ତା, ୱାର୍ଡ ମେମ୍ବର ରାଧବ ସାନ୍ତା, ପ୍ରାକ୍ତନ ଏସ୍‌ଏମ୍‌ସି ସଭାପତି ପାଣ୍ଡୁ ସାନ୍ତା, ଡୁଣ୍ଡୁବେଡା ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସୁରେଶ ଚନ୍ଦ୍ର ପଣ୍ଡା, ନାଗାଗୁଡ଼ା ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଅରବିନ ଭତ୍ରା, ସିଉନାଗୁଡା ବିଦ୍ୟାଳୟର ଶିକ୍ଷକ ଅକ୍ଷୟ କୁମାର ସେଠୀ, ଶିକ୍ଷୟିତ୍ରୀ ଅର୍ଚ୍ଚନା ପ୍ରିୟଦର୍ଶିନୀ ଲେଙ୍କା, ଶିରାଗୁଡ଼ା ବିଦ୍ୟାଳୟର ଶିକ୍ଷକ ନୀଳକଣ୍ଠ ଚମ୍ପତି ଗ୍ରାମବାସୀ ଫୁଲସିଂ ସାନ୍ତା, ବନ ସାନ୍ତା, ଜୟତି ସାନ୍ତା, ସିନ୍ଧୁ ସାନ୍ତା, ଖଗପତି ସାନ୍ତା, ରାମ ସାନ୍ତାଙ୍କ ସମେତ ବିଦ୍ୟାଳୟର ଛାତ୍ରଛାତ୍ରୀ ବୃନ୍ଦ ଉପସ୍ଥିତ ଥିଲେ । ଅତିଥିବୃନ୍ଦ ବୃକ୍ଷ ସୁରକ୍ଷା... ଜୀବନ ରକ୍ଷା ଉପରେ ନିଜ ନିଜ ବକ୍ତବ୍ୟ ରଖି ମାର୍ଗଦର୍ଶନ କରିଥିଲେ । ତତ୍ପରେ ବିଦ୍ୟାଳୟ ପରିବେଶକୁ ସବୁଜ ସୁନ୍ଦର କରିବା ନିମିତ୍ତ ବହୁ ସଂଖ୍ୟାରେ ବିଭିନ୍ନ କିସମର ଚାରା ରୋପଣ ସମ୍ମିଳିତ ଭାବେ କରାଯାଇଥିଲା । ଏହି ଅବସରରେ ବୁର୍ଜା ସିଆର୍‌ସିସି ରତ୍ନାକର ଦାଶଙ୍କୁ ଉତ୍ତରୀୟ, ଉପହାର ଦିଆଯାଇ ସମ୍ବର୍ଦ୍ଧିତ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ଗ୍ରାମର ଜନସାଧାରଣ ଉପସ୍ଥିତ ରହି ସକ୍ରିୟ ସହଯୋଗ କରିଥିଲେ । ପରିଶେଷରେ ସମସ୍ତଙ୍କୁ ଧନ୍ୟବାଦ ଜ୍ଞାପନ କରାଯାଇଥିଲା ।

# ଜଗତସିଂହପୁର ଜିଲ୍ଲାସ୍ତରୀୟ ସ୍ୱାଧୀନତା ଦିବସ ଉତ୍ସବ ହେବ ସରସ ସୁନ୍ଦର

**ଜଗତସିଂହପୁର, ନ୍ୟୁଜ୍ ବ୍ୟୁରୋ**

ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ସଦ୍‌ଭାବନା ସଭାଗୃହ ଠାରେ ଜିଲ୍ଲାସ୍ତରୀୟ ୮୦ ତମ ସ୍ୱାଧୀନତା ଦିବସ ପାଳନ ନିମନ୍ତେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ ଅଧ୍ୟକ୍ଷତା କରି ଜିଲ୍ଲାପାଳ ଜେ. ସୋନାଲ ଆଗାମୀ ଜିଲ୍ଲାସ୍ତରୀୟ ସ୍ୱାଧୀନତା ଦିବସକୁ ସରସ ସୁନ୍ଦର ଭାବେ ପାଳନ କରିବାକୁ ସମସ୍ତଙ୍କ ସହଯୋଗ କାମନା କରିଥିଲେ । ଅଗଷ୍ଟ ୧୫ ପୂର୍ବରୁ ସହରରେ ଥିବା ରାସ୍ତା ମରାମତି କାର୍ଯ୍ୟ ଶେଷ କରିବା ପାଇଁ ସମସ୍ତ ବିଭାଗୀୟ ଅଧିକାରୀ ମାନଙ୍କୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ । ଏହି ବୈଠକର ନିଷ୍ପତ୍ତି ଅନୁଯାୟୀ ଅଗଷ୍ଟ ୧୫ ଦିନ ପ୍ରାତଃ ଘ.୪.୩୦ମିରେ ରାମଧୁନ୍, ପ୍ରଭାତ ଫେରି ସକାଳ ୬ଟା, ବିଭିନ୍ନ ଅନୁଷ୍ଠାନ ମାନଙ୍କରେ ଜାତୀୟ ପତାକା ଉତ୍ତୋଳନ ସକାଳ ୭ଘ.୩୦ ମି ଏବଂ ଜିଲ୍ଲାସ୍ତରୀୟ ପତାକା ଉତ୍ତୋଳନ ପୂର୍ବାହ୍ନ ଘ ୯.୧୫ ମି ସମୟରେ ଅନୁଷ୍ଠିତ ହେବ । ପ୍ରତ୍ୟେକ କାର୍ଯ୍ୟାଳୟର ମୁଖ୍ୟମାନେ ଅଗଷ୍ଟ ୧୫ ତାରିଖ ଦିନ ନିଜ ନିଜ କାର୍ଯ୍ୟାଳୟରେ




ଉପସ୍ଥିତ ରହି ନୂତନ ଓ ଉନ୍ନତ ମାନର ଜାତୀୟ ପତାକା ବ୍ୟବହାର କରି ପତାକା ଉତ୍ତୋଳନ କରିବାକୁ ଜିଲ୍ଲାପାଳ ସମସ୍ତ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ । ଅଗଷ୍ଟ ୧୧ ଓ ୧୨ ତାରିଖ ଅପରାହ୍ନ ୩ଟା ଓ ୧୩ ତାରିଖ ସକାଳ ୭ଘ.୩୦ ମି ସମୟରେ ନବକୃଷ୍ଣ ଚୌଧୁରୀ ଷ୍ଟାଡିୟମ୍ ଠାରେ ଅଭ୍ୟାସ ପରେଡ ଅନୁଷ୍ଠିତ ହେବ । ପରେଡରେ କେବଳ ଅଷ୍ଟମରୁ ଦଶମ ଓ କଲେଜ ଛାତ୍ରଛାତ୍ରୀ ମାନେ ଅଂଶ ଗ୍ରହଣ କରିବେ ବୋଲି ବୈଠକରେ ନିଷ୍ପତ୍ତି ହୋଇଥିଲା । ପ୍ରଥମରୁ ତୃତୀୟ, ୪ର୍ଥ ରୁ ୫ମ, ୬ଷ୍ଠ ରୁ ୮ମ, ହାଇସ୍କୁଲ ଓ କଲେଜ ସ୍ତରରେ ବକ୍ତୃତା, ଦେଶାତ୍ମବୋଧକ ସଙ୍ଗୀତ ପ୍ରତିଯୋଗିତା ଏବଂ ହାଇସ୍କୁଲ ଓ କଲେଜ ସ୍ତରରେ କୁଇଜ୍ ପ୍ରତିଯୋଗିତା ବ୍ଲକ ଓ ପୌରପରିଷଦ ମଧ୍ୟରେ ଅଗଷ୍ଟ ୭ ତାରିଖ ଓ ଜିଲ୍ଲାସ୍ତରରେ ୧୦ ତାରିଖରେ ଅନୁଷ୍ଠିତ ହେବ । ପରେଡ ପଡ଼ିଆରେ ଅନୁଷ୍ଠିତ ହେବାକୁ ଥିବା ସାଂସ୍କୃତିକ କାର୍ଯ୍ୟକ୍ରମ ପାଇଁ ଜିଲ୍ଲା ଶିକ୍ଷା ଅଧିକାରୀ ବିଭିନ୍ନ ବିଦ୍ୟାଳୟ ମଧ୍ୟରେ ପ୍ରତିଯୋଗିତା କରି ୪ ଗୋଟି ସାଂସ୍କୃତିକ ଦଳକୁ ବାଛିବେ । ସନ୍ଧ୍ୟାରେ ସ୍ଥାନୀୟ ଆଦିକବି ସାରଳା ଦାସ ସଂସ୍କୃତି ଭବନ ଠାରେ ସ୍ଥାନୀୟ ଅନୁଷ୍ଠାନ ମାନଙ୍କୁ ନେଇ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯିବ । ସ୍ୱାଧୀନତା ଦିବସ ପାଳନ ଅବସରରେ ସମସ୍ତ ସରକାରୀ କାର୍ଯ୍ୟାଳୟ ଗୁଡ଼ିକ ଆଲୋକ ସଜ୍ଜା କରାଯିବା ସହ ସହରରେ ଥିବା ସମସ୍ତ ବ୍ୟବସାୟ ପ୍ରତିଷ୍ଠାନ ଓ ଘରୋଇ ଅନୁଷ୍ଠାନ ଗୁଡ଼ିକ ଆଲୋକ ସଜ୍ଜା କରାଯିବା ନେଇ ଜିଲ୍ଲାପାଳ ପରାମର୍ଶ ଦେଇଥିଲେ । ବିଭିନ୍ନ ବିଭାଗ ଓ ପାରାଦ୍ୱୀପର ପ୍ରମୁଖ ଶିଳ୍ପ ସଂସ୍ଥାମାନଙ୍କ ଦ୍ୱାରା ପ୍ରଜ୍ଞାପନ ମେଢ଼ ପରେଡ ସମୟରେ ପ୍ରଦର୍ଶିତ ହେବ । ପାଞ୍ଚଜନ୍ୟ ସାଂସ୍କୃତିକ ଓ ସାମାଜିକ ପରିଷଦ, ପୂର୍ଣ୍ଣଚନ୍ଦ୍ର ସ୍ମାରକ ମେଧାବୃତ୍ତି ଓ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟର ପୁରାତନ ଛାତ୍ରୀ ସଂସଦ ପକ୍ଷରୁ ଜିଲ୍ଲାର ମାଟ୍ରିକ୍ ଟପ୍ପରଙ୍କୁ ପୁରସ୍କୃତ କରାଯିବ । ଜେଲ୍‌ର ଅନ୍ତେବାସୀ ଓ ମୁଖ୍ୟ ଚିକିତ୍ସାଳୟର ରୋଗୀମାନଙ୍କୁ ସ୍ୱାଧୀନତା ଦିବସ ଦିନ ମୁଖ୍ୟ ଅତିଥିଙ୍କ ଦ୍ୱାରା ଫଳ ବଣ୍ଟନ କରାଯିବ । ପରେଡ ପଡ଼ିଆର ସାଜସଜ୍ଜା, ନିମନ୍ତ୍ରିତ ଅତିଥି ମାନଙ୍କ ପାଇଁ ବସିବା ବ୍ୟବସ୍ଥା, ବ୍ୟାରିକେଡ ନିର୍ମାଣ, ପରେଡ ପଡ଼ିଆ ସମତୁଲ, କଲେଜ ଛକ ଠାରୁ ଷ୍ଟାଡିୟମ୍ ପର୍ଯ୍ୟନ୍ତ ରାସ୍ତା ମରାମତି ଓ ଷ୍ଟାଡିୟମ୍ ରଙ୍ଗ ଇତ୍ୟାଦି କାର୍ଯ୍ୟ ରାସ୍ତା ଓ କୋଠାବାଡି ବିଭାଗ ଦ୍ୱାରା ସମ୍ପାଦନ କରାଯିବ । ଏହି ବୈଠକରେ ଆରକ୍ଷୀ ଅଧିକ୍ଷକ ଅଙ୍କିତ କୁମାର ବର୍ମା, ଅତିରିକ୍ତ ଜିଲ୍ଲାପାଳ ସମ୍ବିତ କୁମାର ରାଉତ, ଅତିରିକ୍ତ ଜିଲ୍ଲାପାଳ ଜ୍ୟୋତିଶଙ୍କର ରାୟ, ଜିଲ୍ଲା ପରିଷଦ ମୁଖ୍ୟ ବିକାଶ ତଥା ନିର୍ବାହୀ ଅଧିକାରୀ ଅକ୍ଷୟ ପିଲ୍ଲେ, ଉପ ଜିଲ୍ଲାପାଳ ପ୍ରଶାନ୍ତ କୁମାର ତରାଇ, ଜିଲ୍ଲାସ୍ତରୀୟ ଅଧିକାରୀ, ବିଭିନ୍ନ ବିଭାଗର ଅଧିକ୍ଷଣ ଯନ୍ତ୍ରୀ, କ୍ଷେତ୍ରୀୟ ଅଧିକାରୀ, ସହରର ମାନ୍ୟଗଣ୍ୟ ବ୍ୟକ୍ତି, ବୁଦ୍ଧିଜୀବୀ, ଆଇନଜୀବୀ, ଶିକ୍ଷକ ଶିକ୍ଷୟିତ୍ରୀ, ଗଣମାଧ୍ୟମ ପ୍ରତିନିଧି ପ୍ରମୁଖ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ । ପ୍ରାରମ୍ଭରେ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ପ୍ରତିଚୀ ତନୟା ମହାନ୍ତି ସ୍ୱାଗତ ଭାଷଣ ଦେବା ସହ ଜିଲ୍ଲାପାଳଙ୍କ ଆଦେଶ ମତେ କାର୍ଯ୍ୟସୂଚୀ ଅନୁଯାୟୀ ଆଲୋଚନା କରି ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ ।

32 YEARS
ସମ୍ବାଦ କଳିକା
ଭୁବନେଶ୍ୱର, ୨୭ ଜୁଲାଇ ୨୦୨୬ ସୋମବାର





### ଇଣ୍ଡିଆନ୍ ଆଇଡଲ୍ ସିଜିନ୍ ୧୬ର ଚାମ୍ପିଅନ୍ ମୁକୁଟ ପିନ୍ଧିଛନ୍ତି

# ଓଡ଼ିଶାର ପ୍ରଥମ ପ୍ରତିଯୋଗୀ ଭାବେ ଇତିହାସ ରଚିଛନ୍ତି ଜ୍ୟୋତିର୍ମୟୀ ନାୟକ




**ମୁମ୍ବାଇ :** ଜ୍ୟୋତିର୍ମୟୀ ନାୟକ ଇଣ୍ଡିଆନ୍ ଆଇଡଲ୍ ସିଜିନ୍ ୧୬ର ଚାମ୍ପିଅନ୍ ମୁକୁଟ ପିନ୍ଧାଇଛନ୍ତି ଏବଂ ସେ ଟାଇଟଲ୍ ଜିତିଥିବା ଓଡ଼ିଶାର ପ୍ରଥମ ପ୍ରତିଯୋଗୀ ଭାବେ ଇତିହାସ ରଚିଛନ୍ତି । ଏଥିସହ ଇଣ୍ଡିଆନ୍ ଆଇଡଲ୍ ୧୬ ବିଜେତା ଭାବେ ଜ୍ୟୋତିର୍ମୟୀ ନାୟକ ୨୦ ଲକ୍ଷ ଟଙ୍କାର ପୁରସ୍କାର ରାଶି ନେଇଛନ୍ତି; ଯେଉଁଠି ତନିସ୍କ ଶୁକ୍ଲା ରନର୍ସ ଅପ୍ ହୋଇଛନ୍ତି । ମାସ ମାସର ଅବିସ୍ମରଣୀୟ ପ୍ରଦର୍ଶନ, ପ୍ରେରଣାଦାୟକ ଯାତ୍ରା ଏବଂ ସଂଗୀତିକ ଉତ୍କୃଷ୍ଟତା ପରେ, ସୋନି ଏଣ୍ଟରଟେନମେଣ୍ଟ ଟେଲିଭିଜନର ଇଣ୍ଡିଆନ୍ ଆଇଡଲ୍ ସିଜିନ୍ ୧୬ ଜ୍ୟୋତିର୍ମୟୀ ନାୟକଙ୍କୁ ଏହି ସିଜିନ୍ ର ବିଜେତା ଭାବରେ ମୁକୁଟ ପିନ୍ଧାଇଛି । ଜ୍ୟୋତିର୍ମୟୀ 'ସୟାଁ ଓ ସୟାଁ' ଗୀତରେ ଏକ ମନୋରମ ପ୍ରଦର୍ଶନ କରିଥିଲେ । ତାଙ୍କର ଯାତ୍ରା ସାଥୀ ଫାଇନାଲିଷ୍ଟ ଅଂଶିକା ଚୋଙ୍କାର, ମନରାଜ ବୀର ସିଂହ, ମାଇକ୍ଲେମ ବାସୁ, ସୁହେଲ୍ ସୁଫି ଏବଂ ତନିଷ୍କ ଶୁକ୍ଲାଙ୍କ ଉପରେ ଏକ ଚମତ୍କାର ବିଜୟରେ ଶେଷ ହୋଇଥିଲା, ଯାହା ଭାରତର ନୂତନ ଗାୟନ ସେନସେସନ୍ ଭାବେ ଏକ ରୋମାଞ୍ଚକର ନୂତନ ଅଧ୍ୟାୟର ଆରମ୍ଭ କରିଥିଲା । ଏଥିସହ ଇଣ୍ଡିଆନ୍ ଆଇଡଲ୍ ୧୬ ଶେଷରେ ଏହାର ୧୦ ମାସର ଯାତ୍ରା ସମାପ୍ତ କରିଛି, ଯେଉଁଥିରେ ଓଡ଼ିଶାର ୨୪ ବର୍ଷୀୟା ଜ୍ୟୋତିର୍ମୟୀ ନାୟକଙ୍କୁ ବିଜେତା ଘୋଷଣା କରାଯାଇଛି ଏବଂ ଜବଲପୁରର ତନିଷ୍କ ଶୁକ୍ଲା ପ୍ରଥମ ରନର୍ସ-ଅପ୍ ଭାବେ ଉଭା ହୋଇଛନ୍ତି । ଇଣ୍ଡିଆନ୍ ଆଇଡଲ୍ର ୧୬ତମ ସିଜିନ୍କୁ ଶ୍ରେୟା ଘୋଷାଲ୍, ବିଶାଲ୍ ଦଦଲାନି ଏବଂ ବାଦଶାହା ବିଚାରକ ଥିଲେ । ଏହି ବର୍ଷ ଶୋ'ର ଥିମ୍- ୟାଦୋଁ କି ପ୍ଲେଲିଷ୍ଟ, ଦର୍ଶକଙ୍କ ସହିତ ଏତେ ଭଲ ଭାବେ ପ୍ରତିଧ୍ୱନିତ ହୋଇଥିଲା ଯେ ଶୋ'କୁ ତିନି ମାସ ପାଇଁ ଦୁଇଟି ଏକ୍ସଟେନ୍ସନ୍ ଦିଆଯାଇଥିଲା । ଜ୍ୟୋତିର୍ମୟୀ ତାଙ୍କ ବିଜୟର ଶ୍ରେୟ ସଂଗୀତ ଚିକିତ୍ସା ଅର୍ଥାତ୍ ମ୍ୟୁଜିକ୍ ଥେରାପି ମାଧ୍ୟମରେ ସୁସ୍ଥ ହୋଇଥିବା କର୍କଟ ରୋଗୀଙ୍କୁ ଦେଇଛନ୍ତି । ଶୋ'ରେ ତାଙ୍କର ୧୦ ମାସର ଯାତ୍ରା ବିଷୟରେ କହି ଇଣ୍ଡିଆନ୍ ଆଇଡଲ୍ ୧୬ ବିଜେତା କହିଛନ୍ତି, "ଏହି ଯାତ୍ରା ପ୍ରାୟ ଗୋଟିଏ ବର୍ଷ ହେଲାଣି । ମୁଁ ୧୪ ସେପ୍ଟେମ୍ବରରେ ମୁମ୍ବାଇ ଆସିଥିଲି ଏବଂ ଏହା ଏକ ବହୁତ ଭଲ ଯାତ୍ରା ଥିଲା । ଖୁସିର କଥା ଏହା ମଧ୍ୟ ଫଳପ୍ରଦ ହୋଇଥିଲା, ଟ୍ରଫି ଜିତିବା। ମୁଁ କେବେ ପୁରସ୍କାର ରାଶି ଜିତିବା ବିଷୟରେ ଭାବି ନଥିଲି; ମୁଁ କେବଳ ମୋର ସର୍ବୋତ୍ତମ ପ୍ରଦର୍ଶନ କରିବା ଏବଂ ଭଲ ମତାମତ ପାଇବା ବିଷୟରେ ଚିନ୍ତା କରିଥିଲି । ଯେହେତୁ ମୁଁ ଟଙ୍କା ବିଷୟରେ ଚିନ୍ତା କରି ନଥିଲି, ମୁଁ ଜାଣିନାହିଁ ମୁଁ ଏହାକୁ କେଉଁଠାରେ ବ୍ୟବହାର କରିବି; ଏବେ ମୁଁ ଏହା ବିଷୟରେ ଚିନ୍ତା କରିବି ।"

ଜ୍ୟୋତିର୍ମୟୀଙ୍କ ବିଜୟ ବିଷୟରେ କଥା ହୋଇ ଶ୍ରେୟା ଘୋଷାଲ କହିଛନ୍ତି, 'ସିଜିନ୍ ସାରା ଏହି ପ୍ରତିଯୋଗୀମାନଙ୍କୁ ବଢ଼ିବା ଦେଖିବା ଏକ ସୁନ୍ଦର ଅନୁଭୂତି ଥିଲା । ପ୍ରତ୍ୟେକେ ନିଜସ୍ୱ ବ୍ୟକ୍ତିତ୍ୱ, ଆନ୍ତରିକତା ଏବଂ ସଂଗୀତ ପ୍ରତି ପ୍ରେମକୁ ମଞ୍ଚକୁ ଆଣିଛନ୍ତି, ଯାହା ଏହି ଯାତ୍ରାକୁ ପ୍ରକୃତରେ ସ୍ମରଣୀୟ କରିଛି । ଆମେ ଗ୍ରାଣ୍ଡ ଫିନାଲେରେ ପହଞ୍ଚିବା ପରେ, ସେମାନେ କେତେ ଦୂର ଆସିଛନ୍ତି ତାହା ପାଇଁ ମୁଁ ଅତ୍ୟନ୍ତ ଗର୍ବିତ ଅନୁଭବ କରୁଛି । କିଏ ଟ୍ରଫି ଉଠାଇଲେ, ମୁଁ ଆଶା କରୁଛି ସେମାନେ ନିଜ ଉପରେ ବିଶ୍ୱାସ ରଖିବେ କାରଣ ଏହା ଏକ ସୁନ୍ଦର ସଂଗୀତ ଯାତ୍ରାର ଆରମ୍ଭ ମାତ୍ର ।'

# ବାହାରିନରେ ପ୍ରବାସୀ ଓଡ଼ିଆଙ୍କ ଦ୍ୱାରା ଆଡ଼ମ୍ବରପୂର୍ଣ୍ଣ ବାହୁଡ଼ାଯାତ୍ରା



**ମାନାମା :** ବାହାରିନର ରାଜଧାନୀ ମାନାମାଠାରେ ପ୍ରବାସୀ ଓଡ଼ିଆଙ୍କ ପ୍ରମୁଖ ସଂଗଠନ 'ବାହାରିନ ଓଡ଼ିଆ ସମାଜ' ପକ୍ଷରୁ ଘୋଷଯାତ୍ରା ପର୍ବର ଅନ୍ତିମ ଦିବସ ବାହୁଡ଼ା ଯାତ୍ରା ଭବ୍ୟ ଓ ଆଡ଼ମ୍ବରପୂର୍ଣ୍ଣ ଭାବେ ପାଳନ କରାଯାଇଥିଲା। ଏହି ପବିତ୍ର ଅବସରରେ ବହୁ ସଂଖ୍ୟକ ଭକ୍ତ ଓ ଶ୍ରଦ୍ଧାଳୁ ଯୋଗଦେଇ ଘଣ୍ଟ, ଘଣ୍ଟା, ମୃଦଙ୍ଗ ଓ ବିଭିନ୍ନ ବାଦ୍ୟର ନାଦ ମଧ୍ୟରେ 'ହରିବୋଲ' ଏବଂ 'ଜୟ ଜଗନ୍ନାଥ' ଧ୍ୱନିରେ ସମଗ୍ର ପରିବେଶକୁ ଭକ୍ତିମୟ କରିଦେଇଥିଲେ। ସମସ୍ତେ ଭକ୍ତିଭାବରେ ରଥ ଟାଣି ମହାପ୍ରଭୁଙ୍କ ଆଶୀର୍ବାଦ ଲାଭ କରିଥିଲେ।

ରଥ ଉପରେ ମହାପ୍ରଭୁ ଶ୍ରୀଜଗନ୍ନାଥ, ବଡ଼ଭାଇ ଶ୍ରୀବଳଭଦ୍ର ଏବଂ ଭଉଣୀ ଦେବୀ ସୁଭଦ୍ରା ବିଜେ କରିବା ପରେ ଭକ୍ତମାନେ ଭାବବିହ୍ୱଳ ହୋଇଉଠିଥିଲେ। ଚତୁର୍ଦ୍ଧାମୂର୍ତ୍ତିଙ୍କ ରଥ ପରିକ୍ରମା ପରେ ଶତାଧିକ ଭକ୍ତ ମହାପ୍ରସାଦ ସେବନ କରିଥିଲେ। ପରବର୍ତ୍ତୀ ସମୟରେ ଓଡ଼ିଶାର ବିଭିନ୍ନ ପାରମ୍ପରିକ ନୃତ୍ୟ ପରିବେଷଣ କରାଯାଇଥିଲା, ଯାହା ଦର୍ଶକଙ୍କୁ ମୁଗ୍ଧ କରିଥିଲା। ଏହି ଅବସରରେ ବାହାରିନ ଓଡ଼ିଆ ସମାଜର ସଭାପତି ରାମଚନ୍ଦ୍ର ସାହୁ ମହାପ୍ରଭୁ ଜଗନ୍ନାଥଙ୍କ ସଂସ୍କୃତି, ପରମ୍ପରା ଓ ବିଶ୍ୱବ୍ୟାପୀ ମହିମା ସମ୍ପର୍କରେ ଆଲୋକପାତ କରିଥିଲେ। ସାଧାରଣ ସମ୍ପାଦକ ଶାରଦା ପ୍ରସାଦ ପଟ୍ଟନାୟକ, ଯୁଗ୍ମ ସମ୍ପାଦକ ଅମରେଶ ପଣ୍ଡା, ସାଂସ୍କୃତିକ ସମ୍ପାଦିକା ସରିତା ପାଢ଼ୀ, କ୍ରୀଡ଼ା ସମ୍ପାଦକ ଅନିରୁଦ୍ଧ ବିଶ୍ୱାଳ ଏବଂ ଜନସମ୍ପର୍କ ସମ୍ପାଦିକା ଅଙ୍କିତା ନାୟକ ସମସ୍ତ ଭକ୍ତଙ୍କୁ କୃତଜ୍ଞତା ଜଣାଇବା ସହ ଜଗନ୍ନାଥ ସଂସ୍କୃତିର ପ୍ରଚାର ଓ ପ୍ରସାର ଉପରେ ଆଲୋଚନା କରିଥିଲେ। ବିଦେଶ ମାଟିରେ ରଥଯାତ୍ରା ଓ ବାହୁଡ଼ା ଯାତ୍ରା ପାଳନ କରିବା ପ୍ରତ୍ୟେକ ପ୍ରବାସୀ ଓଡ଼ିଆଙ୍କ ପାଇଁ ଏକ ସୌଭାଗ୍ୟ ଓ ଗର୍ବର ବିଷୟ ବୋଲି ସେମାନେ ମତ ପ୍ରକାଶ କରିଥିଲେ। ରଥଯାତ୍ରାରୁ ବାହୁଡ଼ା ଯାତ୍ରା ପର୍ଯ୍ୟନ୍ତ ନଅ ଦିନ ଧରି ଆୟୋଜିତ ସମସ୍ତ କାର୍ଯ୍ୟକ୍ରମରେ ଅନୁଷ୍ଠାନର ବରିଷ୍ଠ ସଦସ୍ୟମାନେ ନିଷ୍ଠାର ସହିତ ସହଯୋଗ କରିଥିଲେ। ଏହି ଉତ୍ସବରେ ଶତାଧିକ ଅଣଓଡ଼ିଆ ଭକ୍ତ ମଧ୍ୟ ଯୋଗଦେଇ ମହାପ୍ରଭୁଙ୍କ ଦର୍ଶନ ଓ ରଥ ଟାଣିବାର ସୁଯୋଗ ପାଇ ନିଜକୁ ସୌଭାଗ୍ୟବାନ ମନେ କରିଥିଲେ। ବାହାରିନରେ ରଥଯାତ୍ରା ଉତ୍ସବ ନଅ ଦିନ ଧରି ବାହୁଡ଼ା ଯାତ୍ରା ପର୍ଯ୍ୟନ୍ତ ଅତ୍ୟନ୍ତ ଆଡ଼ମ୍ବର ଓ ଭକ୍ତିପୂର୍ଣ୍ଣ ପରିବେଶରେ ପାଳନ କରାଯାଏ। ପ୍ରବାସୀ ଓଡ଼ିଆମାନେ ବର୍ଷସାରା ଏହି ମହାପର୍ବକୁ ଅତ୍ୟନ୍ତ ଆଗ୍ରହର ସହିତ ଅପେକ୍ଷା କରିଥାନ୍ତି। ଏ ବର୍ଷ ର ମୁଖ୍ୟ ଆକର୍ଷଣ ଥିଲା ଭୁବନେଶ୍ୱର ଇସ୍କନ୍ର ପ୍ରମୁଖ ବକ୍ତା ଅକ୍ଷୟ ହରି ପ୍ରଭୁ ମହାପ୍ରଭୁ ଜଗନ୍ନାଥଙ୍କ ଅଲୌକିକ ଲୀଳା ଓ ମହିମା ସମ୍ପର୍କରେ ଆଧ୍ୟାତ୍ମିକ ଆଲୋଚନା । ଉପସ୍ଥିତ ଭକ୍ତମାନେ ତାଙ୍କର ପ୍ରେରଣାଦାୟକ ବକ୍ତବ୍ୟକୁ ଅତ୍ୟନ୍ତ ଆନନ୍ଦ ଓ ଭକ୍ତିଭାବର ସହିତ ଶ୍ରବଣ କରିଥିଲେ। ଶେଷରେ ଶ୍ରୀଶ୍ରୀ ରାଧାଗୋପାଳକୃଷ୍ଣ ମନ୍ଦିରର ସଭାପତି ପ୍ରଶାନ୍ତ ମହାନ୍ତି ଏବଂ ଅନୁଷ୍ଠାନର ବରିଷ୍ଠ ସଦସ୍ୟ କିଶୋର ଦାସ, ବିଷ୍ଣୁପ୍ରସାଦ ମହାନ୍ତି ଓ ଭକ୍ତହରି ଅଗସ୍ତି କହିଥିଲେ ଯେ, ବିଦେଶ ମାଟିରେ ମହାପ୍ରଭୁ ଜଗନ୍ନାଥଙ୍କ ରଥଯାତ୍ରା ଓ ବାହୁଡ଼ା ଯାତ୍ରା ପାଳନ କରିବା ତାଙ୍କର ଅସୀମ କୃପା ଓ ଦିବ୍ୟ ଲୀଳାର ପ୍ରତୀକ।

# ଭୁବନେଶ୍ୱରରେ ନକଲି ନୋଟ୍ କାରବାର : କମିଶନରେଟ୍ ପୋଲିସର ଛାନଭିନ୍ : ଦୁଇ ଅଟକ




**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ** ରାଜଧାନୀରେ ନକଲି ନୋଟ୍ କାରବାର ଅଭିଯୋଗ ହୋଇଛି । ଏହାକୁ ନେଇ ବ୍ୟବସାୟୀଙ୍କ ମହଲରେ ଚାଞ୍ଚଲ୍ୟ ଖେଳିଯାଇଛି । ବଡ଼ଗଡ଼ ଥାନା ଅନ୍ତର୍ଗତ ଚିଲ୍ଲି ପୋଖରୀ ନିକଟରେ ରବିବାର ଏକ ପାନ ଦୋକାନରେ ନକଲି ନୋଟ ଦେଇ ସାମଗ୍ରୀ କିଣୁଥିବା ବେଳେ ସ୍ଥାନୀୟ ଲୋକମାନେ ଦୁଇ ଜଣ ଯୁବକଙ୍କୁ କାବୁ କରିଛନ୍ତି । ଯୁବକ ଦ୍ୱୟଙ୍କ ଘର ପଶ୍ଚିମବଙ୍ଗରେ ବୋଲି ଜଣାପଡ଼ିଛି । ପୋଲିସ ଉଭୟଙ୍କୁ ଅଟକ ରଖି ଅଧିକ ପଚରାଉଚରା କରୁଛି ।

ଅଟକ ଯୁବକ ଦ୍ୱୟଙ୍କଠାରୁ ୬ଟି ୧୦୦ ଟଙ୍କିଆ ନୋଟ୍ ଜବତ କରାଯାଇଛି । ଏହି ଜାଲ୍ ନୋଟ୍ କେଉଁଠୁ ତିଆରି ହୋଇଥିଲା ଏବଂ ଏଥିରେ ଆଉ କେଉଁମାନେ ସମ୍ପୃକ୍ତ ଅଛନ୍ତି, ସେନେଇ କମିଶନରେଟ୍ ପୋଲିସ ଅଧିକ ଖୋଳତାଡ଼ ଚଳାଇଛି । ତେବେ ଅଟକ ଥିବା ଅଭିଯୁକ୍ତଦ୍ୱୟଙ୍କ ଆଉ କିଛି ସହଯୋଗୀ ଭୁବନେଶ୍ୱରରେ ଘୁରିବୁଲୁଥିବା ପୋଲିସ ସନ୍ଦେହ କରୁଛି । କମିଶନରେଟ୍ ପୋଲିସର ବିଭିନ୍ନ ଟିମ୍ ବିଭିନ୍ନ ସ୍ଥାନରେ ଚଢ଼ଉ କରିବା ସହ ଛାନ ଭିନ୍ ଚଳାଇଛି । ଏନେଇ ସୋମବାର ବିସ୍ତୃତ ସୂଚନା ଦିଆଯିବ ବୋଲି ପୋଲିସ ପକ୍ଷରୁ ସୂଚନା ଦିଆଯାଇଛି । ସ୍ଥାନୀୟ ଲୋକଙ୍କ କହିବା ଅନୁଯାୟୀ, ରବିବାର ଅପରାହ୍ଣରେ ଏହି ଯୁବକ ଦ୍ୱୟଙ୍କ ପକ୍ଷରୁ ଜାଲ୍ ନୋଟ୍ କାରବାର ହୋଇଥିଲା । ଏହାକୁ ନେଇ ଚିଲ୍ଲି ପୋଖରୀ ନିକଟରେ ପ୍ରବଳ ଉତ୍ତେଜନା ଦେଖାଦେଇଥିଲା । ପାନ ଦୋକାନରେ ଜଣେ ମହିଳା ବ୍ୟବସାୟୀ ଥିଲେ । ଗ୍ରାହକ ବେଶରେ ଯୁବକ ଦ୍ୱୟ ନୋଟ୍ ଦେଇ ସାମଗ୍ରୀ ନେବାକୁ ଚେଷ୍ଟା କରୁଥିଲେ । ତେବେ ଟଙ୍କା ଦେଖି ମହିଳାଙ୍କ ସନ୍ଦେହ ହୋଇଥିଲା। ସେ ସ୍ଥାନୀୟ ଲୋକଙ୍କୁ ଡାକି ଦେଇଥିଲେ । ଏହାପରେ ନକଲି ନୋଟ୍ ଧରି ଯୁବକ ଦ୍ୱୟ ଖସିଯିବାକୁ ଚେଷ୍ଟା କରୁଥିଲେ । ଲୋକମାନେ ବହୁ ସଂଖ୍ୟାରେ ରୁଣ୍ଡ ହୋଇ ଯୁବକ ଦ୍ୱୟଙ୍କୁ କାବୁ କରିଥିଲେ । ଖବର ପାଇ ପୋଲିସ ଟିମ୍ ଘଟଣାସ୍ଥଳରେ ପହଞ୍ଚିଥିଲା । ଅଭିଯୁକ୍ତଦ୍ୱୟଙ୍କୁ ଲୋକମାନେ ଧରି ପୋଲିସରେ ଜିମା ଦେଇଥିଲେ । ଏନେଇ ବଡ଼ଗଡ଼ ଥାନାଧିକାରୀ ତୃପ୍ତିରଞ୍ଜନ ନାୟକ କହିଛନ୍ତି, ଦୁଇ ଯୁବକଙ୍କୁ ଅଟକ ରଖି ଅଧିକ ପଚରାଉଚରା କରାଯାଉଛି । ଏଯାଏ ମାମଲା ରୁଜୁ କରାଯାଇନାହିଁ। ଏହି ରାକେଟରେ ଆଉ କିଛି ସଦସ୍ୟ ଥିବା ସନ୍ଦେହରେ ତଦନ୍ତ ଚାଲିଛି । ସୋମବାର ଏନେଇ ଅଧିକ ସୂଚନା ଦିଆଯିବ ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ଶ୍ରୀଜୀଉଙ୍କୁ ...

ଛାଉଣୀ ମଠ ସମ୍ମୁଖସ୍ଥ କୂପରୁ ଗରାମାନଙ୍କରେ ଜଳ କାଢ଼ି ରଥ ଉପରକୁ ବୋହି ନେଇ ବଡ଼ ପିତଳ ହଣ୍ଡାମାନଙ୍କରେ ରଖିବେ । ଉଲ୍ଲେଖଯୋଗ୍ୟ ଯେ, ପୂର୍ବେ ଅଧର ପଣା ପାଇଁ ଆବଶ୍ୟକ ଜଳ ରାଧାବଲ୍ଲଭମଠ କୂପରୁ ଆସୁଥିଲା । ପରବର୍ତ୍ତୀ ସମୟରେ ସିଂହଦ୍ୱାର ସମ୍ମୁଖ କୂପରୁ ଏହି ଜଳଅଣାଯାଉଛି । ଜଳ ବୁହାଯିବା ବେଳେ ମନ୍ଦିର ବରକନ୍ଦାଜ କର୍ମଚାରୀମାନେ ଆଗରେ ଗୁଆ ଖୋଳପା ଧରି ଲୋକଙ୍କୁ ଆଡ଼େଇଥାନ୍ତି, ଯେପରିକି କେହି ଜଳକୁ ସ୍ପର୍ଶକରିପାରିବେ ନାହିଁ ।

### କାର୍ଗିଲ ବିଜୟ...

ଏକ କ୍ରୀଡ଼ା ପଦକ୍ଷେପ ବିଷୟରେ ଜାଣିଲି । ସେଠାରେ ଏକ ସ୍କୁଲରେ ଏକ ସଂସ୍କୃତ କ୍ଲବ୍ ଅଛି । ପ୍ରଫେସର ଅଭିଲାଷ ଜୀ ସଂସ୍କୃତକୁ ଏକ ଅନନ୍ୟ ଉପାୟରେ ଲୋକପ୍ରିୟ କରୁଛନ୍ତି । ଏହି ପ୍ରକଳ୍ପକୁ 'ଅକ୍ଷରକନ୍ଦୁକ' ନାମ ଦିଆଯାଇଛି । ଏହି ପ୍ରକଳ୍ପରେ, ଫୁଟବଲ୍ରେ ବ୍ୟବହୃତ ଶବ୍ଦ ସହିତ ସଂସ୍କୃତ ଅକ୍ଷରଗୁଡ଼ିକୁ ସଂଯୋଗ କରି ସହଜ ଉପାୟରେ ବୁଝାଯାଇଛି । ଏହା ଶିଖିବାକୁ ଉପଭୋଗ୍ୟ କରୁଛି ।

### ଆନ୍ଦୋଳନ ...

ପାଞ୍ଚଟି ପରାମର୍ଶକୁ ସରକାର ବିଚାର କରିବେ । ଏକ ମିଳିତ ସାମ୍ବାଦିକ ସମ୍ମିଳନୀରେ ସିଜେପି କହିଛନ୍ତି ଯେ ସେମାନଙ୍କର ପ୍ରତିବାଦ ତୁରନ୍ତ ପ୍ରଭାବରୁ ଶେଷ ହୋଇଛି । ସମସ୍ତେ ଶାନ୍ତିପୂର୍ଣ୍ଣ ଭାବରେ ନିଜ ଘରକୁ ଫେରିବା ଉଚିତ ।

### ରୁଷିଆ-ୟୁକ୍ରେନ୍ ...

ମହାନିର୍ଦ୍ଦେଶାଳୟ (ଡିଜିଏମଏ) ଏବଂ ଭାରତ ସରକାରଙ୍କ ଅନ୍ୟାନ୍ୟ ପ୍ରାସଙ୍ଗିକ କର୍ତ୍ତୃପକ୍ଷଙ୍କ ଦ୍ୱାରା ଜାରି କରାଯାଇଥିବା ପରାମର୍ଶ ତଥା ଜାହାଜ ପରିଚାଳକ ଏବଂ ସକ୍ଷମ ସାମୁଦ୍ରିକ କର୍ତ୍ତୃପକ୍ଷଙ୍କ ଦ୍ୱାରା ଜାରି କରାଯାଇଥିବା ସୁରକ୍ଷା ନିର୍ଦ୍ଦେଶାବଳୀ ନିୟମିତ ଭାବରେ ତଦାରଖ ଏବଂ ଅନୁସରଣ କରନ୍ତୁ । ବିଶେଷ କରି, ଭାରତୀୟ ନାଗରିକମାନଙ୍କୁ ୨୩ ଜୁଲାଇରେ ଡି. ଜି. ଏମ୍. ଏ. ଏବଂ ବନ୍ଦର, ଜାହାଜ ଚଳାଚଳ ଓ ଜଳପଥ ମନ୍ତ୍ରଣାଳୟ ଦ୍ୱାରା ଜାରି କରାଯାଇଥିବା ସୁରକ୍ଷା ପରାମର୍ଶକୁ ଧ୍ୟାନରେ ରଖିବାକୁ ପରାମର୍ଶ ଦିଆଯାଇଛି ।

### କେନ୍ଦ୍ର ଶିକ୍ଷା...

ସ୍ୱୀକାର କରିଛନ୍ତି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ତାଙ୍କ ଉପରେ ଯେଉଁ ଭରସା ରଖିଛନ୍ତି, ତାହାକୁ ସଫଳ କରିବା ପାଇଁ ସେ ନିଜର ସର୍ବୋତ୍ତମ ପ୍ରୟାସ କରିବେ ବୋଲି କହିଛନ୍ତି ।

### ପରୀକ୍ଷା ସଂସ୍କାର...

ସିଜେପିର ଯୁବକେନ୍ଦ୍ରିତ ଆନ୍ଦୋଳନ ପରେ ସରକାର ପରୀକ୍ଷା ସଂସ୍କାର ଦିଗରେ ଧାରାବାହିକ ପଦକ୍ଷେପ ନେଉଛନ୍ତି । ପ୍ରଥମ ପର୍ଯ୍ୟାୟରେ ଏହା ସମ୍ବନ୍ଧୀୟ ଆଇନକୁ କଠୋର କରାଯାଇଥିବା ବେଳେ, ବର୍ତ୍ତମାନ ଏହି କାର୍ଯ୍ୟବଳ ଗଠନ କରାଯାଇଛି ।

### ମୁଖ୍ୟମନ୍ତ୍ରୀ ମୋହନ ...

କହିଛନ୍ତି ଯେ, ଦେଶର ଛାତ୍ରଛାତ୍ରୀଙ୍କ ଭବିଷ୍ୟତ ସର୍ବଦା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ସର୍ବୋଚ୍ଚ ପ୍ରାଥମିକତା ରହିଆସିଛି । ସେ କହିଛନ୍ତି ଯେ, ନନ୍ଦନ ନିଲେକଣିଙ୍କ ନେତୃତ୍ୱରେ ଏହି ଉଚ୍ଚସ୍ତରୀୟ ଟାସ୍କ ଫୋର୍ସ ଗଠନ ପରୀକ୍ଷା ପ୍ରଣାଳୀରେ ମେରିଟ୍, ପାରଦର୍ଶିତା ଓ ନିଷ୍ପକ୍ଷତା ସୁନିଶ୍ଚିତ କରିବା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ । ମୁଖ୍ୟମନ୍ତ୍ରୀ ଆହୁରି କହିଛନ୍ତି ଯେ, ଏହି ପଦକ୍ଷେପ ଦେଶର ଲକ୍ଷ ଲକ୍ଷ ଛାତ୍ରଛାତ୍ରୀଙ୍କ ବିଶ୍ୱାସକୁ ଆହୁରି ମଜଭୁତ କରିବା ସହିତ ଏକ ସୁରକ୍ଷିତ, ପାରଦର୍ଶୀ ଓ ଭବିଷ୍ୟତମୁଖୀ ଶିକ୍ଷା ପ୍ରଣାଳୀ ଗଠନରେ ସାହାଯ୍ୟ କରିବ । ସେ କହିଛନ୍ତି ଯେ, ଏହା "ବିକଶିତ ଭାରତ" ଦୃଷ୍ଟିକୋଣକୁ ଆଗେଇ ନେବାରେ ମଧ୍ୟ ମୁଖ୍ୟ ଭୂମିକା ନେବ । ଏହି ପଦକ୍ଷେପ ଦ୍ୱାରା ଦେଶର ପରୀକ୍ଷା ପ୍ରଣାଳୀ ଆହୁରି ସୁଦୃଢ଼ ଓ ବିଶ୍ୱସନୀୟ ହେବ ବୋଲି ମୁଖ୍ୟମନ୍ତ୍ରୀ ଆଶା ପ୍ରକାଶ କରିଛନ୍ତି ।

### ରାଜ୍ୟରେ ...

ପଞ୍ଚାୟତରେ ୬ଟି ପରିବାର ପାଣି ଘେରରେ ଥିବା ବେଳେ ଧୋଇ ଯାଇଛି ବ୍ୟାପକ ଧାନ ଫସଲ । ସେପଟେ ବନ୍ୟା ଜଳ ଆସି ଫୁଲିବାରେ ଲାଗିଛି ଜିଲ୍ଲାର କପାଳୀ ନଦୀ । ଫଳରେ ବନ୍ତ ବ୍ଲକର ୭ଟି ପଞ୍ଚାୟତ ପ୍ରଭାବିତ ହେବା ଆଶଙ୍କା ଦେଖାଦେଇଛି । ରାମଚନ୍ଦ୍ରପୁର ପଞ୍ଚାୟତ ମୁଖ୍ୟ ରାସ୍ତାରେ ବନ୍ୟା ଜଳ ପ୍ରବାହିତ ହେଉଥିବାରୁ ଠପ୍ ହୋଇଯାଇଛି ଯାତାୟାତ । ସେହିପରି ଟିଲୋ ପଞ୍ଚାୟତର ପୋଡ଼ପାଟଣା, ଶାଳକଣିଆଁ ଓ ଶାସନ ଗାଁ ଗୁଡ଼ିକ ଅଧିକ ପ୍ରଭାବିତ ହେବା ଭୟ ରହିଛି । ସେହିପରି ପାଣି ଘେରରେ ବାଲେଶ୍ୱର ଜିଲ୍ଲା ସୋର ବ୍ଲକ ତଳନଗର ପଞ୍ଚାୟତର ଅନେକ ଗାଁ । ୫ ଦିନ ହେବ ଗାଁରେ ପାଣି ପଶିଛି, ଆଣ୍ଠୁଏ ପାଣିରେ ବୁଡି ରହିଛି ରାସ୍ତା ଘାଟ । ଯୋଗାଯୋଗ ବିଚ୍ଛିନ୍ନ ହୋଇ ରହିଛି । ଲଗାଣ ବର୍ଷାରେ ସୁବର୍ଣ୍ଣପୁର ଜିଲ୍ଲାରେ ବୁଡ଼ିଛି ବ୍ରିଜ, ବନ୍ଦ ରହିଛି ଯାତାୟାତ ଓ ସହରର ଗୁଲାପଡା ତଳି ବ୍ରିଜ ଉପରେ ଚାଲିଛି ୨ ଫୁଟର ପାଣି । ଫଳରେ ବିନିକାରୁ ଗୁଲାପଡା, ଝରାପଡା ଗାଁକୁ ଯାତାୟାତ ବାଧାପ୍ରାପ୍ତ ହୋଇଛି ଓ ସେହିପରି ବୀରମହାରାଜପୁର-ଆମରପାଲି ରାସ୍ତା ଘୁଙ୍ଗୀ ନାଳ ସେତୁ ଉପରେ ପ୍ରବାହିତ ହେଉଛି ୪ ଫୁଟର ପାଣି । ଫଳରେ ସମ୍ବଲପୁର, ରେଢ଼ାଖୋଲ, ଚାରମାଳ ସହ ବୀରମହାରାଜପୁର ବ୍ଲକର ଦୁର୍ଜନତଇଲା, ବହଳପଦର, ଲୁତୁରପଙ୍କ ଭଳି ତିନୋଟି ପଞ୍ଚାୟତକୁ ଯୋଗାଯୋଗ ବିଚ୍ଛିନ୍ନ ହୋଇଯାଇଛି । ତିନି ଦିନର ଲଗାଣ ବର୍ଷାରେ ରାଜଧାନୀ ବି ବେହାଲ । ଘରେ ପାଣି, ମନ୍ଦିରରେ ପାଣି, ରାସ୍ତାରେ ପାଣି । ବମିଖାଲ ସକଳେଶ୍ୱର ମନ୍ଦିର ଗର୍ଭଗୃହରେ ପାଣି ପଶିଥିବା ବେଳେ ସେଥିରେ ବୁଡି ରହିଛନ୍ତି ମହାଦେବ । ଟଙ୍କପାଣି ସୁଶାନ୍ତ ବିହାର ଅଞ୍ଚଳରେ ବି ଲୋକେ ଗୃହ ବନ୍ଦୀ । ଘର ଚାରିପଟେ ପାଣି ଘେରି ରହିଥିବାରୁ ସାପ, ବେଙ୍ଗ ପଶୁଛନ୍ତି । ଏସବୁ ଭିତରେ ଲୋକଙ୍କ ଚିନ୍ତା ବଢାଇଛି ପାଣିପାଗ ବିଭାଗର ଆହୁରି ଦୁଇ ଦିନର ବର୍ଷା ଆକଳନ ।

### ବଙ୍ଗୋପସାଗରରେ..


ସୁବର୍ଣ୍ଣପୁର, ବୌଦ୍ଧ, ନୂଆପଡ଼ା, ବଲାଙ୍ଗୀର, କଳାହାଣ୍ଡି, କନ୍ଧମାଳ, ପୁରୀ, ଖୋର୍ଦ୍ଧା ଏବଂ ନୟାଗଡ଼ ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି । ଏଥିସହ ୨୧ ଜିଲ୍ଲାରେ ଘଡ଼ଘଡ଼ି ସହ ବର୍ଷା ପବନ ହେବା ନେଇ ସୂଚନା ଦିଆଯାଇଛି । ସେହିପରି ସୋମବାର ସୁନ୍ଦରଗଡ଼, ଝାରସୁଗୁଡା, ବରଗଡ଼, ସମ୍ବଲପୁର, କେନ୍ଦୁଝର ଏବଂ ମୟୂରଭଞ୍ଜ ଜିଲ୍ଲାକୁ ପ୍ରବଳରୁ ଅତି ପ୍ରବଳ ବର୍ଷା ନେଇ ଅରେଞ୍ଜ ୱାର୍ଣ୍ଣିଂ ଦିଆଯାଇଛି । ସମୁଦ୍ର ଅଶାନ୍ତ ରହୁଥିବାରୁ ମତ୍ସ୍ୟଜୀବୀଙ୍କୁ ସୋମବାର ପର୍ଯ୍ୟନ୍ତ ସମୁଦ୍ର ମଧ୍ୟକୁ ଯିବାକୁ ବାରଣ କରାଯାଇଛି । ସମୁଦ୍ର ଭିତରେ କେହି ମତ୍ସ୍ୟଜୀବୀ ଥିଲେ ତୁରନ୍ତ କୂଳକୁ ଫେରି ଆସିବାକୁ କୁହାଯାଇଛି ।

# ଜର୍ମାନୀରେ ଧୁମଧାମରେ ପାଳିତ ହେଲା ପବିତ୍ର ବାହୁଡ଼ାଯାତ୍ରା



**ମ୍ୟୁନିଖ, ଜର୍ମାନୀ :** ପବିତ୍ର ଶ୍ରୀକ୍ଷେତ୍ର ପୁରୀ ଶ୍ରୀଜଗନ୍ନାଥ ମନ୍ଦିରର ତିଥି ଓ ପରମ୍ପରା ଅନୁଯାୟୀ ମହାପ୍ରଭୁ ଶ୍ରୀଜଗନ୍ନାଥ, ଶ୍ରୀବଳଭଦ୍ର ଓ ଦେବୀ ସୁଭଦ୍ରାଙ୍କ ପବିତ୍ର ବାହୁଡ଼ା ଯାତ୍ରା ଗତ ୨୪ ଜୁଲାଇରେ ଜର୍ମାନୀର ମ୍ୟୁନିଖସ୍ଥିତ ଶିବାଳୟମ ମନ୍ଦିର ପ୍ରାଙ୍ଗଣରେ ଅତ୍ୟନ୍ତ ଭକ୍ତି, ଶୃଙ୍ଖଳା ସହିତ ଆଧ୍ୟାତ୍ମିକ ପରିବେଶ ମଧ୍ୟରେ ପାଳିତ ହୋଇଯାଇଛି । ଶ୍ରୀଜଗନ୍ନାଥ ସେବା ଜର୍ମାନୀ, ଶିବାଳୟମ ଇ. ଭି ଏବଂ ଓଡ଼ିଆ ସମାଜ ମ୍ୟୁନିଖର ମିଳିତ ସହଯୋଗରେ ଏହି ପବିତ୍ର ଆୟୋଜନ ସମ୍ପନ୍ନ ହୋଇଥିଲା । ମହାପ୍ରଭୁ ଶ୍ରୀଜଗନ୍ନାଥ, ଶ୍ରୀବଳଭଦ୍ର ଓ ଦେବୀ ସୁଭଦ୍ରାଙ୍କୁ ପହଣ୍ଡି କରି ସୁସଜ୍ଜିତ ରଥକୁ ବିଜେ କରାଯାଇଥିଲା । 'ଜୟ ଜଗନ୍ନାଥ' ଓ 'ହରିବୋଲ' ଧ୍ୱନିରେ ସମଗ୍ର ମନ୍ଦିର ପରିସର ଓ ଆଖପାଖ ଅଞ୍ଚଳ ଭକ୍ତିମୟ ହୋଇଉଠିଥିଲା । ମ୍ୟୁନିଖ ସମେତ ଇଙ୍ଗୋଲଷ୍ଟାଡ୍, ଆଗସବର୍ଗ, ରେଗେନସବର୍ଗ, ନ୍ୟୁରେମ୍ବର୍ଗ, ଫୁର୍ଥ, ପୋଇଂ, ଫ୍ରାଙ୍କଫୁର୍ଟ ଏବଂ ବାଭାରିଆର ବିଭିନ୍ନ ସହରରୁ ଆସିଥିବା ଭାରତୀୟ ପ୍ରବାସୀ, ଓଡ଼ିଆ ପ୍ରବାସୀ ତଥା ଅନ୍ୟାନ୍ୟ ଭକ୍ତମାନଙ୍କର ବହୁ ସଂଖ୍ୟକ ସମାଗମ ଏହି ବାହୁଡ଼ାଯାତ୍ରାକୁ ଆହୁରି ଭବ୍ୟ କରିଥିଲା । ଭକ୍ତମାନେ ଅତ୍ୟନ୍ତ ଆନନ୍ଦ ଓ ଉତ୍ସାହର ସହ ମହାପ୍ରଭୁଙ୍କ ପବିତ୍ର ରଥ ଟାଣି ଦିବ୍ୟ ଆଶୀର୍ବାଦ ଲାଭ କରିଥିଲେ । ବିଦେଶ ମାଟିରେ ଶ୍ରୀକ୍ଷେତ୍ର ପୁରୀର ପରମ୍ପରାକୁ ଜୀବନ୍ତ ରୂପେ ଅନୁଭବ କରିବା ସମସ୍ତଙ୍କ ପାଇଁ ଏକ ଅପୂର୍ବ ଆଧ୍ୟାତ୍ମିକ ଅନୁଭୂତି ଥିଲା । ଏହି ସମଗ୍ର ଆୟୋଜନର ସବୁଠାରୁ ବଡ଼ ବିଶେଷତା ଥିଲା ସାମୂହିକ ସେବା ଓ ସମର୍ପଣର ଭାବନା । ଓଡ଼ିଆ ମହିଳାମାନଙ୍କ ଦ୍ୱାରା ଭକ୍ତିଭାବର ସହ ପାରମ୍ପରିକ ଛପନ ଭୋଗ ପ୍ରସ୍ତୁତ କରାଯାଇଥିଲା । ଅନେକ ସ୍ୱେଚ୍ଛାସେବୀ ପ୍ରସାଦ ପ୍ରସ୍ତୁତି, ପରିବେଷଣ ଓ ବଣ୍ଟନରେ ନିରନ୍ତର ସେବା କରିଥିଲେ । ଏହା ସହିତ ପୂଜା-ନୀତି, ଫୁଲମାଳ ପ୍ରସ୍ତୁତି, ରଥ ସଜ୍ଜା, ମନ୍ଦିର ସଜାବଟ, ଭୋଗ ବ୍ୟବସ୍ଥା, ପରିଷ୍କାର ପରିଚ୍ଛନ୍ନତା, ଭିଡ଼ ପରିଚାଳନା, ପାର୍କିଂ ବ୍ୟବସ୍ଥା ଓ ଅନ୍ୟାନ୍ୟ ସମସ୍ତ ସେବାରେ ସ୍ୱେଚ୍ଛାସେବୀମାନଙ୍କର ନିଷ୍ଠା ଓ ସମର୍ପଣ ଉତ୍ସବକୁ ସଫଳ କରିଥିଲା । ବିଦେଶ ମାଟିରେ ସମସ୍ତେ ଏକ ପରିବାର ପରି ମହାପ୍ରଭୁଙ୍କ ସେବାରେ ନିଜକୁ ସମର୍ପିତ କରିଥିବା ଦୃଶ୍ୟ ସମସ୍ତଙ୍କୁ ଭାବବିହ୍ୱଳ କରିଥିଲା । ବାହୁଡ଼ା ଯାତ୍ରା ପରେ ମହାପ୍ରଭୁଙ୍କ ନିକଟରେ ପାରମ୍ପରିକ ଛପନ ଭୋଗ ଅର୍ପଣ କରାଯାଇଥିଲା । ପରେ ସେହି ଭୋଗକୁ ପ୍ରସାଦ ରୂପେ ସମସ୍ତ ଉପସ୍ଥିତ ଭକ୍ତଙ୍କୁ ବଣ୍ଟନ କରାଯାଇଥିଲା । ଶ୍ରୀଜଗନ୍ନାଥ ସେବା ଜର୍ମାନୀର ଟ୍ରଷ୍ଟି ପ୍ରିୟଦର୍ଶନ ସାମଲ ଏହି ଅବସରରେ ଶିବାଳୟମ ମନ୍ଦିର କମିଟି, ଓଡ଼ିଆ ସମାଜ ମ୍ୟୁନିଖର ସମସ୍ତ ସଦସ୍ୟ, ସମସ୍ତ ସ୍ୱେଚ୍ଛାସେବୀ, ଭକ୍ତ, ପ୍ରାୟୋଜକ ଏବଂ ଶୁଭେଚ୍ଛୁମାନଙ୍କୁ ହୃଦୟର ସହ କୃତଜ୍ଞତା ଜଣାଇ କହିଥିଲେ, 'ସମସ୍ତଙ୍କର ନିଃସ୍ୱାର୍ଥ ସେବା, ଏକତା ଓ ସମର୍ପଣ ଯୋଗୁଁ ମ୍ୟୁନିଖରେ ଶ୍ରୀକ୍ଷେତ୍ର ପୁରୀର ତିଥି ଓ ପରମ୍ପରା ଅନୁଯାୟୀ ବାହୁଡ଼ା ଯାତ୍ରାକୁ ସଫଳତାର ସହ ଆୟୋଜନ କରାଯାଇପାରିଲା । ମହାପ୍ରଭୁଙ୍କ କୃପାରୁ ଜର୍ମାନୀ ଏବଂ ସମଗ୍ର ୟୁରୋପରେ ଶ୍ରୀଜଗନ୍ନାଥଙ୍କ ସଂସ୍କୃତି, ପରମ୍ପରା ଓ ସାର୍ବଜନୀନ ବାର୍ତ୍ତାକୁ ପହଞ୍ଚାଇବା ପାଇଁ ଏହି ସେବା ଓ ପ୍ରୟାସ ଆଗାମୀ ଦିନରେ ମଧ୍ୟ ଅବ୍ୟାହତ ରହିବ ।'

# ବେପାର ନାଁରେ ବ୍ୟାପକ ବିକୃତି : ବିଜ୍ଞାପନରେ ରଥାରୂଢ଼ ଠାକୁରଙ୍କ ଚିତ୍ରକୁ ଉଚିତ ଢଙ୍ଗରେ କରାଯାଇନି ପ୍ରଦର୍ଶନ



**ପୁରୀ, ନ୍ୟୁଜ ବ୍ୟୁରୋ** ବିଶ୍ୱବାସୀଙ୍କ ସମ୍ମୁଖରେ ବିବର୍ଣ୍ଣ ହେଉଛି ଶ୍ରୀଜଗନ୍ନାଥ ସଂସ୍କୃତି । ବେପାର ନାମରେ ଚାଲିଛି ବ୍ୟାପକ ବିକୃତି । କେଉଁ ରଥରେ କେଉଁ ଠାକୁରେ ବିରାଜମାନ କରୁଛନ୍ତି ଜଣା ନାହିଁ । କେଉଁ ତିଥିରେ କେଉଁ ପର୍ବ ଓ କ'ଣ ତାର ଅସଲ ରହସ୍ୟ ବୁଝୁନାହାନ୍ତି । ଶ୍ରୀମନ୍ଦିର ସମ୍ପର୍କିତ ପରମ୍ପରାର ନାମକରଣରେ ମଧ୍ୟ ଅସଂଖ୍ୟ ଭୁଲ । ନିଜ ନିଜ ଉତ୍ପାଦର ପ୍ରଚାର ପାଇଁ ଠାକୁରଙ୍କ ନାମରେ ଏହିଭଳି ଭୁଲ୍ ବିଜ୍ଞାପନ ସବୁ ପ୍ରଦର୍ଶିତ ହୋଇଛି । ତାହା ପୁଣି ଖୋଦ୍ ଜଗନ୍ନାଥ ଧାମରେ ଓ ଜନଗହଳିପୂର୍ଣ୍ଣ ସ୍ଥାନରେ । ଯାହାକି ଜଗନ୍ନାଥ ପ୍ରେମୀଙ୍କୁ ଆଘାତ ଦେବା ସହ ଶ୍ରୀମନ୍ଦିର ପରମ୍ପରାକୁ କ୍ଷତି ପହଞ୍ଚାଉଛି । ପୁରୀ ସ୍ୱର୍ଣ୍ଣାଭ ବେଳାଭୂମିରେ ଏକ ନାମୀ କମ୍ପାନୀ ପକ୍ଷରୁ ରଥ ଯାତ୍ରା ୨୦୨୬ ଅବସରରେ ଠାକୁରଙ୍କ ନାମରେ ପ୍ରଦର୍ଶିତ ହୋଇଛି ଅନେକ ସୁଦୃଶ୍ୟ ବୋର୍ଡ଼ । ଏଥିରେ ଶ୍ରୀଜଗନ୍ନାଥଙ୍କ ସଂସ୍କୃତି ଆଧାରିତ ଅନେକ ଯାନିଯାତ୍ରା ଦେଖିବାକୁ ମିଳିଛି । ହେଲେ ସେଥିରେ ରଥ ଯାତ୍ରାକାଳୀନ ଦୃଶ୍ୟରେ ରଥାରୂଢ଼ ଠାକୁରଙ୍କ ଚିତ୍ର ମଧ୍ୟ ଉଚିତ ଢଙ୍ଗରେ ପ୍ରଦର୍ଶିତ ହୋଇନାହିଁ । ଦେବଦଳନ ରଥରେ ମହାପ୍ରଭୁ ଶ୍ରୀଜଗନ୍ନାଥ ଓ ନନ୍ଦିଘୋଷ ରଥରେ ମା'ସୁଭଦ୍ରା ବିଜେ ହୋଇଛନ୍ତି । କୃତ୍ରିମ ବୁଦ୍ଧିମତ୍ତାର ବହୁଳ ବ୍ୟବହାର ଅସଲ ମୂଲ୍ୟବୋଧକୁ କୁଠାରାଘାତ କରୁଛି । କେବଳ ଏତିକି ନୁହେଁ ଓଡ଼ିଆ ଲେଖାରେ ମଧ୍ୟ ଅସଂଖ୍ୟ ଭୁଲ ଦେଖିବାକୁ ମିଳୁଛି । ଏଭଳି ମନମୁଖୀ ପ୍ରଦର୍ଶନ ଦ୍ୱାରା ଲକ୍ଷ ଲକ୍ଷ ଯାତ୍ରୀ ଶ୍ରୀଜଗନ୍ନାଥଙ୍କ ରୀତିନୀତି ନେଇ ଭ୍ରମରେ ପଡୁଛନ୍ତି । ସେହିଭଳି ବନାନଗତ ତ୍ରୁଟି ଯୋଗୁ ଓଡ଼ିଆ ଶବ୍ଦଗୁଡ଼ିକ ମଧ୍ୟ ବିକୃତ ହେଉଛି । ଏସବୁକୁ ନେଇ ସଚେତନ ଜଗନ୍ନାଥ ସଂସ୍କୃତିପ୍ରେମୀ କ୍ଷୋଭ ପ୍ରକାଶ କରୁଛନ୍ତି । ଏନେଇ ଲକ୍ଷ୍ମୀକାନ୍ତ ଷଡ଼ଙ୍ଗୀ କହିଛନ୍ତି, ଅନାବଶ୍ୟକ କୃତ୍ରିମ ବୁଦ୍ଧିମତା (ଏଆଇ) ଅଯଥାରେ ମହାପ୍ରଭୁଙ୍କ ସଂସ୍କୃତି ଓ ଐତିହ୍ୟର ଗରିମା ନଷ୍ଟ କରୁଛି । କମ୍ପାନୀ କର୍ତ୍ତୃପକ୍ଷ ମହାପ୍ରଭୁଙ୍କ ସମ୍ପର୍କିତ ତଥ୍ୟ ପ୍ରକାଶ କରିବାରେ ଘୋର ଅବହେଳା କରୁଛନ୍ତି । ସେମାନଙ୍କ ଖାମଖିଆଲ ମାନସିକତାରୁ ଲୋକେ ଠାକୁରଙ୍କ ଆଧାରିତ ପ୍ରକୃତ କଥା ଜାଣିବା ପରିବର୍ତ୍ତେ ଭୁଲ୍ ତଥ୍ୟ ପାଉଛନ୍ତି । ଏପଟେ ଠାକୁରଙ୍କ ନାମରେ ନିର୍ଦ୍ଧୁମ ବେପାର କରୁଛନ୍ତି ସଂପୃକ୍ତ କମ୍ପାନୀ । ନିଜ ବ୍ରାଣ୍ଡକୁ ଆଗକୁ ନେବାକୁ ଜଗନ୍ନାଥ ସଂସ୍କୃତିକୁ ବିକୃତ କରୁଛନ୍ତି । ଏଭଳି ଦୃଷ୍ଟିକଟୁ ବହୁ ଚିତ୍ର ସୋସିଆଲ ମିଡ଼ିଆରେ ପ୍ରଦର୍ଶିତ ହେଉଥିବା ଲକ୍ଷ୍ୟ କରାଯାଉଛି । ଜଗତରନାଥ ଶ୍ରୀଜଗନ୍ନାଥ । ବିଶ୍ୱବାସୀଙ୍କୁ ଆପଣାଇ ନେବାକୁ ଠାକୁରେ ବାହୁ ପ୍ରସାରିଛନ୍ତି । ଏଣୁ ଠାକୁରଙ୍କ ସଂସ୍କୃତିର ମୌଳିକତା ବଜାୟ ରଖିବା ମଧ୍ୟ ପ୍ରତ୍ୟେକ ଜଗନ୍ନାଥପ୍ରେମୀଙ୍କର ବୋଲି ମତ ପ୍ରକାଶ ପାଉଛି ।

**ପୂର୍ବ ତଟ ରେଳପଥ**

ଟେଣ୍ଡର ସଂ. CAOCRSPBBS-37-2026

**କାର୍ଯ୍ୟର ନାମ :** ପୂର୍ବ ତଟ ରେଳପଥରେ ରୋଡ଼ ଓଭର ବ୍ରିଜ୍ / ରୋଡ଼ ଅଣ୍ଡର ବ୍ରିଜ୍, ଫୁଟ୍ ଓଭର ବ୍ରିଜ୍ର ନିର୍ମାଣ, DPRର ପ୍ରସ୍ତୁତି, ଜଳ ନିଷ୍କାସନର ଉନ୍ନୟନ, ରୋଡ଼ ଓଭର ବ୍ରିଜ୍ / ରୋଡ଼ ଅଣ୍ଡର ବ୍ରିଜ୍ ଏବଂ ଅନ୍ୟାନ୍ୟ ପୁନଃନିର୍ମାଣ ଦ୍ୱାରା 29 ସଂଖ୍ୟକ ଲେଭେଲ କ୍ରସିଙ୍ଗର ଅପସାରଣ ସମ୍ବନ୍ଧୀୟ କାର୍ଯ୍ୟକାରିତା ଅଧ୍ୟୟନ, ବିସ୍ତୃତ ପ୍ରକଳ୍ପ ରିପୋର୍ଟ (DPR), ବିସ୍ତୃତ ଡିଜାଇନ କାର୍ଯ୍ୟ (ଭାଗ-2) ।

**ବିଜ୍ଞାପିତ ମୂଲ୍ୟ (ଟଙ୍କାରେ) :** 8,15,74,599.96, EMD (ଟଙ୍କାରେ): 16,31,500/-, ଶେଷ ହେବା ଅବଧି : 12 ମାସ ।

ବିଡ୍ ଆରମ୍ଭ ହେବା ତାରିଖ : ତା.05.08.2026 ରିଖ
**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ :** ତା.19.08.2026 ରିଖ 1200 ଘଟିକାରେ ।

ଏହି ଟେଣ୍ଡର ସନ୍ଦର୍ଭରେ ମାନୁଆଲ ଅଫରଗୁଡ଼ିକୁ ଅନୁମତି ଦିଆଯିବ ନାହିଁ ଏବଂ ସେହିଭଳି ପ୍ରାପ୍ତ ଯେକୌଣସି ମାନୁଆଲ ପ୍ରସ୍ତାବକୁ ଗ୍ରହଣ କରାଯିବ ନାହିଁ ।

ଟେଣ୍ଡର ନଥିପତ୍ର ସହିତ ସଂପୂର୍ଣ୍ଣ ବିସ୍ତୃତ ବିବରଣୀ www.ireps.gov.inରେ ଉପଲବ୍ଧ ଅଟେ ।

ଉପ ମୁଖ୍ୟ ଯନ୍ତ୍ରୀ/ନିର୍ମାଣ/RSP/ ଭୁବନେଶ୍ୱର

PR-152/CJ/26-27

# କାର୍ଗିଲ ବିଜୟ ଦିବସରେ ସହିଦ ଯବାନଙ୍କ ବଳିଦାନକୁ ନମନ କଲେ ନବୀନ

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

କାର୍ଗିଲ ବିଜୟ ଦିବସରେ ସହିଦ ଯବାନଙ୍କ ବଳିଦାନକୁ ନମନ କରିଛନ୍ତି ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ । ଏନେଇ ସୋସିଆଲ ମିଡିଆ ଏକ୍ସରେ ନବୀନ କହିଛନ୍ତି ଯେ, କାର୍ଗିଲର ଉଚ୍ଚ ପାହାଡ଼ରେ ଅସାଧାରଣ ସାହସର ସହ ଯୁଦ୍ଧ କରି ଆମକୁ ବିଜୟ ଦେଇଥିବା ସମସ୍ତ ବୀର ସୈନିକଙ୍କୁ ମୋର ବିନମ୍ର ଶ୍ରଦ୍ଧାଞ୍ଜଳି । କାର୍ଗିଲ ବିଜୟ ଦିବସ ଅବସରରେ ମୁଁ ସମଗ୍ର ଦେଶ ସହ ମିଶି ମାତୃଭୂମିର ସୁରକ୍ଷା ପାଇଁ ଅତୁଳନୀୟ ସାହସର ସହ ଯୁଦ୍ଧ କରି ସର୍ବୋଚ୍ଚ ବଳିଦାନ ଦେଇଥିବା ସମସ୍ତ ବୀର ସହିଦଙ୍କୁ ଭାବପୂର୍ଣ୍ଣ ଶ୍ରଦ୍ଧାଞ୍ଜଳି ଜଣାଉଛି ।

### ତ୍ରୁଟି ମାର୍ଜନା

'ସମ୍ବାଦ କଳିକା'ର ତା.୨୬.୦୭.୨୬ରିଖ ସଂସ୍କରଣର ୭ମ ପୃଷ୍ଠାରେ ପ୍ରକାଶିତ ବିଏସଏଫ୍ କମାଣ୍ଡାଣ୍ଟ ... ନ୍ୟୁଜରେ ଭୁଲ ବଶତଃ ଅଜିତ ଡୋଭାଲଙ୍କ ଫଟୋଟି ସ୍ଥାନିତ ହୋଇଛି । ଏହି ଅନିଚ୍ଛାକୃତ ତ୍ରୁଟି ପାଇଁ ଆମେ ଦୁଃଖିତ ।

**ବାର୍ତ୍ତା ସମ୍ପାଦକ**

ଭୁବନେଶ୍ୱର, ୨୭ ଜୁଲାଇ, ସୋମବାର, ୨୦୨୬

RNI Regd. No. : 52640/94
Postal Regd. No. : BN/60/25-27





ପୁରୀ : ବଡଦାଣ୍ଡରେ ମାନବୀୟ ଲୀଳାଖେଳା କରୁଛନ୍ତି ମହାପ୍ରଭୁ ଶ୍ରୀଜଗନ୍ନାଥ । ମହାପ୍ରଭୁଙ୍କ ସୁନାବେଶ ସରିବା ପରେ ରବିବାର ଅନୁଷ୍ଠିତ ହୋଇଛି ଅଧରପଣା ନୀତି । ଏଥିପାଇଁ ମହାପ୍ରଭୁଙ୍କ ବିଭିନ୍ନ ନୀତିକାନ୍ତି ସମ୍ପନ୍ନ ହେବା ସହ ଅଧରପଣା ଲାଗି ନିମନ୍ତେ ସେବାୟତମାନଙ୍କ ପକ୍ଷରୁ ଚାଲିଛି ପ୍ରସ୍ତୁତି । (ଫଟୋ : ସମ୍ବାଦ କଳିକା)



ଭାରତର ଜାତୀୟ ସୁରକ୍ଷା ପରାମର୍ଶଦାତା ଅଜିତ ଡୋଭାଲଙ୍କୁ ଆସନ୍ତା ଅଗଷ୍ଟ ୧ ତାରିଖରେ ଲୋକମାନ୍ୟ ତିଳକ ଜାତୀୟ ପୁରସ୍କାରରେ ସମ୍ମାନିତ କରାଯିବ । ଲୋକମାନ୍ୟ ତିଳକ ପାଇଁ ଏହା ଉପଯୁକ୍ତ ଶ୍ରଦ୍ଧାଞ୍ଜଳି । ଅଜିତ ଡୋଭାଲ ନିଜକୁ ରାଷ୍ଟ୍ରକୁ ସୁରକ୍ଷା ଦେବାରେ ନିଜକୁ ଉତ୍ସର୍ଗ କରିଛନ୍ତି । ଏହି ପୁରସ୍କାର ପାଇବାରେ ସେ ଯଥାର୍ଥ ଭାବେ ଯୋଗ୍ୟ । (ଫଟୋ : ସମ୍ବାଦ କଳିକା)

# ଦ୍ୱିତୀୟ ଶ୍ରୀକ୍ଷେତ୍ରରେ ବାହୁଡ଼ା ଯାତ୍ରା ସମ୍ପନ୍ନ

## ଦ୍ୱିତୀୟ ଦିନରେ ଶ୍ରୀ ମନ୍ଦିର ନିକଟରେ ତାଳଧ୍ୱଜ, ଦର୍ପଦଳନ : ସୁଭଦ୍ରାଙ୍କ ରଥ ଟାଣିଲେ ମହିଳା

**ରାଇରଙ୍ଗପୁର(ମୟୂରଭଞ୍ଜ), ୨୬/୦୭ ନ୍ୟୁଜ ବ୍ୟୁରୋ**

ରବିବାର ଦ୍ୱିତୀୟ ଶ୍ରୀକ୍ଷେତ୍ର ବାରିପଦାରେ ମହାପ୍ରଭୁଙ୍କ ଦ୍ୱିତୀୟ ଦିନ ପବିତ୍ର ବାହୁଡ଼ା ଯାତ୍ରା ସମ୍ପନ୍ନ ହୋଇଛି । ଆକାଶରୁ ଯେପରି ପୁଷ୍ପ ରୂପରେ ଖସୁଥିଲା ବୃଷ୍ଟି, ହଜାର ହଜାର ଭକ୍ତଙ୍କ ଗହଳିରେ ବାହୁଡା ଯାତ୍ରାର ପ୍ରଥମ ଦିନ ଗଡିଥିଲା ନନ୍ଦିଘୋଷ ରଥ । ପରେ ପରେ ମହିଳାମାନେ ମହାଆନନ୍ଦରେ ଟାଣି ନେଇଥିଲେ ଦେବୀ ସୁଭଦ୍ରାଙ୍କ ରଥ । ଘଣ୍ଟ ଘଣ୍ଟା, ହରିବୋଲ ହୁଳହୁଳିରେ କମ୍ପୁଥିଲା ରଥଦାଣ୍ଡ । ତେବେ ଦେବୀ ସୁଭଦ୍ରାଙ୍କ ଦର୍ପଦଳନ ରଥ ଶ୍ରୀମନ୍ଦିର ସମ୍ମୁଖରେ ପହଞ୍ଚିବା ପରେ ପରମ୍ପରା ମୁତାବକ ରଥଟଣାକୁ ସ୍ଥଗିତ ରଖାଯାଇଥିଲା । ଦ୍ୱିତୀୟ ଶ୍ରୀକ୍ଷେତ୍ର ବାହୁଡା ଯାତ୍ରାରେ ପ୍ରଥମେ ମହାପ୍ରଭୁ ଜଗନ୍ନାଥ ବାହୁଡିଛନ୍ତି । ନୀତି ନିଘଣ୍ଟ ଅନୁଯାୟୀ, ପ୍ରଥମ ଦିନ ଅପରାହ୍ନ ୨.୩୦ରେ ମହାପ୍ରଭୁ ଜଗନ୍ନାଥଙ୍କ ନନ୍ଦିଘୋଷ ରଥ ଟଣାଯିବା ସହିତ ଶ୍ରୀମନ୍ଦିର ସମ୍ମୁଖରେ ପହଞ୍ଚିଥିଲା । ପରେ ଦେବୀ ସୁଭଦ୍ରାଙ୍କ ଦର୍ପଦଳନ ରଥକୁ ମହିଳା ଶ୍ରଦ୍ଧାଳୁମାନେ ଟାଣି ଟାଣି ନେଇ ରଥକୁ ଆଣିଥିଲେ । ରବିବାର ଅପରାହ୍ନ ୨.୩୦ ସମୟରେ ସେଠାରୁ ମହିଳା ଶ୍ରଦ୍ଧାଳୁମାନେ ଦର୍ପଦଳନ ରଥକୁ ଟାଣି ଟାଣି ଶ୍ରୀମନ୍ଦିରରେ ପହଞ୍ଚାଇବା ପରେ ବଳଭଦ୍ରଙ୍କ ତାଳଧ୍ୱଜ ରଥ ଟଣାଯାଇ ଶ୍ରୀମନ୍ଦିରରେ ପହଞ୍ଚାଯାଇଛି । ଏଥିପାଇଁ ପ୍ରଶାସନ ଓ ପୋଲିସ ପକ୍ଷରୁ ବ୍ୟାପକ ବ୍ୟବସ୍ଥା ଗ୍ରହଣ କରାଯାଇଛି । ରଥାରୂଢ ତିନି ଠାକୁରଙ୍କ ଦର୍ଶନ ଓ ପୂଜା ପାଇଁ ହଜାର ହଜାର ସଂଖ୍ୟାରେ ଭକ୍ତ ଓ ଶ୍ରଦ୍ଧାଳୁଙ୍କ ଗହଳି ଲାଗି ରହିଛି । ସେହିପରି ଦ୍ୱିତୀୟ ଦିନରେ ରାଇରଙ୍ଗପୁର ସହରରେ ମହାପ୍ରଭୁଙ୍କ ପବିତ୍ର ବାହୁଡ଼ା ଯାତ୍ରା ସମ୍ପନ୍ନ ହୋଇଛି । ବାହୁଡ଼ା ଯାତ୍ରାର ପ୍ରଥମ ଦିନରେ ପୁରୁଷ ଭକ୍ତ ମାନଙ୍କ ଦ୍ୱାରା ରଥ ଟଣାଯାଇ ରାଇରଙ୍ଗପୁର ଗୋଲେଇ ନିକଟରେ ରଥ ରହିଥିଲା । ଏହାପରେ ଶନିବାର ସକାଳୁ ରଥାରୁଢ଼ ତିନି ଠାକୁରଙ୍କ ନୀତିକାନ୍ତି ଅନୁଯାୟୀ ପୂଜାର୍ଚ୍ଚନା ହୋଇଥିଲା । ସକାଳୁ ସକାଳୁ ପ୍ରବଳ ବର୍ଷା ସତ୍ତ୍ୱେ ଭକ୍ତ ଓ ଶ୍ରଦ୍ଧାଳୁମାନେ ରଥ ଉପରେ ପୂଜାର୍ଚ୍ଚନା କରିଥିଲେ । ଅପରାହ୍ନ ୪ ଘଟିକା ସମୟରେ ଗୋଲେଇ ନିକଟରୁ ରଥଖଳା ପର୍ଯ୍ୟନ୍ତ ରଥଟଣା କାର୍ଯ୍ୟ ମହିଳା ମାନଙ୍କ ଦ୍ୱାରା ଆରମ୍ଭ ହୋଇଥିଲା । ଶଙ୍ଖ, ହୁଳହୁଳି, ହୋରିବୋଲ, ଘଣ୍ଟ, ଘଣ୍ଟା ଧ୍ୱନି ସହିତ ଜୟ ଜଗନ୍ନାଥ ଜୟ ଜଗନ୍ନାଥ ଧ୍ୱନିରେ ପ୍ରକମ୍ପିତ ହୋଇଥିଲା ରାଇରଙ୍ଗପୁର ରଥଦାଣ୍ଡ । ଶହ ଶହ ସଂଖ୍ୟାରେ ମହିଳା ଭକ୍ତ ଓ ଶ୍ରଦ୍ଧାଳୁମାନେ ରଥ ଟାଣିବା ପାଇଁ ଆଗେଇ ଆସିଥିଲେ । ରଥଖଳାରେ ରଥ ପହଞ୍ଚିଲା ପରେ ଶ୍ରୀଜୀଉମାନଙ୍କର ସୁନାବେଶ ଲାଗି ହୋଇଥିଲା । ସୋମବାର ନିଳାଦ୍ରୀ ବିଜେ ଅନୁଷ୍ଠିତ ହେବ । ଗୋଟି ପହଣ୍ଡିରେ ମହାପ୍ରଭୁ ଶ୍ରୀମନ୍ଦିରକୁ ଯାତ୍ରା କରିବେ । ପରେ ମହାପ୍ରଭୁ ମହାବେଦୀ ଆରୋହଣ କରିବେ । ତେବେ ଏନେଇ ଉତ୍ସବମୁଖର ହୋଇ ଉଠିଛି ରାଇରଙ୍ଗପୁର ସହର ।



# ନ୍ୟୁଜିଲାଣ୍ଡକୁ ଚାଲାଣ ହେଉଥିବା ୫ କୋଟିର ଡ୍ରଗ୍ସ ଜବତ

## ଏନସିବି ଦ୍ୱାରା ଅନ୍ତର୍ଜାତୀୟ ଗ୍ୟାଙ୍ଗ୍‌ର ପର୍ଦ୍ଦାଫାଶ

**ନୂଆଦିଲ୍ଲୀ, ୨୬/୦୭**

ଅନ୍ତର୍ଜାତୀୟ ସ୍ତରରେ ନିଷେଧାଦେଶ ପ୍ରାପ୍ତ ଡ୍ରଗ୍ସ ଚୋରା ଚାଲାଣ କରୁଥିବା ଏକ ବଡ଼ ସିଣ୍ଡିକେଟର ପର୍ଦ୍ଦାଫାଶ କରିଛି ନାର୍କୋଟିକ୍ସ କଣ୍ଟ୍ରୋଲ୍ ବ୍ୟୁରୋ (ଏନସିବି)ର ମୁମ୍ବାଇ ଜୋନାଲ୍ ୟୁନିଟ୍ । ନ୍ୟୁଜିଲାଣ୍ଡକୁ ପଠାଯାଉଥିବା ୩ଟି ଅନ୍ତର୍ଜାତୀୟ କୋରିୟର୍ ପାର୍ସଲରୁ ପ୍ରାୟ ୫ କୋଟି ଟଙ୍କା ମୂଲ୍ୟର ୧୦.୯୯ କିଲୋଗ୍ରାମ "ଏଫିଡ୍ରିନ୍" ଜବତ କରାଯିବା ସହ ଏହି ଘଟଣାରେ ଚେନ୍ନାଇରୁ ଜଣେ ବ୍ୟକ୍ତିଙ୍କୁ ଗିରଫ କରାଯାଇଛି ବୋଲି ରବିବାର ଏନସିବି ପକ୍ଷରୁ ଏହି ସୂଚନା ଦିଆଯାଇଛି । ଗୁପ୍ତ ସୂଚନା ଆଧାରରେ ଏନସିବି ଗତ ଜୁଲାଇ ୨୧ ତାରିଖରେ ଦୁଇଟି ଏବଂ ଜୁଲାଇ ୨୫ ତାରିଖରେ ଆଉ ଗୋଟିଏ କୋରିୟର୍ ପାର୍ସଲକୁ ଜବତ କରିଥିଲା । ପ୍ରଥମ ଦୁଇଟି ପାର୍ସଲକୁ ଯାଞ୍ଚ କରିବା ପରେ ଫ୍ଲୋର୍ ମ୍ୟାଟ୍ ଏବଂ ଲୁଗା ରୋଲଗୁଡ଼ିକ ମଝିରେ ଗୁପ୍ତ ଭାବେ ଲୁଚାଯାଇଥିବା ୭ କିଲୋଗ୍ରାମ ଏଫିଡ୍ରିନ୍ ମିଳିଥିଲା । ପାର୍ସଲ ଗୁଡ଼ିକରେ ଥିବା ସମସ୍ତ କାଗଜପତ୍ର ଓ ଜାଲ୍ ପରିଚୟପତ୍ର ବ୍ୟବହାର କରାଯାଇଥିବା ଜଣାପଡ଼ିଥିଲା । ଏହି ତଥ୍ୟ ଆଧାରରେ ଏନ୍‌ସିବି ଟିମ୍ ଚେନ୍ନାଇର ଟ୍ରିପ୍ଲିକେନ୍ ଅଞ୍ଚଳରେ ଚଢ଼ଉ କରି ଜୁଲାଇ ୨୩ ତାରିଖରେ "ଏସ୍ ହମିଦ୍" ନାମକ ବ୍ୟକ୍ତିଙ୍କୁ ଗିରଫ କରିଥିଲା । ତାଙ୍କ ଘରୁ ପ୍ୟାକିଂ ସାମଗ୍ରୀ, ଡିଜିଟାଲ୍ ଓଜନ ମେସିନ୍, ସିଲିଂ ମେସିନ୍, ଜାଲ୍ ଆଇଡି କାର୍ଡ ଓ ଆପତ୍ତିଜନକ କାଗଜପତ୍ର ଜବତ କରାଯାଇଥିଲା । ହମିଦଙ୍କୁ ଜେରା କରିବା ପରେ ଏନ୍‌ସିବି ମହାରାଷ୍ଟ୍ରର କଲ୍ୟାଣ ଅଞ୍ଚଳରୁ ଜୁଲାଇ ୨୫ ତାରିଖରେ ତୃତୀୟ କୋରିୟର୍ ପାର୍ସଲକୁ ଜବତ କରିଥିଲା । ବେଡ୍‌ସିଟ୍ ଏବଂ ଫୋଟୋ ଫ୍ରେମ୍ ଭିତରୁ ଆଉ ୩.୯୯ କିଲୋଗ୍ରାମ ଏଫିଡ୍ରିନ୍ ଜବତ କରାଯାଇଥିଲା । ସୂଚନା ଅନୁଯାୟୀ, ଏହି ନେଟୱାର୍କଟି ଚେନ୍ନାଇରୁ ପରିଚାଳିତ ହେଉଥିଲା ଏବଂ ସେମାନେ ଧରାପଡ଼ିବା ଭୟରେ ମୁମ୍ବାଇ, ପୁଣେ ଭଳି ଭିନ୍ନ ଭିନ୍ନ ସହରକୁ ଯାଇ ପାର୍ସଲ୍ ବୁକ୍ କରୁଥିଲେ । ଏଥିରେ ସାମିଲ ଥିବା ଅନ୍ୟ ଅଭିଯୁକ୍ତମାନଙ୍କୁ ଚିହ୍ନଟ କରିବାକୁ ତଦନ୍ତ ଜାରି ରହିଛି ।

# ଏସ୍‌ସିବି ମେଡିକାଲ୍‌ରେ ଅକ୍ସିଜେନ୍ ନ ମିଳିବାରୁ ରୋଗୀ ମୃତ୍ୟୁ ଅଭିଯୋଗ : ସ୍ୱାସ୍ଥ୍ୟ ସଚିବଙ୍କୁ ଏନ୍‌ଏଚ୍‌ଆରସିଙ୍କ ନୋଟିସ୍

**କଟକ, ୨୬/୦୭ ନ୍ୟୁଜ ବ୍ୟୁରୋ**

ଏସ୍‌ସିବି ମେଡିକାଲ୍‌ରେ ଅକ୍ସିଜେନ୍ ନ ମିଳିବାରୁ ଜଣେ ରୋଗୀଙ୍କ ମୃତ୍ୟୁ ହେବା ଘଟଣାରେ ଜାତୀୟ ମାନବାଧିକାର କମିଶନ (ଏନ୍‌ଏଚ୍‌ଆରସି) ରାଜ୍ୟ ସ୍ୱାସ୍ଥ୍ୟ ସଚିବଙ୍କୁ ନୋଟିସ୍ କରି ରିପୋର୍ଟ ତଲବ କରିଛନ୍ତି । ଏହି ଘଟଣାରେ ପଦକ୍ଷେପ ଗ୍ରହଣ କରାଯାଇଛି ଯେ, ସେ ସଂକ୍ରାନ୍ତରେ ଚାରି ସପ୍ତାହ ମଧ୍ୟରେ ଜବାବ ରଖିବାକୁ ସ୍ୱାସ୍ଥ୍ୟ ସଚିବଙ୍କୁ ନିର୍ଦ୍ଦେଶ ଦିଆଯାଇଛି । ଆଇନଜୀବୀ ତଥା ମାନବାଧିକାର କର୍ମୀ ଅନୁପ କୁମାର ପାତ୍ର ଦାଖଲ କରିଥିବା ପିଟିସନ୍‌ରେ ଦର୍ଶାଇଛନ୍ତି ଯେ, ଭୁବନେଶ୍ୱର ପୋଖରୀପୁଟ ଅଞ୍ଚଳର ରତ୍ନମଞ୍ଜରୀ ମିଶ୍ରଙ୍କ ସ୍ୱାମୀ ରାମକୃଷ୍ଣ ମିଶ୍ର ଏସ୍‌ସିବିର ନେଫ୍ରୋଲୋଜି ବିଭାଗରେ ଆଡମିସନ୍ ହୋଇଥିଲେ । ଗତ ମାର୍ଚ୍ଚ ୨୫ ତାରିଖ ରାତିରେ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ହଠାତ୍ ବିଗିଡ଼ି ଯାଇଥିଲା । ସେ ନିଶ୍ୱାସ ନେବାରେ କଷ୍ଟ ଅନୁଭବ କରିଥିଲେ । ପରିବାର ଲୋକେ ଏ ସଂକ୍ରାନ୍ତରେ ସେଠାରେ ଉପସ୍ଥିତ ଥିବା ମେଡିକାଲ କର୍ମଚାରୀଙ୍କୁ ଜଣାଇଥିଲେ । ଏକ ଅକ୍ସିଜେନ୍ ସିଲିଣ୍ଡର ନେଇ କର୍ମଚାରୀମାନେ ଆସିଥିଲେ ମଧ୍ୟ ତାହା ଖାଲି ଥିବା ଜଣାପଡ଼ିଥିଲା । ଆଉ ଏକ ସିଲିଣ୍ଡର ଆସିଲାବେଳକୁ ରାମକୃଷ୍ଣଙ୍କ ଦେହାନ୍ତ ହୋଇଯାଇଥିଲା । ଏହି ଘଟଣାକୁ ନେଇ ମେଡିକାଲରେ ଉତ୍ତେଜନା ପ୍ରକାଶ ପାଇଥିଲା । ଆବେଦନକାରୀ ଶ୍ରୀ ପାତ୍ର ଏହି ଘଟଣାର ନିରପେକ୍ଷ ତଦନ୍ତ ଓ ମୃତକଙ୍କ ପରିବାରକୁ ଉପଯୁକ୍ତ କ୍ଷତିପୂରଣ ପାଇଁ ପ୍ରାର୍ଥନା କରିଛନ୍ତି । କମିଶନ୍ ଏହି ଅଭିଯୋଗକୁ ଗ୍ରହଣ କରି ରାଜ୍ୟ ସ୍ୱାସ୍ଥ୍ୟ ସଚିବଙ୍କୁ ରିପୋର୍ଟ ତଲବ କରିଛନ୍ତି ।




## ବଜ୍ରପାତରେ ବାପ-ପୁଅଙ୍କ ମୃତ୍ୟୁ

**କାମାକ୍ଷାନଗର, ୨୬/୦୭ ନ୍ୟୁଜ ବ୍ୟୁରୋ**

ଚାଷ କାମ କରିବାକୁ ବିଲକୁ ଯାଇଥିଲେ ବାପା ଓ ପୁଅ । ହଠାତ୍ ବଜ୍ରପାତର ଶିକାର ହୋଇ ଆଖି ବୁଜିଦେଲେ ବାପା-ପୁଅ । ଏହି ହୃଦୟ ବିଦାରକ ଘଟଣା ଢେଙ୍କାନାଳଜିଲ୍ଲା କାମାକ୍ଷାନଗର ଥାନା ଅନ୍ତର୍ଗତ ବାଲିପଡ଼ା ଗ୍ରାମରେ ଘଟିଛି ।

**ଶ୍ରୀମନ୍ଦିର ହୁଣ୍ଡିରୁ ସଂଗ୍ରହ**

ତାରିଖ :-୨୬/୦୭/୨୦୨୬
୨୭୮୭୩୯.୦୦/- ଟଙ୍କା
ସୁନା:- ଶୂନ୍ୟ
ରୂପା:- ଶୂନ୍ୟ

# ଓଏଏସ୍‌ରୁ ଆଇଏଏସ୍‌କୁ ପଦୋନ୍ନତି ପାଇବେ ୧୫ ଅଧିକାରୀ

## ମଙ୍ଗଳବାର ଭୁବନେଶ୍ୱରରେ ୟୁପିଏସ୍‌ସି ଚୟନ କମିଟି ବୈଠକ

**ଭୁବନେଶ୍ୱର, ୨୬/୦୭ ନ୍ୟୁଜ ବ୍ୟୁରୋ**

ଓଡ଼ିଶାରେ ମୋଟ ୨୪୮ଟି ଆଇଏଏସ୍ କ୍ୟାଡର ପଦ ଅନୁମୋଦିତ ଥିବାବେଳେ ବର୍ତ୍ତମାନ ମାତ୍ର ୨୦୫ ଜଣ ଅଧିକାରୀ କାର୍ଯ୍ୟରତ ଅଛନ୍ତି । ଫଳରେ ୪୩ଟି ପଦ ଖାଲି ରହିଛି । ଅଧିକାରୀ ଅଭାବ ଯୋଗୁଁ ଅନେକ ବରିଷ୍ଠ ଆଇଏଏସ୍‌ଙ୍କୁ ଏକାଧିକ ବିଭାଗର ଦାୟିତ୍ୱ ମିଳିଛି । ଏଥିଯୋଗୁଁ ପ୍ରଶାସନିକ କାର୍ଯ୍ୟ ଭାର ବଢ଼ିବା ସହ ସରକାରୀ କାର୍ଯ୍ୟ ପରିଚାଳନାର ଦକ୍ଷତା ଉପରେ ମଧ୍ୟ ପ୍ରଭାବ ପଡୁଥିବା ନେଇ ଚର୍ଚ୍ଚା ଜୋର ଧରିଛି । ଏହି ସମସ୍ୟାର ସମାଧାନ ପାଇଁ ଓଡ଼ିଶା ପ୍ରଶାସନିକ ସେବାରୁ ଆଇଏଏସ୍‌କୁ ପଦୋନ୍ନତି ପାଇଁ ପ୍ରକ୍ରିୟା ଆରମ୍ଭ ହୋଇଛି । ୟୁପିଏସସି ଚୟନ କମିଟିର ବୈଠକ ନୂଆଦିଲ୍ଲୀ ବଦଳରେ ଭୁବନେଶ୍ୱରରେ ଆସନ୍ତା ୨୮ ତାରିଖରେ ଅନୁଷ୍ଠିତ ହେବ । ୧୫ଟି ଆଇଏଏସ ପଦବୀ ପାଇଁ ମୋଟ ୪୮ ଜଣ ବରିଷ୍ଠ ଓଏଏସ୍ ଅଫିସରଙ୍କ ନାଁ ସର୍ଟଲିଷ୍ଟ ହୋଇଥିବା ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ ସୂଚନା ମିଳିଛି । ଦେଓରଞ୍ଜନ କୁମାର ସିଂହ, ଓଡ଼ିଶା ସରକାରଙ୍କ ଉନ୍ନୟନ କମିଶନର ଭାବେ କାର୍ଯ୍ୟ କରୁଛନ୍ତି । ଏହା ସହିତ ସେ ଆଉ ଦୁଇଟି ବିଭାଗର ଅତିରିକ୍ତ ଦାୟିତ୍ୱରେ ରହିଛନ୍ତି । ଯୋଜନା ଏବଂ ସଂଯୋଜନା ବିଭାଗ ସହିତ ଇସ୍ପାତ ଓ ଖଣି ବିଭାଗର ଅତିରିକ୍ତ ଶାସନ ସଚିବ ଭାବେ ଅତିରିକ୍ତ ଦାୟିତ୍ୱ ନିର୍ବାହ କରୁଛନ୍ତି । ସେହିପରି ୧୯୯୫ ବ୍ୟାଚର ଅତିରିକ୍ତ ମୁଖ୍ୟ ଶାସନ ସଚିବ ହେମନ୍ତ କୁମାର ଶର୍ମାଙ୍କ ପାଖରେ ୪ଟି ଦାୟିତ୍ୱ ରହିଛି । ଶିଳ୍ପ ବିଭାଗ, ଗୃହ ବିଭାଗ ଏବଂ ସୂଚନା ଓ ଲୋକସମ୍ପର୍କ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ସହ ସେ ଆଇପିଆଇସିଓଏଲ୍ ଅଧ୍ୟକ୍ଷ ଦାୟିତ୍ୱରେ ରହିଛନ୍ତି । ସେହିପରି ଡ଼. ଅରବିନ୍ଦ କୁମାର ପାଢ଼ୀ ରାଜ୍ୟ ସରକାରଙ୍କ ଗୁରୁତ୍ୱପୂର୍ଣ୍ଣ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ଅତିରିକ୍ତ ଶାସନ ସଚିବ ସହିତ ଶ୍ରୀମନ୍ଦିର ପ୍ରଶାସନ ଏସ୍‌ଜେଟିଏର ମୁଖ୍ୟ ପ୍ରଶାସକ ପଦ ମଧ୍ୟ ସମ୍ଭାଳୁଛନ୍ତି । ନଗର ଉନ୍ନୟନ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଥିବା ଉଷା ପାଢ଼ୀ ଅତିରିକ୍ତ ଦାୟିତ୍ୱ ଭାବେ ଓଡ଼ିଶା ଶିଳ୍ପ ଭିତ୍ତିଭୂମି ବିକାଶ ନିଗମର ଅଧ୍ୟକ୍ଷ ଭାବରେ କାର୍ଯ୍ୟ କରୁଛନ୍ତି । ଏହା ସହ ଇଡ୍‌କୋ ଅଧ୍ୟକ୍ଷ ଭାବେ ମଧ୍ୟ ସେ କାର୍ଯ୍ୟ କରୁଛନ୍ତି । ପ୍ରଶାସକ ଭୂପେନ୍ଦ୍ର ସିଂହ ପୁନିଆ ବର୍ତ୍ତମାନ କୌଶଳ ବିକାଶ ଓ ବୈଷୟିକ ଶିକ୍ଷା ବିଭାଗର ଶାସନ ସଚିବ ଭାବେ ଦାୟିତ୍ୱ ତୁଲାଉଛନ୍ତି । ଏହାସହ ସେ କ୍ରୀଡ଼ା ଓ ଯୁବ ସେବା ବିଭାଗର ଶାସନ ସଚିବ ଭାବେ ଅତିରିକ୍ତ ଦାୟିତ୍ୱ ପାଇଛନ୍ତି । ସେହିପରି ମୁଖ୍ୟମନ୍ତ୍ରୀଙ୍କ ଅତିରିକ୍ତ ବ୍ୟକ୍ତିଗତ ସଚିବ ଭାବେ ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱରେ ଥିବା ଅନୁପମ ସାହାଙ୍କୁ ମିଳିଛି ଅତିରିକ୍ତ ଦାୟିତ୍ୱ । ନିଜ ପଦ ସହ ଓଡ଼ିଶା ସେତୁ ଏବଂ ନିର୍ମାଣ ନିଗମର ପରିଚାଳନା ନିର୍ଦ୍ଦେଶକ ଭାବେ ଅତିରିକ୍ତ ଦାୟିତ୍ୱରେ ଅଛନ୍ତି । ବର୍ତ୍ତମାନ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ ହେଉଛନ୍ତି ଆର. ଏସ୍. ଗୋପାଳନ । ତାଙ୍କ ନେତୃତ୍ୱରେ ଓଡ଼ିଶାରେ ଜରୁରୀ ଏସ୍‌ଆଇଆର୍ ପ୍ରକ୍ରିୟା ହେଉଛି । ଏହାସହ ସେ ଆବକାରୀ ବିଭାଗର ପ୍ରମୁଖ ଶାସନ ସଚିବ ସହ ଓଏସ୍‌ବିସି ଅଧ୍ୟକ୍ଷ ଭାବେ ମଧ୍ୟ ଦାୟିତ୍ୱ ତୁଲାଉଛନ୍ତି । ବିଷ୍ଣୁପଦ ସେଠୀ ଓଏଫ୍‌ଡିସି ଅଧ୍ୟକ୍ଷ ସହ କେବିକେ ଅଞ୍ଚଳର ମୁଖ୍ୟ ପ୍ରଶାସକ ଅଛନ୍ତି । ପର୍ଯ୍ୟଟନ ବିଭାଗର ଶାସନ ସଚିବ ଥିବା ବଲଓ୍ୱନ୍ତ ସିଂହଙ୍କୁ ଓଡ଼ିଶା ରାଜ୍ୟ ରାଜପଥ ପ୍ରାଧିକରଣର ମୁଖ୍ୟ ଭାବେ ଅତିରିକ୍ତ ଦାୟିତ୍ୱ ମିଳିଛି । ବିଏମ୍‌ସି କମିଶନର ଚଞ୍ଚଳ ରାଣା ବିଡିଏ ଉପାଧ୍ୟକ୍ଷ ସହ ଭୁବନେଶ୍ୱର ସ୍ମାର୍ଟ ସିଟି ଲିମିଟେଡ୍ କାର୍ଯ୍ୟନିର୍ବାହୀ ଅଧ୍ୟକ୍ଷ ଭାବେ କାର୍ଯ୍ୟ କରୁଛନ୍ତି । ଅବସରପ୍ରାପ୍ତ ମୁଖ୍ୟ ଶାସନ ସଚିବ ସହଦେବ ସାହୁ କହିଛନ୍ତି, 'ଏକାଧିକ ପଦରେ କାର୍ଯ୍ୟ କରିବା ବେଳେ କାମ ଚାପ ରହିବା ସ୍ୱାଭାବିକ । ଏହାସହ ସବୁ ବିଭାଗକୁ ସମାନ ସମୟ ଦେଇ କାର୍ଯ୍ୟ କରିବା ମଧ୍ୟ ସମ୍ଭବ ନୁହେଁ । ତେଣୁ କାର୍ଯ୍ୟରେ ଅବହେଳା ମଧ୍ୟ ହୋଇପାରେ । ତେଣୁ ସେମାନଙ୍କ କାନ୍ଧରୁ ଦାୟିତ୍ୱ ହଟେଇବା ପାଇଁ ସରକାର ପଦକ୍ଷେପ ନେବା ଦରକାର । ତେଣୁ ଆଇଏଏସ୍ କ୍ୟାଡରରେ ଅଧିକା ଅଧିକାରୀ ଆବଶ୍ୟକ । ସିଧାସଳଖ ଆଇଏଏସ ନିଯୁକ୍ତି ପ୍ରକ୍ରିୟା ସମୟ ସାପେକ୍ଷ । ତେଣୁ ଆବଶ୍ୟକତାକୁ ଦୃଷ୍ଟିରେ ରଖି ବରିଷ୍ଠ ଓଏଏସ୍ ଅଧିକାରୀଙ୍କୁ ଆଇଏଏସ ଭାବେ ପଦୋନ୍ନତି ବ୍ୟବସ୍ଥା ରହିଛି । କିନ୍ତୁ ଏଥିରେ ମଧ୍ୟ ନିର୍ଦ୍ଦିଷ୍ଟ ଅନୁପାତିକ ସଂଖ୍ୟା ରହିଛି । ବର୍ଷକୁ ପ୍ରାୟ ୧୫ ଜଣ ଓଏଏସ୍‌ଙ୍କୁ ଆଇଏଏସ ଭାବେ ପଦୋନ୍ନତି ମିଳିପାରିବ । ଏହାର ମଧ୍ୟ ଏକ ଲମ୍ବା ପ୍ରକ୍ରିୟା ରହିଛି ।' ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ ମିଳିଥିବା ସୂଚନା ଅନୁସାରେ ଓଡ଼ିଶା ପ୍ରଶାସନିକ ସେବା ବା ଓଏଏସ୍‌ରୁ ଆଇଏଏସ ପାହ୍ୟାକୁ ଉନ୍ନୀତ ହେବା ପାଇଁ ୨୮ ତାରିଖରେ ଭୁବନେଶ୍ୱରରେ ଚୟନ କମିଟିର ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହେବ । ପ୍ରତିବର୍ଷ ଏହି ବୈଠକ ନୂଆଦିଲ୍ଲୀ ୟୁପିଏସସି କାର୍ଯ୍ୟାଳୟରେ ହେଉଥିବାବେଳେ ଚଳିତଥର ଏହା ଭୁବନେଶ୍ୱରରେ ହେବାକୁ ଯାଉଛି । ଏହି ବୈଠକ ପାଇଁ ଆବଶ୍ୟକୀୟ ପ୍ରଶାସନିକ ବ୍ୟବସ୍ଥା ଗ୍ରହଣ କରିବାକୁ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗଙ୍କୁ ଚିଠି ଲେଖି ୟୁପିଏସସି କର୍ତ୍ତୃପକ୍ଷ ଅବଗତ କରିଛନ୍ତି । ୟୁପିଏସସି ସଦସ୍ୟ ସଞ୍ଜୟ ବର୍ମାଙ୍କ ଅଧ୍ୟକ୍ଷତାରେ ହେବାକୁ ଥିବା ଏହି ଚୟନ କମିଟି ବୈଠକରେ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ, ରାଜସ୍ୱ ପର୍ଷଦ ସଦସ୍ୟ ସତ୍ୟବ୍ରତ ସାହୁ, ସାଧାରଣ ପ୍ରଶାସନ ବିଭାଗର ପ୍ରମୁଖ ଶାସନ ସଚିବ ସୁରେଶ କୁମାର ବଶିଷ୍ଠଙ୍କ ସମେତ କେନ୍ଦ୍ର କାର୍ମିକ ମନ୍ତ୍ରଣାଳୟର ଯୁଗ୍ମ ସଚିବ ପାହ୍ୟାର ୨ ଜଣ ଅଧିକାରୀ ଯୋଗ ଦେବେ । ରାଜ୍ୟରେ ୨୦୨୫ ମସିହା ପାଇଁ ୧୫ଟି ଆଇଏଏସ ପଦବୀ ଖାଲି ପଡ଼ିଛି । ୟୁପିଏସସି ନିୟମାନୁସାରେ, ଖାଲି ପଡ଼ିଥିବା ପ୍ରତିଟି ପଦବୀ ପାଇଁ ୩ ଜଣିଆ ଅନୁପାତରେ ମୋଟ ୪୫ ଜଣ ଓଏଏସ୍‌ଙ୍କ ନାଁ ସର୍ଟଲିଷ୍ଟ କରାଯାଇଛି । ପୂର୍ବରୁ ୩ ଜଣ ଓଏଏସଙ୍କ ନାଁ ସିଲ୍ ଲଫାପାରେ ରହିଥିବାରୁ ଏହି ଚୟନ କମିଟି ବୈଠକରେ ମୋଟ ୪୮ ଜଣ ଅଫିସରଙ୍କ ସେବା ରେକର୍ଡ, ଯୋଗ୍ୟତା ଓ ଦକ୍ଷତା ନେଇ ଆଲୋଚନା ଓ ବିଚାରବିମର୍ଶ ହେବ । ଅଫିସରଙ୍କ ଟ୍ରାକ ରେକର୍ଡ, ପ୍ରଦର୍ଶନ ଓ ବରିଷ୍ଠତାକୁ ଆଧାର କରି ୧୫ ଜଣ ଯୋଗ୍ୟ ଓଏଏସ୍‌ଙ୍କୁ ଆଇଏଏସ କ୍ୟାଡରକୁ ଉନ୍ନୀତ କରିବା ପାଇଁ ମନୋନୀତ କରାଯିବ । ରାଜ୍ୟରେ ମୋଟ ମଞ୍ଜୁରୀପ୍ରାପ୍ତ ଆଇଏଏସ ୨୪୮ଟି ପଦବୀ ମଧ୍ୟରୁ ୧୭୩ଟିରେ ସିଧାସଳଖ ନିଯୁକ୍ତି ଏବଂ ୭୫ଟିରେ ରାଜ୍ୟ ପ୍ରଶାସନିକ ସେବାରୁ ପଦୋନ୍ନତି ଭିତ୍ତିରେ ଉନ୍ନୀତ ହେବାର ବ୍ୟବସ୍ଥା ରହିଛି । ଜୁଲାଇ ୨୦ ତାରିଖ ସୁଦ୍ଧା ୨ ଜଣ ଆନ୍ତଃରାଜ୍ୟ କ୍ୟାଡ଼ରର ଆଇଏଏସ ଓ କେନ୍ଦ୍ରୀୟ ଡେପୁଟେସନରେ ଥିବା ଆଇଏଏସଙ୍କୁ ମିଶାଇ ରାଜ୍ୟରେ ମୋଟ ୨୦୫ ଜଣ ଆଇଏଏସ କାର୍ଯ୍ୟରତ ଅଛନ୍ତି ।








**ସଂଗ୍ରହ କରନ୍ତୁ ! ସଂଗ୍ରହ କରନ୍ତୁ !**

ସାପ୍ତାହିକ ସମ୍ବାଦ ପତ୍ରିକା 'ରବିବାସରୀୟ କଳିକା' ରାଜ୍ୟର ସମସ୍ତ ଅଞ୍ଚଳରେ ଉପଲବ୍ଧ । ଏହାକୁ ଭଲ ପାଉଥିବା ପାଠକ ପାଠିକାମାନଙ୍କୁ ଅନୁରୋଧ, ନିକଟସ୍ଥ ପୁସ୍ତକ ଭଣ୍ଡାରକୁ ଯାଇ ସଂଗ୍ରହ କରିନିଅନ୍ତୁ ।

ସମ୍ପର୍କସୂତ୍ର : ପ୍ଲଟ୍ ନଂ.-୪୬୪, ଶହୀଦନଗର, ଭୁବନେଶ୍ୱର-୭୫୧୦୦୭
ଜିଲ୍ଲା- ଖୋର୍ଦ୍ଧା, ଓଡ଼ିଶା, ଦୂରଭାଷ : (୦୬୭୪)୨୫୪୧୪୪୮, ୨୫୪୫୬୭୮
Email : utkaldeepika2016@gmail.com

**ପ୍ରକାଶ ଅପେକ୍ଷାରେ...**

**ମାସିକ ଗଳ୍ପ ପତ୍ରିକା "କଥାକଳିକା"ର ଅଗଷ୍ଟ-୨୦୨୬ ସଂଖ୍ୟା**




**ଏଥର ସଂଖ୍ୟାରେ...**

**ସ୍ମରଣୀୟ କଥା :** ତ୍ରିନାଥ ପଟ୍ଟନାୟକ ।
**ସମକାଳର କଥା :** ନଗେନ୍ଦ୍ର ପଟ୍ଟନାୟକ, ଦାଶରଥୀ ଭୂୟାଁ, ଭାସ୍କର ଜେନା, ଭାଗିରଥୀ ବେହେରା, ଲକ୍ଷ୍ମଣ ସାହୁ, କାଳିକିଙ୍କର, ସଚ୍ଚିଦାନନ୍ଦ କର, ରେବା ପଟ୍ଟନାୟକ, ସଂଯୁକ୍ତା ଦାଶ, ସୁରେଶ ନାଗ, ସୁଚିତ୍ରା ବେହେରା, ପ୍ରତାପ କୁମାର ପଣ୍ଡା ।
**ସାକ୍ଷାତକାର:** ବିଶିଷ୍ଟ ଗାଳ୍ପିକ ରାଜ୍ୟ ବର୍ଦ୍ଧନ ଧଳମହାପାତ୍ର ।
**ପୁସ୍ତକ ସମୀକ୍ଷା :** ଆଷାଢ଼ର ଅଭିସାରିକା ।
**ଅନ୍ୟଭାଷାର କଥା :** ଦେବସ୍ମିତା ବେହେରା ।
**ଯୁବମାନସର କଥା :** ନିର୍ବିକାର ପ୍ରଭାତ, ଲକ୍ଷ୍ମଣ ବେହେରା, କୁନଲତା ତ୍ରିପାଠୀ ।

(ଗାଳ୍ପିକମାନଙ୍କୁ ଅନୁରୋଧ ସେମାନଙ୍କର ଗଳ୍ପ ପରିଚ୍ଛନ୍ନ ଭାବେ ଡିଟିପି କରି ସଂପୂର୍ଣ୍ଣ ଠିକଣା ସହ ମେଲ୍‌ରେ ପଠାଇବାକୁ ହେବ)

**ଯୋଗାଯୋଗ କରନ୍ତୁ**
ପ୍ରସାର ପରିଚାଳକ 'କଥାକଳିକା'
କୋଡ୍ ନଂ - (୦୬୭୪) ୨୫୪୧୪୪୮, ୨୫୪୫୦୪୬,
ଫାକ୍ସ: ୨୫୪୫୬୭୮
E-mail: kathakalika@gmail.com

ପୃଷ୍ଠା-୬୮/ ମୂଲ୍ୟ ୩୦ ଟଙ୍କା ମାତ୍ର
'ସମ୍ବାଦ କଳିକା'ର ସ୍ଥାନୀୟ ପ୍ରତିନିଧି/ ଏଜେଣ୍ଟ/ପତ୍ରିକା ଷ୍ଟଲଙ୍କ ସହ ଯୋଗାଯୋଗ କରନ୍ତୁ । କଥା କଳିକାର ବାର୍ଷିକ ଗ୍ରାହକ ଦେୟ ଟ.୫୦୦/- (୨ଟି ବିଶେଷ ସଂଖ୍ୟା ସହ)